RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -178 ସଂଖ୍ୟା-୧୭୮
ଭୁବନେଶ୍ୱର, ଶୁକ୍ରବାର, ୨୬ ସେପ୍ଟେମ୍ବର ୨୦୨୫
Bhubaneswar, Friday, 26 September, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ବସ-ଟ୍ରକ ଦୁର୍ଘଟଣା, ୫ ମୃତ

## ଆଖିବୁଜିଲେ କଣ୍ଡକ୍ଟର ସହ ୩ ମହିଳା, ୩ ଶିଶୁ ସମେତ ୧୭ ଉର୍ଦ୍ଧ୍ୱ ଗୁରୁତର



କୋଇଡା,୨୫।୯(ନି.ପ୍ର.): ଆଜି ପୂର୍ବାହ୍ନ ୧୦ ଟା ପାଖାପାଖି ସମୟରେ ରାଉରକେଲାରୁ କୋଇଡା ଆସୁଥିବା ଏକ ଘରୋଇ ବସ ଲିଙ୍ଗରାଜ ସହ ଏକ ଲୁହାପଥର ବୋଝେଇ ଟ୍ରକର କେ ବଲାଙ୍ଗ ଥାନା ନିକଟବର୍ତି କେ ବଲାଙ୍ଗ ଜାତୀୟ ରାଜପଥ ୫୨୦ ନମ୍ବରରେ ମୁହାଁମୁହିଁ ଭୟଙ୍କର ଦୁର୍ଘଟଣା ଘଟିଥିଲା। ।ଘଟଣାସ୍ଥଳରେ ବସରେ ଥିବା ୩ ମହିଳା, ବସ କଣ୍ଡକ୍ଟରଙ୍କ ସମେତ ୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ ଶିଶୁ ସମେତ,୫ ଆହତ ଏବଂ ୧୭ ରୁ ଉର୍ଦ୍ଧ୍ୱ ଗୁରୁତର ହୋଇଥିଲେ। ଏତେବଡ ଭୟଙ୍କର ଦୁର୍ଘଟଣା ଏହି ଅଞ୍ଚଳରେ ପୂର୍ବରୁ କେବେ ହୋଇ ନଥିବା ପ୍ରତ୍ୟକ୍ଷଦର୍ଶୀ କୁହନ୍ତି ।ଏଭଳି ଅଭାବନୀୟ ଦୁଃଖଦ ଖବର ପାଇ ବଣେଇ ଏସଡିପିଓ,କୋଇଡା ଥାନାଧିକାରୀ,ଲହୁଣିପଡା ଥାନାଧିକାରୀ, କେ ବଲାଙ୍ଗ ଥାନାଧିକାରୀ,ଅଗ୍ନିଶମ ବିଭାଗ ଏବଂ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସହାୟତାର ହାତ ବଢାଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ କଟର ସାହାଯ୍ୟରେ ଝରକା କାଟି ମୃତାହତ ଓ ପିଡିତ ମାନଙ୍କୁ ଉଦ୍ଧାର କରିଥିଲେ । ସମ୍ପର୍କୀୟଙ୍କ କାନ୍ଦ ବୋବାଳି ରେ ଫାଟି ପଡୁଥିଲା ସମଗ୍ର ଅଞ୍ଚଳ। ଦୁର୍ଘଟଣା ସ୍ଥାନଟି ଲୋକାରଣ୍ୟ ହୋଇପଡିଥିଲା ।ରକ୍ତ ରଞ୍ଜିତ ହୋଇଥିଲା ସ୍ଥାନଟି ଗୁରୁତରଙ୍କୁ କେ ବଲାଙ୍ଗ ପ୍ରାଥମିକ ଚିକିତ୍ସାଳୟ ଏବଂ ଲହୁଣିପଡା ପ୍ରାଥମିକ ଚିକିତ୍ସାଳୟରେରେ ଆଶୁ ଚିକିତ୍ସା କରାଯାଇ ରାଉରକେଲା ସରକାରୀ ହସପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ୫ ଜଣଙ୍କୁ ଲହୁଣିପଡା ପିଏଚ୍‌ସିର ଡକ୍ଟର ମୃତ ଘୋଷଣା କରିଛନ୍ତି ।ଏହାକୁ ନେଇ କେ ବଲାଙ୍ଗ ଥାନାରେ ବସ ଡ୍ରାଇଭର ନାମରେ କେଶ ୨୮୧/୧୨୫(ଏ),/ ୧୨୫( ବି)/୧୦୬(୧)ବିଏନଏସ ରୁଜୁ କରାଯାଇଛି । ଲହୁଣିପଡା ଡାକ୍ତରଖାନାରେ ୫ ଜଣ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଯିବ। ଦୁର୍ଘଟଣାଗ୍ରସ୍ତ ବସ ଏବଂ ଟ୍ରକ କୁ କେ ବଲାଙ୍ଗ ଥାନାରେ ଅଟକ ରଖାଯାଇଛି ।ମୃତକ ହେଲେ ୧- କେ ବଲାଙ୍ଗ ଥାନା ଅନ୍ତର୍ଗତ ମଞ୍ଚବଡା ଗ୍ରାମର ସମର ସିଂ ପୁତ୍ର କରମପାଲ ସିଂ(୨୮),୨- ବସ କଣ୍ଡକ୍ଟର ଲାଠିକଟା ଅଞ୍ଚଳର ଶବର ବଳ(୫୨),୩- କେ ବଲାଙ୍ଗ ଥାନା ଅନ୍ତର୍ଗତ ସାନରକ୍ସି ର ଲିଲମୋହନ ଗୋପୀଙ୍କ ପତ୍ନୀ ପୁଷ୍ପା ଗୋପ(୫୬), ୪-ରକ୍ସି ଅଞ୍ଚଳର ଭୀମ ଠାକୁରଙ୍କ ପତ୍ନୀ ସତ୍ୟଭାମା ଠାକୁର(୫୫) ଏବଂ ୫ - ରକ୍ସି ଅଞ୍ଚଳର ଆଲିଆସ ନାଗଙ୍କ ପତ୍ନୀ ମେରି ନାଗ(୫୦) ।

ସୂଚନାଯୋଗ୍ୟ ଲୁହାପଥର ବୋଝେଇ ପରିବହନ ଗାଡିଯୋଗୁଁ ରକ୍ସି ପାଖରୁ ରେଲୱ୍ୱ ଫାଟକ ସବୁବେଳେ ମନଇଛା ଯାମ ରହୁଛି ।ଚୁନାଘାଟିରୁ କେ ବଲାଙ୍ଗ ଦୁର୍ଘଟଣାର ହଟଷ୍ପଟ୍ ପାଲଟିଛି ।ସବୁବେଳେ ଛୋଟବଡ ଦୁର୍ଘଟଣା ଘଟୁଛି ।ବହୁ ଅମୂଲ୍ୟ ଜୀବନ ନଷ୍ଟ ହେଉଛି ।ଅପରପକ୍ଷରେ ଘରୋଇ ବସ୍ ଯାତାୟତ ପାଇଁ ରାଜ୍ୟ ପରିବହନ ବିଭାଗ ତରଫରୁ ସମୟ ନିର୍ଘଣ୍ଟ କରାଯାଇଛି ।ଠିକ ସମୟରେ ବସ ଚଳାଚଳ ଯେଭଳି କରୁ।କିନ୍ତୁ ଲୁହାପଥର ବ ?ଝେଇ ଟ୍ରକ ଦ୍ୱାରା ରାସ୍ତା ଯାମ୍ ଯୋଗୁଁ ବସ ଠିକ ସମୟରେ ପହଞ୍ଚିବାରେ ବାଧକ ସାଜୁଛି ।ତେଣୁ ବସ ଡ୍ରାଇଭର ସଠିକ ସମୟରେ ପହଞ୍ଚିବା ଏବଂ ରାସ୍ତା ଯାମ୍ ନେଇ ଦୃତଗତିରେ ଚଳାଇବାକୁ ବାଧ ହୋଇ ଦୁର୍ଘଟଣାରେ ଶିକାର ହେଉଛନ୍ତି ।ଅପରପକ୍ଷରେ ଅମାନିଆ ଟ୍ରକ ଡ୍ରାଇଭରଙ୍କ ଦୃତଗତି,ନିଶାଗ୍ରସ୍ତ ଅବସ୍ଥାରେ ଗାଡ଼ି ଚଳାଇବା ଏବଂ ଓଭରଟେକ ନେଇ ଦୁର୍ଘଟଣା ବାରମ୍ବାର ଘଟୁଛି ।ତଦସହ ରାସ୍ତା ଯାମ ଯୋଗୁଁ ସମୟ ମେକ ଅପ୍ କରିବା ପାଇଁ ଭୁଲ ରାସ୍ତାରେ ଯାଇ ପରିବହନ ଗାଡି ଅଧିକାଂଶ ସମୟ ଦୁର୍ଘଟଣାରେ ଶିକାର ହେଉଥିବା ଅଭିଯୋଗ ହେଉଛି।

# ଧର୍ମେନ୍ଦ୍ର ଓ ବୈଜୟନ୍ତଙ୍କୁ ବଡ଼ ଦାୟିତ୍ୱ

**ନୂଆଦିଲ୍ଲୀ,୨୫।୯:** ଆଗାମୀ ବିହାର, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ସଂଗଠନକୁ ମଜବୁତ କରିବା ଏବଂ ନିର୍ବାଚନରେ ଭଲ ପ୍ରଦର୍ଶନ ପାଇଁ ଏହି ପାର୍ଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ପାର୍ଟି ଅଧ୍ୟକ୍ଷ ଜେପି ନଡ୍ଡା ବିଜ୍ଞପ୍ତି ଜାରି କରିଛନ୍ତି। ଦୁଇ ଓଡ଼ିଆ ନେତାଙ୍କୁ ମିଳିଛି ବଡ଼ ଦାୟିତ୍ୱ। ଭାରତୀୟ ଜନତା ପାର୍ଟି (ବିଜେପି) ଓଡ଼ିଶାର ଦୁଇ ନେତାଙ୍କୁ ଦୁଇଟି ରାଜ୍ୟର ଦାୟିତ୍ୱ ସମର୍ପିଛି। ଭାରତୀୟ ଜନତା ପାର୍ଟି (ବିଜେପି) ବିହାର ନିର୍ବାଚନ ପାଇଁ ଏହାର ପ୍ରଭାରୀ ଏବଂ ସହ-ପ୍ରଭାରୀଙ୍କ ନାମ ଘୋଷଣା କରିଛି। ଏଥିସହିତ ତାମିଲନାଡୁର ବି ନିର୍ବାଚନ ପ୍ରଭାରୀଙ୍କ ନାମ ଘୋଷଣା କରିଛି ବିଜେପି।

ବିଜେପି ବିହାର ନିର୍ବାଚନ ପାଇଁ କେନ୍ଦ୍ରମନ୍ତ୍ରୀ ତଥା ଦଳର ବରିଷ୍ଠ ନେତା ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଭାରୀ ଭାବରେ ନିଯୁକ୍ତ କରିଥିବା ବେଳେ

ସି.ଆର. ପାଟିଲ ଏବଂ କେଶବ ପ୍ରସାଦ ମୌର୍ଯ୍ୟଙ୍କୁ ସହ-ପ୍ରଭାରୀ ଭାବରେ ନିଯୁକ୍ତ କରିଛି। ସେହିଭଳି ତାମିଲନାଡୁର ନିର୍ବାଚନ ପ୍ରଭାରୀ ଦାୟିତ୍ୱ ମିଳିଛି ଦଳର ନାମୀ ନେତା ତଥା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ । ଏନେଇ ରାଷ୍ଟ୍ରୀୟ ମହାସିଚିବ ଅରୁଣ ସିଂହ ସୂଚନା ପ୍ରଦାନ କରିଛନ୍ତି।

ସେହି ପରି ପଶ୍ଚିମବଙ୍ଗରେ ମଧ୍ୟ ନୂଆ ନିଯୁକ୍ତି ହୋଇଛି। କେନ୍ଦ୍ର ପରିବେଶ, ବନ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପେନ୍ଦ୍ର ଯାଦବଙ୍କୁ ପଶ୍ଚିମବଙ୍ଗ ପ୍ରଭାରୀ ଦାୟିତ୍ୱ ଦିଆ ।ଯାଇଛି । ଲୋକସଭା ସାଂସଦ ବିପ୍ଳବ କୁମାର ଦେବଙ୍କୁ ପ୍ରଦେଶର ନିର୍ବାଚନ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି ।ବିହାରରେ ବର୍ତ୍ତମାନ ସମୟରେ ଏନଡିଏ ସରକାର ରହିଛି ।ବିଜେପି ୨୦୨୦ ବିଧାନସଭା ନିର୍ବାଚନରେ ୭୪ ଆ।ସନ ମିଳିଥିଲା। ହେଲେ ଆଗାମୀ ନିର୍ବାଚନରେ ପାର୍ଟି ରେକର୍ଡ ସଂଖ୍ୟକ ଆସନ ଅକ୍ତିଆର କରିବା ପ୍ରୟାସରେ ରହିଛି। ବିହାରରେ ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାରଙ୍କ ମୁଖ୍ୟମନ୍ତ୍ରୀ ଅଛନ୍ତି। ସେହିପରି ବିଜେପିରୁ ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନା ଉପ-ମୁଖ୍ୟମନ୍ତ୍ରୀ ରହିଛନ୍ତି।

# ଝାରସୁଗୁଡାରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ଝାରସୁଗୁଡା,୨୫।୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତର ଅବ୍ୟବହିତ ପୂର୍ବରୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାରସୁଗୁଡା ଗସ୍ତ କରିଛନ୍ତି। ସେ ସ୍ୱତନ୍ତ୍ର ବିମାନ ଯୋଗେ ସେ ଝାରସୁଗୁଡା ବିମାନବନ୍ଦରରେ ଅବତରଣ



କରିବା ପରେ ବିଜେପି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହାପରେ ପଣ୍ଡ୍ରିପଥରସ୍ଥିତ ବିଜେପି ପାର୍ଟି ଅଫିସକୁ ମୁଖ୍ୟମନ୍ତ୍ରୀ ଯାଇଥିବା ବେଳେ ସେଠାରେ ଦଳୀୟ ନେତୃବୃନ୍ଦଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି। ଏହାପରେ ମୁଖ୍ୟମନ୍ତ୍ରୀ ଅମଲୀପାଲିସ୍ଥିତ ସଭାସ୍ଥଳରେ ପହଞ୍ଚି ପ୍ରସ୍ତୁତିର ସମୀକ୍ଷା କରିବେ।

ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକାଧିକ ପ୍ରକଳ୍ପର ଲୋକାର୍ପଣ, ଉଦ୍ ?ଘାଟନ ଓ ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦେଶବାସୀଙ୍କୁ ଅନେକ ପ୍ରକଳ୍ପ ଉପହାର ସ୍ୱରୂପ ମିଳିବ। ଏଥିରେ ଓଡିଶାବାସୀଙ୍କ ପାଇଁ ମଧ୍ୟ ଅନେକ ପ୍ରକଳ୍ପ ସାମିଲ ରହିଛି।

ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡା ଆସୁଛନ୍ତି। ସେ ଅମଲୀପାଲିସ୍ଥିତ ପଡିଆରେ ଆୟୋଜିତ ସଭାକୁ ସମ୍ବୋଧିତ କରିବେ। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକାଧିକ ପ୍ରକଳ୍ପର ଲୋକାର୍ପଣ, ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଦେଶବାସୀଙ୍କୁ ଅନେକ ପ୍ରକଳ୍ପ ଉପହାର ସ୍ୱରୂପ ମିଳିବ। ଏଥିରେ ଓଡିଶାବାସୀଙ୍କ ପାଇଁ ମଧ୍ୟ ଅନେକ ପ୍ରକଳ୍ପ ସାମିଲ ରହିଛି।

ଓଡ଼ିଶାରେ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ସଂଯୋଗୀକରଣ ବୃଦ୍ଧି କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ୧,୭୦୦ କୋଟିରୁ ଅଧିକ ମୂଲ୍ୟର ତିନୋଟି ପ୍ରମୁଖ ରେଳ ପ୍ରକଳ୍ପ ଉପହାର ଦେବେ। ଏହି ପଦକ୍ଷେପଗୁଡ଼ିକ ଯାତ୍ରୀ ସୁବିଧା ବୃଦ୍ଧି, ପରିବହନକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟରେ ଆ।ର୍ଥିକ ଅଭିବୃଦ୍ଧି ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ପାଇଁ ପଥ ପରିଷ୍କାର କରିବ।

ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡାରେ ସମୀକ୍ଷା ପୂର୍ବରୁ ଆଜି ପୂର୍ବାହ୍ନରେ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସଭାସ୍ଥଳରେ ପହଞ୍ଚି ସୁରକ୍ଷା ସମ୍ବନ୍ଧୀୟ ସମୀକ୍ଷା କରିଥିଲେ। ବିମାନବନ୍ଦରରୁ ନେଇ ସଭାସ୍ଥଳ ଯାଏଁ ସୁରକ୍ଷା ବ୍ୟବସ୍ଥା କିଭଳି ରହିବ, କେଉଁଠି କ୍ୟାମେରା ଲାଗିବ, କେଉଁଠି ସାଭକୁ ଆସୁଥିବା ଲୋକଙ୍କ ଯାଞ୍ଚ୍ ହେବ ସେନେଇ ଡିଜିପି ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବେଳେ ଏଡିଜି ଆଇନ ଶୃଙ୍ଖଳା ସନ୍ତୋଷ ବାର୍ଲା, ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ, ଝାରସୁଗୁଡା ଏସପି ଜି ଆର ରାଘବେନ୍ଦ୍ର, ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନା, ସୋନପୁର ଏସପି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅଳିଆ ସଫା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୯ :** ସ୍ୱଚ୍ଛତା ହି ସେବା ୨୦୨୫ ଅଭିଯାନ ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପାର୍ଶ୍ୱରେ ଆୟୋଜିତ ଗଣସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି।



ଏହି ଅବସରରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ମେୟର ଏବଂ ସ୍ଥାନୀୟ ଜନସାଧାରଣ ଓ ଛାତ୍ରଛାତ୍ରୀ ସଫେଇ କାର୍ଯ୍ୟ କରିଥିଲେ। ମୁଖ୍ୟମନ୍ତ୍ରୀ ‘ଏକ୍ ପେଡ୍ ମା କେ ନାମ୍ ୨.୦’ କାର୍ଯ୍ୟକ୍ରମ ଅଧିନରେ ସ୍ଥାନୀୟ ଦେବୀପାଦହରା ପୁଷ୍କରିଣୀ ନିକଟରେ ବୃକ୍ଷରୋପଣ କରିଥିଲେ।

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି, ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆଜିର ଦିନଟି ସାଧାରଣ ଦିନ ନୁହେଁ, ଏହା ଆମ ଦେଶର ମହାନ ଚିନ୍ତକ, ରାଷ୍ଟ୍ରଭକ୍ତ ଓ ଆଦର୍ଶବାଦୀ ନେତାଙ୍କୁ ସ୍ମରଣ କରି ତାଙ୍କ ମୂଲ୍ୟବୋଧ ଓ ନୀତିକୁ ଆଗାମୀ ପିଢି ସାମ୍ନାରେ ଉପସ୍ଥାପିତ କରିବାର ଅବସର ଅଟେ। ସେ କହିଥିଲେ ଭାରତୀୟ ସାଂସ୍କୃତିକ ବିଚାରଧାରା ସହିତ ସ୍ୱତନ୍ତ୍ର ଅର୍ଥନୈତିକ ଚିନ୍ତାଧାରାର ପ୍ରସାର କ୍ଷେତ୍ରରେ ଯଦି କାହାର ସର୍ବାଧିକ ଅବଦାନ ଥାଏ ସେ ହେଉଛନ୍ତି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ। ସେ ବିଶ୍ୱାସ କରୁଥିଲେ ଏକାତ୍ମ ମାନବବାଦରେ। ତାଙ୍କର ଚିନ୍ତାଧାରା ଥିଲା ଅନ୍ତ୍ୟୋଦୟ ଅର୍ଥାତ ସମାଜର ସବୁଠୁ ଶେଷ ସୀମାରେ ଥିବା ମଣିଷ ପର୍ଯ୍ୟନ୍ତ ଉନ୍ନତିର ଆଲୋକ ପହଂଚିବା ଆବଶ୍ୟକ। ଦୀନଦୟାଲଙ୍କ ଆଦର୍ଶକୁ ପାଥେୟ କରି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଦେଶରେ ଗୁଡ ଗଭର୍ନାନ୍ସ ପ୍ରତିଷ୍ଠା କରିଥିଲେ। ସାଂପ୍ରତିକ ପରିସ୍ଥିତିରେ ପଣ୍ଡିତ ଦୀନଦୟାଲଙ୍କ ସବୁଠାରୁ ବଡ ଉପାସକ ହେଉଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମ ଓ ଯୋଜନା ସମାଜର ଶେଷ ପାହଚରେ ଥିବା ଗରିବ ଓ ନିଃସହାୟଙ୍କ ପ୍ରତି ଉତ୍ସର୍ଗିକୃତ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପଣ୍ଡିତ ଦୀନଦୟାଲଙ୍କ ଏହି ମହାନ ଚିନ୍ତାଧାରା ଅନ୍ତ୍ୟୋଦୟ ଆଧାରରେ ଆମେ ସମାଜର ଶେଷ ଧାଡିରେ ଥିବା ଲୋକ ପାଖରେ ସମସ୍ତ ମୌଳିକ ସୁବିଧା ପହଂଚାଇବା ପାଇଁ କାର୍ଯ୍ୟରତ ଅଛୁ। ସେ ପୁଣି କହିଥିଲେ ଆଜି ‘ଏକ ଦିନ, ଏକ ଘଂଟା, ଏକ ସାଥିରେ’ ଆମେ ଏଠାରେ ଏକତ୍ରିତ ହୋଇଛୁ। ଏହା ଆମ ପାଇଁ ସଂକଳ୍ପର ଅବସର। ଓଡିଶାକୁ ସମୃଦ୍ଧ ଓଡିଶା ଓ ନୂଆ ଓଡିଶାରେ ପରିଣତ କରିବା ପାଇଁ ଆମ ସମସ୍ତଙ୍କୁ ଆଜି ସଂକଳ୍ପ ନେବାକୁ ପଡିବ। ସ୍ୱଚ୍ଛତା କ୍ଷେତ୍ରରେ ସମସ୍ତଙ୍କୁ ଅଧିକ ସଚେତନ କରାଇବାର ଆବଶ୍ୟକତା ରହିଛି। ସଫେଇ କ୍ଷେତ୍ରରେ ଦେଶର ପ୍ରଥମ ତିନୋଟି ସ୍ଥାନରେ ରହିବା ପାଇଁ ଆମ ସମସ୍ତଙ୍କୁ କାର୍ଯ୍ୟକରିବାକୁ ପଡିବ।

# ପଣ୍ଡିତ ଦୀନଦୟାଲ ଭାରତୀୟ ରାଜନୀତିକୁ ନୂଆ ଦିଗଦର୍ଶନ ଦେଇଥିଲେ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ ଭୁବନେଶ୍ୱର,୨୫।୯(ନି.ପ୍ର.): ମହାନ ବିଚାରକ, ‘ଏକାତ୍ମ ମାନବବାଦ’ର ପ୍ରଣେତା ତଥା ଜନସଂଘର ପ୍ରତିଷ୍ଠାତା ସଦସ୍ୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଭାରତୀୟ ରାଜନୀତିକୁ ନୂଆ ଦିଗଦର୍ଶନ ଦେଇଥିଲେ ବୋଲି ଗୁରୁବାର ତାଙ୍କ ଜୟନ୍ତୀ ଅବସରରେ ଦିଲ୍ଲୀ ଦୀନଦୟାଲ ଉପାଧ୍ୟାୟ ପାର୍କ ସ୍ଥିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଆତ୍ମା ରାମ ସନାତନ ଧର୍ମ କଲେଜରେ ‘ସେବା ପକ୍ଷ’ ଅନ୍ତର୍ଗତ ସ୍ୱଚ୍ଛତା ଅଭିଯାନରେ ଛାତ୍ରଛାତ୍ରୀଙ୍କ ସହ ସାମିଲ ହୋଇ ସଫେଇ କାର୍ଯ୍ୟ କରିଥିଲେ । ସେ କହିଛନ୍ତି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଲକ୍ଷ ଲକ୍ଷ କାର୍ଯ୍ୟକର୍ତ୍ତାମାନଙ୍କ ମାର୍ଗଦର୍ଶକ ଓ ପ୍ରେରଣାଉତ୍ସ । ଏକାତ୍ମ ମାନବବାଦ ଏବଂ ଅନ୍ତ୍ୟୋଦୟ ଭଳି ପ୍ରଗତିଶୀଳ ଚିନ୍ତାଧାରା ମାଧ୍ୟମରେ ଭାରତୀୟ ରାଜନୀତିକୁ ସେ ନୂତନ ଦିଗଦର୍ଶନ ଦେଇଛନ୍ତି । ସେ ବିଶ୍ୱାସ କରୁଥିଲେ ଯେ ସମାଜର ଉନ୍ନତି ସେତେବେଳେ ସମ୍ଭବ ହେବ, ଯେତେବେଳେ ବିକାଶ ଏବଂ କଲ୍ୟାଣ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କ ପାଖରେ ପହଞ୍ଚିବ । ଭାରତୀୟ ରାଜନୀତି ଏବଂ ସମାଜ ପ୍ରତି ତାଙ୍କର ଅବଦାନ ଅବିସ୍ମରଣୀୟ ରହିବ । ତାଙ୍କର ଦୃଷ୍ଟିକୋଣ ସର୍ବଦା ମାନବ ସମାଜକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନ ପାଇଁ ପ୍ରେରଣା ଦେବ ।

ଆତ୍ମା ରାମ ସନାତନ ଧର୍ମ କଲେଜର ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିବା ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସ୍ୱଚ୍ଛତା ଅଭିଯାନକୁ ଦୋହରାଇଥିଲେ ଶ୍ରୀ ପ୍ରଧାନ । ଛାତ୍ରଛାତ୍ରୀମାନଙ୍କୁ ପ୍ରତି ସପ୍ତାହରେ ଅତି କମରେ ଗୋଟିଏ ଘଣ୍ଟା ସ୍ୱଚ୍ଛତା କାର୍ଯ୍ୟରେ ଯୋଗଦାନ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ । ସ୍ୱଚ୍ଛତାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ସହ ଭୋକାଲ ଫର୍ ଲୋକାଲର ଆହ୍ୱାନ କ୍ରମେ ସ୍ୱଦେଶୀ ସାମଗ୍ରୀକୁ ପ୍ରୋତ୍ସାହନ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ ।

# ବର୍ଷା ମୁକାବିଲା ପାଇଁ ୧୮ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୫।୯ : କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ଥିବାବେଳେ ଏହାର ପ୍ରଭାବରେ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ସେପଟେ ହୀରାକୁଦର ଆଜି ଆଉ ୪ଟି ଗେଟ୍ ସମେତ ମୋଟ ୨୦ଟି ଗେଟ୍ ଖୋଲାଯାଇଥିବାରୁ ତଳମୁଣ୍ଡରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ସମ୍ଭାବ୍ୟ ବର୍ଷା ଓ ବନ୍ୟା ସ୍ଥିତିର ମୁକାବିଲା ଆଜି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ସୂଚନା ଅନୁସାରେ, ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ଆଜି ଭିଡିଓ କନଫରେନ୍ସ ମାଧ୍ୟମରେ ୧୮ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ସମ୍ଭାବ୍ୟ ବର୍ଷା ଓ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରିଛନ୍ତି। ଏହି ବୈଠକରେ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ପାଣିପାଗ ବିଭାଗର ନିର୍ଦ୍ଦେଶିକା, ଓସଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ସମେତ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ଼, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ନୂଆପଡ଼ାର ଜିଲ୍ଲାପାଳମାନଙ୍କ ସହ ଭିଡିଓ କନଫରେନ୍ସ ମାଧ୍ୟମରେ ବୈଠକ କରିଥିଲେ। ବିଶେଷ ଭାବେ ପ୍ରଭାବିତ ହେବାକୁ ଥିବା ଜିଲ୍ଲା କୋରାପୁଟ ଓ ମାଲକାନଗିରି ସମେତ ଅନ୍ୟାନ୍ୟ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିଜ ଜିଲ୍ଲାରେ ଉପସ୍ଥିତ ରହି ପରିସ୍ଥିତିର ମୁକାବିଲା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ପଡ଼ିଲେ ଅଗ୍ନିଶମ ସେବା ଓ ଓଡ୍ରାଫ ଟିମଗୁଡ଼ିକୁ ନିୟୋଜିତ କରିବା ସହିତ ଯେକୌଣସି ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ଡ୍ରେନେଜ୍ ଇଞ୍ଜିନିୟର ଓ ପଦାଧିକାରୀମାନଙ୍କୁ ଯନ୍ତ୍ରପାତି ସହ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି।

# ଅଗ୍ନି ପ୍ରାଇମ୍‌ର ପରୀକ୍ଷଣ ସଫଳ

ନୂଆଦିଲ୍ଲୀ,୨୫।୯ : ଭାରତ ପ୍ରଥମ ଥର ଆଜି ରେଳ-ମୋବାଇଲ୍ ଲଂଚର୍ ସିଷ୍ଟମରୁ ମଧ୍ୟମ ଦୂରଗାମୀ ଅଗ୍ନି ପ୍ରାଇମ୍ ବେଲିଷ୍ଟିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି। ୨୦୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ ସହିତଏହା ପରବର୍ତ୍ତୀ ପିଢ଼ିର କ୍ଷେପଣାସ୍ତ୍ର ଉନ୍ନତ ବୈଶିଷ୍ଟ୍ୟ ସହିତ ସଜ୍ଜିତ ଯାହା ଏହାର ସଠିକତା, ଗତିଶୀଳତା ଏବଂ ପ୍ରତିରୋଧକ କ୍ଷମତା ବୃଦ୍ଧି କରେ। ଏହି ଦୀର୍ଘ ଦୂରଗାମୀପରମାଣୁ ସକ୍ଷମ କ୍ଷେପଣାସ୍ତ୍ରକୁ ଦୂରରୁ ନିୟନ୍ତ୍ରଣ କରି ଶତ୍ରୁ ଲକ୍ଷ୍ୟସ୍ଥଳ ବିରୁଦ୍ଧରେ ସଠିକତା ସହିତ ନିକ୍ଷେପ କରାଯାଇପାରିବ ।ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ଏସଏଫସୀଏବଂ ସଶସ୍ତ୍ର ବାହିନୀକୁ ଏହି ସଫଳ ପରୀକ୍ଷଣ ପାଇଁ ଅଭିନନ୍ଦନ ଜଣାଇଛନ୍ତି।

# ‘ଭାରତ ସାମୁଦ୍ରିକ ସପ୍ତାହ ୨୦୨୫’ ପୂର୍ବରୁ ଭୁବନେଶ୍ୱରରେ ପାରାଦୀପ ବନ୍ଦର ପକ୍ଷରୁ ରୋଡସୋ

ଭୁବନେଶ୍ୱର,୨୫।୯ : କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଅଧୀନସ୍ଥ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଆଜି ଭୁବନେଶ୍ୱରରେ ‘ଭାରତୀୟ ସାମୁଦ୍ରିକ କ୍ଷେତ୍ରର ପରିବର୍ତ୍ତିତ ଦିଗ: ପରିମାଣରୁ ଦୂରଦୃଷ୍ଟି ପର୍ଯ୍ୟନ୍ତ’ ବିଷୟବସ୍ତୁ ଉପରେ ଏକ ରୋଡ୍ ଶୋ ସଫଳତାର ସହିତ ଆୟୋଜନ କରିଛନ୍ତି। ଏହି କାର୍ଯ୍ୟକ୍ରମଟି ଭାରତ ସାମୁଦ୍ରିକ ସପ୍ତାହ (ଆଇଏମଡବ୍ଲ୍ୟୁ) ୨୦୨୫ ପୂର୍ବରୁ ଦେଶର ବିଭିନ୍ନ ସ୍ଥାନରେ ଆୟୋଜନ ହେଉଥିବା ବିଭିନ୍ନ ପ୍ରଚାରମୂଳକ କାର୍ଯ୍ୟକ୍ରମ ମଧ୍ୟରେ ଅନ୍ୟତମ । ଏହି ରୋଡଶୋରେ ମୁଖ୍ୟ ଅତିଥି ଭାବେ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ, ଓଡ଼ିଶା ସରକାର ଯୋଗ ଦେଇଥିବାବେଳେ ଡକ୍ଟର ବିଭୁ ପ୍ରସାଦ ତରାଇ, ସାଂସଦ (ଲୋକସଭା); ଶ୍ରୀ ହେମନ୍ତ ଶର୍ମା, ଅତିରିକ୍ତ ମୁଖ୍ୟ ସଚିବ, ଶିଳ୍ପ ବିଭାଗ, ଓଡ଼ିଶା ସରକାର ଏବଂ ଇପିକଲ ଅଧ୍ୟକ୍ଷ; ଏବଂ ଉଷା ପାଢୀ, ପ୍ରମୁଖ ସଚିବ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ, ଓଡ଼ିଶା ସରକାରଙ୍କ ସହିତ ଶିଳ୍ପ ନେତା, ସରକାରୀ ଅଧିକାରୀ ଏବଂ ସାମୁଦ୍ରିକ ମୂଲ୍ୟ ଶୃଙ୍ଖଳାର ଅଂଶୀଦାରମାନେ ଉପସ୍ଥିତ ଥିଲେ।

ଏହି ସମାରୋହରେ ସ୍ୱାଗତ ଭାଷଣ ଦେଇ, ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ୍. ହାରନାଧ ଭାରତର ସାମୁଦ୍ରିକ ଦୃଷ୍ଟିକୋଣ ୨୦୪୭ ଉପରେ ଆଲୋକପାତ କରିବା ସହିତ ସ୍ଥିର ବାଣିଜ୍ୟ ଅଭିବୃଦ୍ଧି, ସ୍ଥାୟୀତ୍ୱ ଏବଂ ଡିଜିଟାଲ୍ ପରିବର୍ତ୍ତନର ବିଶ୍ୱ ସାମୁଦ୍ରିକ ଧାରା ଉପରେ ଆଲୋକପାତ କରିଥିଲେ। ସେ ଏହା ମଧ୍ୟ ସୂଚନା ଦେଇଥିଲେ ଯେ ୨୦୨୦୫ ମସିହାର ୨୭ ତାରିଖରୁ ୩୧ ଅକ୍ଟୋବର ମଧ୍ୟରେ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ଭାରତୀୟ ସାମୁଦ୍ରିକ ସପ୍ତାହ ୨୦୨୫ ଏକ ପାଂଚ ଦିନିଆ ବିଶ୍ୱସ୍ତରୀୟ ଫୋରମ୍ ହେବ ଯାହା ୧୦୦+ ସାମୁଦ୍ରିକ ରାଷ୍ଟ୍ର, ୨୦୦ ଅନ୍ତର୍ଜାତୀୟ ବକ୍ତା, ୫୦୦ ପ୍ରଦର୍ଶକ ଏବଂ ଏକ ଲକ୍ଷ ପ୍ରତିନିଧିଙ୍କ ସହ ଯୋଗଦେବ। ଏହି ଆଲୋଚନାରେ ବନ୍ଦର ଆଧୁନିକୀକରଣ, କ୍ଷମତା ବୃଦ୍ଧି, ସବୁଜ ପରିବହନ ଏବଂ ଜଳବାୟୁ-ସଚେତନ ନୌବାହନ, ଜାହାଜ ନିର୍ମାଣ, ବୀମା ଏବଂ ଆର୍ଥିକ ଏବଂ ସାମୁଦ୍ରିକ ସୁରକ୍ଷାକୁ ନେଇ ଆଲୋଚନା କରାଯିବ, ଯେଉଁଥିରେ ଭାରତର ସାମୁଦ୍ରିକ ରାଜ୍ୟଗୁଡ଼ିକ - ଓଡ଼ିଶା ସମେତ - ପୂର୍ଣ୍ଣ ଅଂଶଗ୍ରହଣ କରିବେ। ଏଥିରେ ମନ୍ତ୍ରଣାଳୟ ୧୦ ଲକ୍ଷ କୋଟି ଟଙ୍କାରୁ



ଅଧିକ ଏମଓୟୁ ଯୋଜନା କରୁଛି, ଯାହା ମଧ୍ୟରୁ ପାରାଦୀପ ବନ୍ଦର ଏକ ଲକ୍ଷ କୋଟିରୁ ଅଧିକ ଆଶା କରୁଛି । ସେ ଗତ ସପ୍ତାହରେ ଗୁଜରାଟର ଭାବନଗରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକଳ୍ପ ପାଇଁ ଓଡ଼ିଶା ସରକାର ସ୍ୱାକ୍ଷର କରିଥିବା ବୁଝାମଣାପତ୍ର କଥା ଉଲ୍ଲେଖ କରିଥିଲେ । ଏସବୁ ଏମଓୟୁ ମଧ୍ୟରେ ରହିଛି ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ବାହୁଡ଼ା ବନ୍ଦର, ମହାନଦୀ ମୁହାଣରେ ୨୪,୭୦୦ କୋଟି ଟଙ୍କାର ଏକ ଜାହାଜ ନିର୍ମାଣ ହବ୍ ଏବଂ ପୁରୀରେ ଏକ କ୍ରୁଜ୍ ଟର୍ମିନାଲ ।

ମୁଖ୍ୟ ଅତିଥି ଓଡ଼ିଶାର ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିଜର ଅଭିଭାଷଣରେ କହିଥିଲେ ଯେ ଭାରତର ପୂର୍ବ ସାମୁଦ୍ରିକ ପ୍ରବେଶପଥ ଏବଂ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିର ବାହକ ହେବା ପାଇଁ ଓଡ଼ିଶାର ପ୍ରସ୍ତୁତି ଜାରି ରହିଛି । ସେ କହିଥିଲେ, ଯେ ଓଡ଼ିଶାର ସାମୁଦ୍ରିକ କ୍ଷେତ୍ରର ଅଭିବୃଦ୍ଧି ଏଜେଣ୍ଡା ବିକଶିତ ଭାରତ ୨୦୪୭ ସହିତ ସମନ୍ୱିତ। ନୀଳ-ଅର୍ଥନୀତିରେ ସୁଯୋଗ ଏବଂ ମହିଳା ଅଂଶଗ୍ରହଣ ସମେତ ଅନ୍ତର୍ଭୁକ୍ତ ଦକ୍ଷତା ଉପରେ ଆଲୋକପାତ କରିବା ସହିତ, ସେ ଦୋହରାଇଥିଲେ ଯେ ପାରାଦୀପ ବନ୍ଦର ଦ୍ୱାରା ପ୍ରସ୍ତାବିତ ବାହୁଡ଼ା ବନ୍ଦର, କେନ୍ଦ୍ରାପଡାରେ ଜାହାଜ ନିର୍ମାଣ ଏବଂ ଜାହାଜ ମରାମତି ପ୍ରକଳ୍ପକୁ ଓଡ଼ିଶା ସରକାର ସବୁପ୍ରକାରର ସହଯୋଗ ଯୋଗାଇଦେବେ । ଏସବୁ ପ୍ରକଳ୍ପ ୨୦୩୬ର ବିକଶିତ ଓଡ଼ିଶା ଦୃଷ୍ଟିକୋଣକୁ ଆଗେଇ ନେବ ବୋଲି ସେ କହିଥିଲେ । ଏହି ଅବସରରେ ସାଂସଦ (ଲୋକସଭା) ଡକ୍ଟର ବିଭୁ ପ୍ରସାଦ ତରାଇ ତାଙ୍କ ଭାଷଣରେ ରାଜ୍ୟରେ ବନ୍ଦର ଏବଂ ସାମୁଦ୍ରିକ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ମିଳିତ ପଦକ୍ଷେପକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଏହିପରି ସହଯୋଗମୂଳକ ପ୍ରୟାସ ଓଡ଼ିଶାକୁ ଏକ ପ୍ରମୁଖ ସାମୁଦ୍ରିକ କେନ୍ଦ୍ର ଭାବରେ ଉଭା ହେବା ପାଇଁ ପଥ ପ୍ରଶସ୍ତ କରୁଛି ।ସମାବେଶକୁ ସମ୍ବୋଧିତ କରି, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ, ଓଡ଼ିଶା ସରକାରଙ୍କ ଭିଜନ ଓଡ଼ିଶା ୨୦୩୬ ଏବଂ ୨୦୪୭ ରେ ସ୍ଥିର ଏକ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଏବଂ ଅନ୍ତର୍ଭୁକ୍ତ ସାମୁଦ୍ରିକ କ୍ଷେତ୍ର ଗଠନ ପାଇଁ ରାଜ୍ୟର ଦୃଷ୍ଟିକୋଣକୁ ବର୍ଣ୍ଣନା କରିଥିଲେ। ଆଧୁନିକୀକରଣ, ନୂତନ ଭିତ୍ତିଭୂମି ଏବଂ ପ୍ରସ୍ତାବିତ ଓଡ଼ିଶା ସାମୁଦ୍ରିକ ବୋର୍ଡ ମାଧ୍ୟମରେ ୨୦୪୭ ସୁଦ୍ଧା ବନ୍ଦର କ୍ଷମତାକୁ ବର୍ତ୍ତମାନର ବାର୍ଷିକ ୮୦ ନିୟୁତ ଟନରୁ ବାର୍ଷିକ ୫୦୦ ନିୟୁତ ଟନକୁ ବିସ୍ତାର କରିବା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ ହୋଇଥିବା ସେ ଉଲ୍ଲେଖ କରିଥିଲେ। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣକୁ ସାକାର କରିବା ପାଇଁ ବନ୍ଦର-ନେତୃତ୍ୱାଧୀନ ବିକାଶ କେନ୍ଦ୍ରବିନ୍ଦୁ ବୋଲି ଉଲ୍ଲେଖ କରି, ସେ ଅଧିକ ଘରୋଇ ଅଂଶଗ୍ରହଣ, ସ୍ଥିର ଭିତ୍ତିଭୂମି ଏବଂ ନବସୃଜନ ପାଇଁ ଆହ୍ୱାନ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସେ ସାମୁଦ୍ରିକ କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଦ୍ୱାରା ଅଭିବୃଦ୍ଧି କେବଳ ସ୍ଥାୟୀ ନୁହେଁ ବରଂ ଅନ୍ତର୍ଭୁକ୍ତ ହୋଇପାରିବ ।ଏହି ସମାରୋହରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଏବଂ ଇପିକଲର ଅଧ୍ୟକ୍ଷ ଶ୍ରୀ ହେମନ୍ତ ଶର୍ମା ତାଙ୍କ ଭାଷଣରେ କହିଥିଲେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଏବଂ ସାମୁଦ୍ରିକ କ୍ଷେତ୍ର ମଧ୍ୟରେ ଗଭୀର ସମନ୍ୱୟ ରହିଛି, ଉଭୟ ପରସ୍ପରର ଅଭିବୃଦ୍ଧିକୁ ଚାଳିତ କରନ୍ତି । ସେ ଗୁରୁତ୍ୱାରୋପ କରିଥିଲେ ଯେ ୮-୯% ହାରରେ ଅଭିବୃଦ୍ଧିଶୀଳ ଏବଂ ଜାତୀୟ ହାରକୁ ପଛରେ ପକାଇ ଓଡ଼ିଶାର ଅର୍ଥନୀତିକୁ ଗତି ବଜାୟ ରଖିବା ପାଇଁ ଏକ ଦୃଢ଼ ବିଶ୍ୱ ମୂଲ୍ୟ ଶୃଙ୍ଖଳରେ ସ୍ଥାପିତ ହେବା ଆବଶ୍ୟକ। ସେ ଆହୁରି ସୂଚନା ଦେଇଥିଲେ ଯେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ସହିତ ସମ୍ପ୍ରତି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରେ ନିବେଶକମାନେ ଜାହାଜ ନିର୍ମାଣ ଏବଂ ଜାହାଜ ମରାମତି ସୁବିଧା ପାଇଁ ପୂର୍ବରୁ ଧାଡ଼ି ବାନ୍ଧିଛନ୍ତି।



# ଦିନ ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଡେଲାଙ୍ଗ,୨୫।୯:(ମନ୍ଥନ)ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଉପଲକ୍ଷେ ଖେଲଉର ଗ୍ରାମପଂଚାୟତସ୍ଥିତ ଖେଲଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥୀଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ରାଷ୍ଟ୍ରବାଦୀ ମହାନ ଜନନାୟକ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ଜୀବନୀ ସମ୍ପର୍କରେ ମତବ୍ୟକ୍ତ ରଖିଥିଲେ ।ଏହି ଅବସରରେ ବିଦ୍ୟାଳୟ ପରିସର ସ୍ୱଚ୍ଛ କରାଯିବା ସହ ବିଭିନ୍ନ ପ୍ରକାର ବୃକ୍ଷର ଚାରା ରୋପଣ କରାଯାଇଥିଲା ।



ଅନ୍ୟମାନଙ୍କ ମଧ୍ୟରେ ରେଂଚ ପଂଚାୟତ ସରପଂଚ ହରିହର ସ୍ୱାଇଁ,ବରିଷ୍ଠ ବିଜେପି ନେତା ସୁଧାଂଶୁ ଶେଖର ପରିଡା,ମିଟୁ ମିଶ୍ର,ଲକ୍ଷ୍ମୀଧର ମିଶ୍ର,ଶଶିଭୁଷଣ ମହାନ୍ତି ,ବେଣୁଧର ମଙ୍ଗରାଜଙ୍କ ସମେତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁର୍ଯ୍ୟନାରାୟଣ ସେଠୀ,ପ୍ରଦୀପ ପଣ୍ଡା, ବିଶ୍ୱନାଥ ପ୍ରଧାନ, ମଞ୍ଜୁଲତା ସାହୁ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ ।

# ରାସ୍ତାକଡକୁ ଓଲଟିଲା ୪୦୭ ଗାଡି ଅଳ୍ପକେ ବର୍ତ୍ତିଲା ୪ଜୀବନ

ଡେଲାଙ୍ଗ,୨୫।୯:(ମନ୍ଥନ)ଡେଲାଙ୍ଗ ବ୍ଲକ ଅର୍ନ୍ତଗତ ବେରବୋଇ ମଣିଜିପୁର ଧାନକେରା ରାସ୍ତାର ନିମାଦେଇକୋଣ ଛକ ଠାରେ ରାସ୍ତା କଡକୁ ଓଲଟିଲା ୪୦୭ ମିନି ଟ୍ରକ ଗାଡି ।ତା ଭିତରେ ଥିବା ୪ଜଣ ବ୍ୟକ୍ତି ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ ।ତେବେ ମିଳିଥିବା ସୁଚନା ମୁତାବକ ମିନି ଟ୍ରକ ଗାଡିଟି ଇଟା ବୋଝେଇ କରି ଧାନକେରା ଯାଇଥିଲା ।ସେଠାରେ ଇଟା ଅନଲୋଡ କରି ଫେରୁଥିବା ସମୟରେ ଖାଲି ଗାଡିଟି ନିମାଦେଇକୋଣ ଠାରେ ରାସ୍ତାକଡ ଖାଲକୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା ।ଗାଡି ଭିତରେ ଥିବା ଡ୍ରାଇଭର ସମେତ ୪ଜଣ ବ୍ୟକ୍ତି ଗାଡି କାଚ ଭାଙ୍ଗି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ । ଆହତ ହୋଇଥିବା ବ୍ୟକ୍ତିଙ୍କୁ ନିକଟସ୍ଥ ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଛି ।

# ସୁସ୍ଥ ନାରୀ ଏବଂ ସଶକ୍ତ ପରିବାର’ ଅଭିଯାନ

ଅନୁଗୋଳ,୨୫।୯:(ମନ୍ଥନ)ସୁସ୍ଥ ନାରୀ ଏବଂ ସଶକ୍ତ ପରିବାର’ଅଭିଯାନ ଅଧିନରେ ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ, ଅନୁଗୋଳର ଆନୁକୁଲ୍ୟରେ ଏକ ରକ୍ତ ଦାନ ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅନୁଗୋଳର ଓଡିଶାରକ୍ତ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଶିବିରରେ ଜିଲ୍ଲାପାଳ ଶ୍ରୀ ଅବଦାଲ୍‌ମୁହମ୍ମଦ୍ ଅଖତର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ, ବିଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀମତୀ ଇତିଶ୍ରୀ ଗାଗରାଇ, ଜିଲ୍ଲା ଶ୍ରମ ଅଧିକାରିଣୀ(କଲ୍ୟାଣ) ଶ୍ରୀମତୀ ଲିରିକା ରାୟ, ଜିଲ୍ଲା ଶ୍ରମ ଅଧିକାରିଣୀ (ପ୍ରବର୍ତ୍ତନ) ଶ୍ରୀମତୀ ପ୍ରିୟମ୍ବଦା ସ୍ୱାଇଁ, ସହକାରୀ ଶ୍ରମ ଅଧିକାରୀ ଶ୍ରୀ ଦେବ ପ୍ରସାଦ ମହାନ୍ତିଙ୍କ ସମେତ ଶ୍ରମବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅଭିଯାନରେ ୭୫ ଜଣ ମହିଳା ନିର୍ମାଣ ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ ପରିକ୍ଷା କରିବା ସହିତ ୧୫ ୟୁନିଟ୍ ରକ୍ତ ସଂଗ୍ରହହୋଇଥିଲା ।

# ସାରର ଅଭାବୀ ବିକ୍ରି ଏବଂ ଅଘୋଷିତ ବିଦ୍ୟୁତ କାଟ ବିରୁଦ୍ଧରେ କଂଗ୍ରେସର ପ୍ରତିବାଦ, ଦାବିପତ୍ର ପ୍ରଦାନ

ବୁଗୁଡା, ୨୫।୯:(ମନ୍ଥନ)ସମ୍ପ୍ରତି ବୁଗୁଡା ଅଞ୍ଚଳରେ ଯୁରିଆ। ସାରର କଳାବଜାରୀ ଓ ଅଭାବୀ ବିକ୍ରି ସାଙ୍ଗକୁ ଅଘୋଷିତ ବିଦ୍ୟୁତ କାଟ ବିରୁଦ୍ଧରେ ବୁଗୁଡା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ଏବଂ ବିଡିଓଙ୍କୁ ଦାବିପତ୍ର ପ୍ରଦାନ ସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ପ୍ରଦର୍ଶନ ପ୍ରଦାନ କରିଥିବା ଜଣାଯାଇଛି ।ବୁଗୁଡା ଅଞ୍ଚଳରେ ଚାଷୀଙ୍କ ଉତ୍କଟ ସାର ସମସ୍ୟା ଏବଂ ସାଂଘାତିକ ବିଦ୍ୟୁତ ବିଭ୍ରାଟକୁ ନେଇ କଂଗ୍ରେସ ଦଳର ବିକ୍ଷୋଭକାରୀମାନେ ପ୍ରଥମେ ତହସିଲଦାର ତାପସ ରାଉତଙ୍କୁ ଦାବିପତ୍ର ପ୍ରଦାନ କରି ଏକ ଶୋଭାଯାତ୍ରାରେ ଯାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ବିଡିଓ ଦୁତିକୃଷ୍ଣ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।ଉକ୍ତ ବିକ୍ଷୋଭ ଶୋଭାଯାତ୍ରା ଓ ପ୍ରତିବାଦ ପ୍ରଦର୍ଶନୀରେ କଂଗ୍ରେସର ଜାନକୀ ବଲ୍ଲଭ ରାଉତ,ପିସିସି ସଦସ୍ୟ ସୁଜିତ କୁମାର ସ୍ୱାଇଁ, ପ୍ରାକ୍ତନ କାଉନସିଲର ସିମାଞ୍ଚଳ ଖଟେଇ, ଶଙ୍କର ବେହେରା, ମାନସ ରଞ୍ଜନ ଦାଶ, ସୁବ୍ରତ କୁମାର ପଟ୍ଟନାୟକ, ଦିଲ୍ଲୀପ କୁମାର ଦାଶ, ଅଶୋକ କୁମାର ବିଷୋୟୀଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ ।

# ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ବୁଗୁଡା,୨୫।୯:(ମନ୍ଥନ)ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୋଲିସ ଜନୈକ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛ ।ଗିରଫ ଯୁବକ ଜଣକ ହେଲେ ବି.କରଡ଼ାବାଡ଼ି ଗ୍ରାମର ବିପିନ ଗୌଡ(୨୪) ।ଦୁଷ୍କର୍ମକାରୀ ବିପିନର ବିରୁଦ୍ଧରେ ନାବାଳିକାଙ୍କ ମାଆଙ୍କ ଅଭିଯୋଗ କ୍ରମେ ପୋଲିସ ଥାନାରେ କେସ୍ ନଂ ୫୩୬/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି ।ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତକୁ ବ୍ରହ୍ମପୁରସ୍ଥ ପସ୍କୋ କୋର୍ଟକୁ ଚାଲାଣ କରାଯାଇଥିବା ଜଣାଯାଇଛି ।

# ଗୋଲିଆ ଗାଁରେ ଶ୍ୟାମାକାଳୀ ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡା, ୨୫।୯:(ମନ୍ଥନ)ବୁଗୁଡ଼ା ବ୍ଲକ ଗୋଲିଆ। ଗ୍ରାମରେ ପବିତ୍ର ଦୀପାବଳି ଉତ୍ସବ ଅବସରରେ ମା’ ଶ୍ୟାମାକାଳୀଙ୍କ ପୂଜା ଉପଲକ୍ଷେ ତେଲୁଗୁ ସାହି ଅସ୍ଥାୟୀ ପୂଜା ମଣ୍ଡପଠାରେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଲଙ୍ଗଳେଶ୍ୱର ପାଠାଗାର ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଗୋଦାବରୀଶ ହୋତା ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିବା ବେଳେ ପାଠାଗାର ସଭାପତି ଶିବ ଶଙ୍କର ମହାପାତ୍ର କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ପବିତ୍ର ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟଗଣ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ ।

# ବିପୁଳ ବାଣ ଜବତ

ରାଜଗାଙ୍ଗପୁର,୨୫।୯:(ମନ୍ଥନ) ରାଜଗାଙ୍ଗପୁର ପୁଲିସ ସହରର ବଗିଚାପଡ଼ାରେ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିଛି। ସହରରେ ବେଆଇନ ବାଣ ମହଜୁଦ ରଖାଯାଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାଶ ସନ୍ଧାରେ ବଗିଚାପଡା ଅଞ୍ଚଳର ଜଣେ ବ୍ୟବସାୟୀଙ୍କ ଗୋଦାମରେଚଢଉ କରିଥିଲେ ।ଏହା ସହ ବିକ୍ରି ପାଇଁ ରଖାଯାଇଥିବା ବିଭିନ୍ନ ପ୍ରକାରର ବାଣ ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପୁଲିସ ଅନୁମାନ କରୁଛି।ଏହି ଘଟଣାରେ ପୁଲିସ ତଦନ୍ତ ଜାରି ରଖିଛି। ବିନା ଲାଇସେନ୍ସରେ ବେଆଇନ ବାଣ ବିକ୍ରି କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ନବରାତ୍ର ପାଇଁ କ୍ଷେତ୍ରେଶ୍ୱରୀ ମା ବିରଜାଙ୍କର ପୀଠ ଚଳଚଞ୍ଚଳ

ଯାଜପୁର,୨୫।୯:(ମନ୍ଥନ) ନବରାତ୍ରର ତୃତୀୟ ଦିବସରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ପୀଠ ଉତ୍ସବ ମୁଖର ହୋଇ ଉଠିଛି ।ଭାରତ ବର୍ଷ ର ୫୧ଟି ଶକ୍ତିପୀଠ ମଧ୍ୟରୁ ମା ବିରଜାଙ୍କ ପୀଠ ଅନ୍ୟତମ। ପ୍ରତିକୂଳ ପାଗ ସତ୍ତ୍ୱେ ଏହି ନବରାତ୍ର ଅବସର ରେ ମାଙ୍କ ଗର୍ଭ ଗୃହରେ ଭକ୍ତ ମାନେ ପ୍ରବେଶ କରି ମାଙ୍କ ମୁଖ ଦର୍ଶନ ସହ ପାଦ ସ୍ପର୍ଶ କରିବାକୁ ଭକ୍ତ ମାନଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ମାଙ୍କ ଷୋଡଶ ଉପଚାର ପୂଜା ଜାରି ରହିଥିବା ବେଳେ ପ୍ରତିପଦ ଠାରୁ ମା ବିରଜାଙ୍କର ନବଦିବସୀୟ ରଥଯାତ୍ରା ଆରମ୍ଭ ହୋଇଛି ।ଅପରାହ୍ନ ରେ ମାଙ୍କ ଚଳନ୍ତି ପ୍ରତିମାଙ୍କୁ ରଥାରୁଢ଼ କରାଯାଇ ରଥ ଟଣା କାର୍ଯ୍ୟ ଅନୁଷ୍ଠିତ ହେବ ।ବିଶ୍ୱାସ ରହିଛି ଏହି ନଅଦିନ ଧରି ଚାଲିଥିବା ପୂଜା ସମୟରେ ମାଙ୍କ ମୁଖ ଦର୍ଶନ କଲେ କୋଟି ଜନ୍ମର ପୂଣ୍ୟ ମିଳିଥାଏ । ମନ୍ଦିର ପ୍ରଶାସନ ପକ୍ଷ ରୁ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

# ଅନୁଗୁଳରେ ବିଜେପିର ସାମ୍ବାଦିକ ସମ୍ମିଳନୀ

ଅନୁଗୁଳ,୨୫।୯:(ମନ୍ଥନ)ଜିଏସଟି ସଂସ୍କାର ୨.୦ ମୋଦୀ ସରକାରଙ୍କ ଐତିହାସିକ ନିଷ୍ପତ୍ତି ।୫୬ତମ ଜିଏସଟି ପରିଷଦ ବୈଠକରେ ହୋଇଥିବା ନିଷ୍ପତ୍ତି ଦ୍ୱାରା ସାଧାରଣ ନାଗରିକମାନେ ବିଶେଷ ଭାବରେ ଲାଭବାନ ହେବା ସହ ଗାଁରୁ ଦେଶ ପର୍ଯ୍ୟନ୍ତ ଅର୍ଥନୀତିକୁ ବଳ ମିଳିବ ବୋଲି ଗୁରୁବାର ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ଯୋଗଦେଇ ପ୍ରକାଶ କରିଛନ୍ତି ।ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର ସେ ଆହୁରି କହିଛନ୍ତି ଯେ ଭାରତ ଜର୍ମାନୀକୁ ପଛରେ ପକାଇ ୪.୨ ଟ୍ରିଲିୟନ ଆମେରିକୀୟ ଡଲାର ସହ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତିର ଦେଶ ହୋଇଛି ।ଆଗାମୀ ଦୁଇରୁ ୩ ବର୍ଷ ମଧ୍ୟରେ ଆମର ଅର୍ଥନୀତି ୭ ଟ୍ରିଲିୟନ ଆମେରିକୀୟ ଡଲାର ହେବ ଏବଂ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ହେବ ।ସେ ଆହୁରି କହିଛନ୍ତି ଯେ ପୂର୍ବରୁ ଅର୍ଥନୀତିକୁ ବୁଝିବାକୁ ହେଲେ ରପ୍ତାନୀ ଓ ଆମଦାନୀକୁ ବୁଝିବାକୁ ହେବ ।୨୦୧୩-୧୪ରେ ଦେଶର ରପ୍ତାନୀ ପରିମାଣ ୪୬୬.୨୨ ବିଲିୟନ ଆମେରିକୀୟ ଡଲାର ଥିବା ବେଳେ ଆଜି ତାହା ୭୭ ପ୍ରତିଶତ ବଢି ୮୨୪.୯ ବିଲିୟନ ଆମେରିକୀୟ ଡଲାର ହୋଇଛି ।ଭାରତର ଆର୍ଥିକ ଅଭିବୃଦ୍ଧି ୬.୩ ପ୍ରତିଶତରୁ ୬.୮ ପ୍ରତିଶତ ହୋଇଛି ।ସେହିପରି ୨୦୧୯ରେ ଦେଶରେ ପ୍ରାୟ ୪.୯ କୋଟି ନିବେଶକ ଥିଲେ ।ଏହି ସଂଖ୍ୟା ୫ ବର୍ଷରେ ୩ ଗୁଣା ବଢି ୧୩.୨ କୋଟି ହୋଇଛି ।ଏହା ହିଁ ଜିଏସଟି କ୍ରିୟାନ୍ୱୟନର ବଡ ଉପଲବ୍ଧି ।ସେ ଆହୁରି କହିଛନ୍ତି ଯେ



ଦେଶରେ ବିଦେଶ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ବା ଏଫଡିଆଇ ୨୦୧୩-୧୪ ବର୍ଷରେ ୩୬.୦୫ ବିଲିୟନ ଆମେରିକୀୟ ଡଲାର ଥିଲା ।ଏହି ସଂଖ୍ୟା ଦୁଇ ଗୁଣା ହୋଇ ୮୧.୦୪ ବିଲିୟନ ଆମେରିକୀୟ ଡଲାର ହୋଇଛି ।ଦେଶର ଜିଡିପି ହାର ୨୦୧୪-୧୫ରେ ୧୦୬.୫୭ କୋଟିରୁ ତିନିଗୁଣା ବଢି ୩୩୧,୦୩ କୋଟି ହୋଇଛି ।ଆମ ଦେଶରେ ବୈଦେଶିକ ମୁଦ୍ରା ଭଣ୍ଡାର (ଫରେକ୍ସ ରିଜର୍ଭ) ୬୯୭.୯ ବିଲିୟନ ଆମେରିକୀୟ ଡଲାର ବଢିଛି ।ମୁଦ୍ରା ସ୍ଫିତି ନିୟନ୍ତ୍ରଣ ହୋଇଛି ।୨୦୨୦ରେ ଜିଏସଟି କଲେକ୍ସନ ୧୧ ଲକ୍ଷ କୋଟି ହୋଇଥିବା ବେଳେ ଏବେ ତାହା ବଢି ୨୨ ଲକ୍ଷ କୋଟି ହୋଇଛି ।ପ୍ରତି ମାସରେ ହାରାହାରି ୨ ଲକ୍ଷ କୋଟି ଟଙ୍କା ଜିଏସଟି ଆଦାୟ ହେଉଛି ।ଏହାର ଶ୍ରେୟ ଭାରତର ଉପଭୋକ୍ତା, ବ୍ୟବସାୟୀଙ୍କୁ ଯିବ । ନିକଟରେ ଡୋଲୋଏଟର ଏକ ସର୍ଭେ କରିଥିଲା, ଯେଉଁଥିରେ ୮୫% ବୃହ୍ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ବର୍ଗର ବ୍ୟବସାୟୀମାନେ ଜିଏସଟି କ୍ରିୟାନ୍ୱୟନକୁ ନେଇ ସନ୍ତୋଷପ୍ରକାଶ କରିଥିଲେ । ୨୦୧୭ରେ ୬୭ ଲକ୍ଷ ବ୍ୟବସାୟୀ, ଜିଏସଟି ଅନ୍ତର୍ଭୁକ୍ତ ଥିଲେ ।ଏହି ସଂଖ୍ୟା ବଢି ୨୦୨୫ରେ ୧.୫ କୋଟି ହୋଇଛି, ଯାହା ଦ୍ୱାରା ଆମର ଅର୍ଥନୀତି ଫର୍ମାଲାଇଜେସନ ହେବା ସହ ଷ୍ଟ୍ରକ୍ଚରାଲ ରିଫର୍ମ ହେଉଛି ।ସେ କହିଛନ୍ତି ଆମ ଦେଶ ୨୦୪୭ରେ ସ୍ୱାଧୀନତା ପାଇବା ପରେ ୧ ଟ୍ରିଲିୟନ ଡଲାର ଅର୍ଥନୀତି ହେଲା ୨୦୦୭ରେ ।ଅର୍ଥାତ୍ ୧ ଟ୍ରିଲିୟନ ଡଲାର ଅର୍ଥନୀତି ହେବାକୁ ଭାରତକୁ ୬୦ ବର୍ଷ ଲାଗିଲା ।ପରେ ଦେଶ ୨୦୧୪ରେ ୨ ଟ୍ରିଲିୟନ ଡଲାର, ୨୦୨୧ରେ ୩ ଟ୍ରିଲିୟନ ଡଲାର ଏବଂ ୨୦୨୫ରେ ୪ ଟ୍ରିଲିୟନ ଡଲାର ଅର୍ଥନୀତି ହେଲା । ଅର୍ଥାତ ମୋଦୀଙ୍କ ଶାସନ ପୂର୍ବରୁ ୬୭ ବର୍ଷ ଶାସନରେ ଦେଶ ୨ ଟ୍ରିଲିୟନ ଡଲାର ଅର୍ଥନୀତି ଏବଂମୋଦୀଙ୍କ ୧୧ ବର୍ଷ ଶାସନରେ ୨ ଟ୍ରିଲିୟନ ଡଲାର ଇକୋନୋମୀ ହେଲା ।ଜିଏସଟି ୨.୦ରେ ଦୈନନ୍ଦିନ ବ୍ୟବହାର କରୁଥିବା ପେଷ୍ଟ, ସାବୁନ ଭଳି ସାମଗ୍ରୀ ଶସ୍ତା ହେବ ।ସ୍କୁଲ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଠାରୁ ଆରମ୍ଭ କରି ଦେଶର ଗରିବ ଓ ସମାଜର ମଧ୍ୟମ ବର୍ଗର ନାଗରିକ, କୃଷକ, ଏମଏସଏମଇ, ମଧ୍ୟବିତ୍ତ, ମହିଳା ଏବଂ ଯୁବକମାନେ ଲାଭବାନ ହେବେ ।କେନ୍ଦୁ ପତ୍ର ଉପରେ ଜିଏସଟି ସ୍ଲାବ ୧୮% ରୁ ୫% କୁ ହ୍ରାସ କରାଯାଇଛି ।ଏହି ନିଷ୍ପତି ଦ୍ୱାରା କେନ୍ଦୁ ପତ୍ର ଶିଳ୍ପ ସହିତ ଜଡିତ ୧୫ ଲକ୍ଷରୁ ଅଧିକ ଲୋକମାନେ ଉପକୃତ ହେବେ ।ସୂତା ଉପରେ ଜିଏସଟି ୧୨% ରୁ ହ୍ରାସ ପାଇ ୫% ହୋଇଛି ଏବଂ ଏହାଦ୍ୱାରା ଓଡ଼ିଶା ବିଶେଷ ଭାବରେ ରାଜ୍ୟର ପଶ୍ଚିମାଞ୍ଚଳର ବୁଣାକାର ମାନେ ଲାଭବାନ ହେବେ ।କୋଇଲା ଉପରେ ଜିଏସଟି ୧୮%କୁ ବୃଦ୍ଧି କରାଯାଇଛି ।ଏହା ଦ୍ୱାରା ଓଡ଼ିଶା ବିଶେଷ ଲାଭବାନ ହେବ ।

# ଶବ କୁ ମିଳାଣି ସମ୍ମାନ

ନବରଙ୍ଗପୁର,୨୫।୯:(ମନ୍ଥନ) ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରୁ ଆସିଛି ଏକ ଅଭାବନୀୟ ଦୃଶ୍ୟ ।ବର୍ଷାରେ ଭିଜି ଭିଜି ମଟରସାଇକେଲ ଯୋଗ ନିଅ ଯାଉଛି ଶବ ସଚେତନତା ଅଭାବ ଯୋଗୁଁ ଶବ ବାହକ ଗାଡି କୁ ଖବର ନ ଦେଇ ନିଜ ସାମର୍ଥ୍ୟ ଅନୁଯାୟୀ ଯୋଗାଡ଼ କରି ବାଇକ ପଛରେ ଶବ ବାନ୍ଧି ନେଇଛନ୍ତି ।



ସୂଚନା ଅନୁଯାଇ ରାଇଘର ବ୍ଲକ କୁନ୍ଦେଇ ପଂଚାୟତ ର ସମ୍ବଲପୁର ଗ୍ରାମର ଭାନୁବାଇ ରାଉତ ବୟସ ୭୦ ବର୍ଷ ନିଜ ଝିଅ ଘର ତାରାଙ୍ଗପୁରୀ ଗ୍ରାମରେ ରହୁଥିଲେ ତେବେ ଆଜି ଭାନୁବାଇ ଙ୍କ ମୃତ୍ୟୁ ଘଟିଥିଲା ପରେ ଭାନୁବାଇଙ୍କ ପୁଅ ମୃତ ଶରୀରକୁ ଏକ ମଟର ସାଇକେଲ ଯୋଗେ ବର୍ଷାରେ ଭିଜି ଭିଜି ପାଞ୍ଚ କିଲୋମିଟର ଦୂର ତାରାଙ୍ଗପୁରୀ ଗ୍ରାମରୁ ସମ୍ବଲପୁର ନିଜ ଗ୍ରାମକୁ ନେଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଗାଁ ସ୍ମଶାନ ରେ ମା ଙ୍କ ଅନ୍ତିମ ସଂସ୍କାର କରିବାକୁ ଏହି ପାରି ପଦକ୍ଷେପ ନେଇଥିଲେ ବୋଲି ଜଣା ପଡିଛି ।ଏଠାରେ କହିବା ଗଲେ ଅଂଚଳରେ ସଚେତନତା ର ଅଭାବ ଯୋଗୁଁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି , ଏବଂ ନିଜେ ପରିବାର ଲୋକେ କୌଣସି ସରକାରୀ ଶବ ବୁହା ଗାଡି କୁ ନ କହି ଏମିତି ମଟରସାଇକେଲ ଯୋଗେ ନେଇ ଯିବା ଦୃଶ୍ୟ ଦେଖିବାକୁ ମିଳିଛି । ଯାହା ଫଳରେ ଏହାକୁ ବୁଦ୍ଧିଜୀବୀମହଲରେ ନିନ୍ଦା ପ୍ରକାଶ ପାଇଛି ।

# ନାଲକୋକୁ ନାଣ୍ଡିଛୋଡ଼ ମନା

ଅନୁଗୋଳ,୨୫।୯:(ମନ୍ଥନ)ଛେଣ୍ଡିପଦା ବ୍ଲକ ବରପଦା ପଞ୍ଚାୟତରନାଣ୍ଡିଛୋଡ଼ ଓରଫ ଗୋପୀବଲ୍ଲଭପୁରଗ୍ରାମର କ୍ଷତିଗ୍ରସ୍ତ ବିସ୍ଥାପିତଙ୍କୁ ନିଯୁକ୍ତିଥଇଥାନ ଓ ବନ୍ଦ କରାଯାଇଥିବାଗାଁ ରାସ୍ତା ଖୋଲିବା ଆଦି ଦାବିପୂରଣ ନହେବା ପର୍ଯ୍ୟନ୍ତ ଗ୍ରାମବାସୀନାଲକୋ କମ୍ପାନିକୁ ଗାଁରେ ପୂରେଇଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଗତ ଜୁଲାଇ୧୮ ତାରିଖ ଦିନ ଉପଜିଲ୍ଲାପାଳ ଉଦୟକୁମାର ମହାପାତ୍ର, ତହସିଲଦାରମାନସ ରାୟ, ନିଶା ଶିକ୍ଷାଞ୍ଚଳ ଥାନାଆଇଆଇସି ବିବେକାନନ୍ଦ ମହନ୍ତଙ୍କଉପସ୍ଥିତିରେ ଗ୍ରାମବାସୀ ଓ କମ୍ପାନିଅଧିକାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା ।ବୈଠକରେ ତିନିଦିନମଧ୍ୟରେ ନିଯୁକ୍ତି, ଥଇଥାନ ଦାବିପୂରଣ ସହିତ ବନ୍ଦ ହୋଇଥିବାରାସ୍ତାକୁ ପୂର୍ବଭଳି ଖୋଲାଯିବାକୁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତିଦିଆଯାଇଥିଲାୟ ବୈଠକରେ ଦୁଇମାସବିତିଯାଇଥିଲେ ମଧ ପ୍ରତିଶ୍ରୁତିପୂରଣ ହୋଇପାରି ନଥିବା ବେଳେଆଜି କମ୍ପାନି ଅଧିକାରୀଆସି କ୍ଷତିପୂରଣ ଟଙ୍କା ଉଠେଇବାକୁ କହିଥିଲେ । ସମସ୍ତ ପ୍ରତିଶ୍ରୁତି ପାଳନପରିବର୍ତ୍ତେ କେବଳ କ୍ଷତିପୂରଣଗ୍ରାମକୁ ଟଙ୍କା ଉଠେଇବାକୁ କହିବାକୁନେଇ ଗ୍ରାମରେ ଉତ୍ତେଜନା ପ୍ରକାଶପାଇଥିଲା ।କମ୍ପାନି ଅଧିକାରୀଙ୍କୁବିରୋଧ କରିବା ସହିତ ଗ୍ରାମ ସଭାପତି ଟୁଟୁଗଡ଼ନାୟକ, କ୍ଷତିଗ୍ରସ୍ତ, ବିସ୍ଥାପିତପ୍ରଜାସଙ୍ଘ ସଭାପତି କୈଳାସ ଚନ୍ଦ୍ରଗଡ଼ନାୟକ, ଉପସଭାପତି ଅଙ୍ଗଦଗଡ଼ନାୟକ, ସମ୍ପାଦକ ବାସୁଦେବଗଡ଼ନାୟକ, ସହସମ୍ପାଦକ ନରେଶଚନ୍ଦ୍ର ଗଡ଼ନାୟକ ଓ ସମସ୍ତଗ୍ରାମବାସୀଙ୍କ ଉପସ୍ଥିତିରେ ସମସ୍ତପ୍ରତିଶ୍ରୁତି ପାଳନ ନହେବା ପର୍ଯ୍ୟନ୍ତକମ୍ପାନୀ ଅଧିକାରୀଙ୍କୁ ଗାଁକୁ ପୁରାଇ ଦେବୁନାହିଁ ।

# ୧୫ବର୍ଷୀୟ ନାବାଳିକା ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ

ଯାଜପୁର,୨୫।୯:(ମନ୍ଥନ) ୨୦୨୧ମସିହାରେ ଜେନାପୁର ଥାନା ଅଂଚଳରେ ୧୫ବର୍ଷୀୟ ନାବାଳିକା ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ। ଅଭିଯୁକ୍ତ ପ୍ରଦୀପ୍ତ ରାଉତକୁ ୨୦ବର୍ଷ କାରାଦଣ୍ଡାଦେଶ ଶୁଣାଇଲେ ସ୍ୱତନ୍ତ୍ର ପୋସ୍କୋ ଜଜ। ୧୦ ଜଣ ସାକ୍ଷ ପ୍ରମାଣକୁ ଆଧାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ସହ ୨୦ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ମାସ ରାୟ ପ୍ରକାଶ। ପିଡିତାକୁ ୧ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ।

# ସ୍ୱଚ୍ଛତାକୁ ବ୍ରତ ଭାବେ ପାଳନ କଲେ ପାରାଦୀପ ପୌରପାଳିକା

ପାରାଦୀପ,୨୫।୯:(ମନ୍ଥନ)କେନ୍ଦ୍ର ସରକାରଙ୍କ ଦ୍ୱାରା ସେପ୍ଟେମ୍ବର ୧୬ ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲୁଥିବା ସ୍ୱଚ୍ଛ ଭାରତ ଅଭିଯାନ ପରିପ୍ରେକ୍ଷୀରେ ପାରାଦୀପ ପୌରପାଳିକା ପକ୍ଷରୁ ସ୍ଥାନୀୟ ଜୟଦେବ ସଦନ ନିକଟସ୍ଥ ସୂଚନା କେନ୍ଦ୍ରରେ ଗୁରୁବାର ସକାଳେ ଏକ ସ୍ୱଚ୍ଛତା ସଚେତନତା ସଭା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ସମସ୍ତେ ନିଜ ପରିବେଶ କୁ ସ୍ୱଚ୍ଛ ରଖିବା ସହ ସବୁଜ ବିପ୍ଳବ ସୃଷ୍ଟି କରିବାକୁ ସମସ୍ତଙ୍କ ସହଯୋଗ ଶ୍ରୀ ବିଶ୍ୱାଳ କାମନା କରିଥିଲେ ଏପରିକି ବନ୍ଦର ସହର ପାରାଦୀପ କୁ ସବୁଜ ପାରାଦୀପ ରେ ପରିଣତ କରିବା ଓ ପ୍ଲାଷ୍ଟିକ ବର୍ଜନ ଉପରେ ଆହ୍ୱାନ ଦେଇଥିଲେ ।ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ,ପାରିଷଦ ସୁବ୍ରତ ପ୍ରଧାନ, ସୌଦାମିନୀ ସାହୁ, ବଣିକ ସଙ୍ଘ ର ସଭାପତି ଅମୀୟ କୁମାର ପାଣି ଓ ଗୋଲେଖ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା ଉପରେ ନିଜର ବକ୍ତବ୍ୟ ରଖିଥିଲେ ।ଏହି ଅବସରରେ ବିଶ୍ୱକର୍ମା ପୂଜା ସ୍ଥଳରେ ଏକ ସାମୁହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏଥିରେ ଜୟଦେବ ସଦନ ଛକ ମୁଖ୍ୟ ରାସ୍ତା କଡ଼ ଓ ପୂଜା ମଣ୍ଡପ ନିକଟସ୍ଥ ଅଞ୍ଚଳକୁ ପରିଷ୍କାର କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ପୌରପାଳିକା ସଫେଇ କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନ ର ସ୍ୱେଚ୍ଛାସେବୀ ସଦସ୍ୟ ସଦସ୍ୟା ମାନେ ସାମିଲ ହୋଇଥିଲେ ।ସୂଚନାଥାଉକି, ଗତ ବିଶ୍ୱକର୍ମା ପୂଜା ମହୋତ୍ସବରେ ପୌରପାଳିକା ପକ୍ଷରୁ ଲୋକ ମାନଙ୍କୁ ନିରବଛିନ୍ନ ସେବା ପ୍ରଦାନ କରିଥିବାରୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ଉଦ୍ୟମ କୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।



# ପୂର୍ବତନ କଂଗ୍ରେସ ସଂଗଠକଙ୍କ ୫ମ ଶ୍ରାଦ୍ଧବାର୍ଷିକୀ

ଖଣ୍ଡପଡ଼ା, ୨୫।୯:(ମନ୍ଥନ) ଖଣ୍ଡପଡା ସହରାଞ୍ଚଳ ଅଧୀନ ଦୋସନ୍ଦି ସାହିରେ ପୂର୍ବତନ କଂଗ୍ରେସ ସଂଗଠକ ସ୍ୱର୍ଗତ ବସନ୍ତ କୁମାର ମହାନ୍ତିଙ୍କ ୫ମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି ।ଆଜି ପୂର୍ବାହ୍ନରେ ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁଙ୍କ ସମେତ ନୟାଗଡ ଜିଲ୍ଲାର ବହୁ ବରିଷ୍ଠ କଂଗ୍ରେସ ନେତା ତଥା ସ୍ୱର୍ଗତ ମହାନ୍ତିଙ୍କ ଶୁଭେଚ୍ଛୁ ମାନେ ଦୋସନ୍ଦି ସାହି ସ୍ଥିତ ବାସଭବନରେ ପହଞ୍ଚି ପ୍ରଥମେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏ ଅବସରରେ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ ଉପସ୍ଥିତ ସମର୍ଥକ ଓ ଶୁଭେଚ୍ଛୁ । ସ୍ୱର୍ଗତ ମହାନ୍ତି କଂଗ୍ରେସ ଦଳକୁ ଖଣ୍ଡପଡ଼ାରେ ମଜବୁତ କରିବାରେ ସକ୍ରିୟ ଭୂମିକା ନେଇଥିବା ନେଇ ମତପ୍ରକାଶ ପାଇଥିଲାୟ କାର୍ଯ୍ୟକ୍ରମକୁ ପତ୍ନୀ ତଥା ବରିଷ୍ଠ ନେତ୍ରୀ ବିନୋଦିନୀ ମହାନ୍ତି ଏବଂ ସୁପୁତ୍ର ତଥା ସଫଳ ଉଦ୍ୟୋଗୀ ଭରତ ଅରୁଣ, ବୋହୁ ପ୍ରିୟଙ୍କା ଜେନାମଣିଙ୍କ ସମେତ ସମ୍ପର୍କୀୟ ପରିଚାଳନା କରିଥିଲେ ।ସ୍ୱର୍ଗତ ମହାନ୍ତିଙ୍କ ଏହି ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ସହରାଞ୍ଚଳ ଓ ଆଖପାଖରୁ ଶତାଧିକ ସମର୍ଥକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା ।

# ୬୯ତମ ପୁରୀ ଜିଲ୍ଲା ବିଦ୍ୟାଳୟ ସମୂହ ଭଲିବଲ ପ୍ରତିଯୋଗିତା ଉଦଘାଟିତ

ଗୋପ,୨୫।୯:(ମନ୍ଥନ) ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଦିନ ପୁରୀ ଜିଲ୍ଲା ସ୍ତରୀୟ ୬୯ତମ ବିଦ୍ୟାଳୟ ସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ମହାସମାରୋହରେ ଉଦଘାଟିତ ହୋଇ ଯାଇଛି ।ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ଉପାଧ୍ୟକ ଶ୍ରୀଯୁକ୍ତ ବନରଞ୍ଜନ ପଟ୍ଟନାୟକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରି ଛାତ୍ରଛାତ୍ରୀ ମାନଙ୍କର ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ ।ପୁରୀ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତ୍ୱାବାବଧାନରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ପୌରହିତରେ ଆୟୋଜିତ ଉଦଘାଟନୀ ସମାରୋହରେ ଅନ୍ୟତମ ଅତିଥି ଭାବରେ ଗୋପ ବ୍ଲକ ର ବିଡ଼ିଓ ଛବିରାଣୀ ସାହୁ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ, ସମାଜସେବୀ ରାଜକିଶୋର ନାଥଶର୍ମା, ଓଷ୍ଟା ପୁରୀ ଜିଲ୍ଲା ସମ୍ପାଦକ ବିଭୁଦତ୍ତ ନାୟକ, ପୁରୀ ଜିଲ୍ଲା ଶିକ୍ଷା କ୍ରୀଡା ସଂଘଠନର ସହସମ୍ପାଦକ ନିହାର ରଞ୍ଜନ ପଲାଇ, ପ୍ରାକ୍ତନ ସହ ସମ୍ପାଦକ ବଟକୃଷ୍ଣ ଜେନା, ବରିଷ୍ଠ କ୍ରୀଡା ଶିକ୍ଷକ କପିଳେନ୍ଦ୍ର ନାୟକ, ଗୋପ ମଣ୍ଡଳ ଶାରୀରିକ ଶିକ୍ଷା ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉଦବୋଧନ ଦେଇ ଛାତ୍ରଛାତ୍ରୀ ମାନେ ଭବିଷ୍ୟତରେ ଜଣେ ସୁନାଗରିକ ହେବା ପାଇଁ ଖେଳୁଆଳ ମନୋବୃତି ନେଇ କ୍ରୀଡା ପ୍ରଦର୍ଶନ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଜିଲ୍ଲା ସ୍ତରୀୟ ଭଲିବଲ ଟୁର୍ନାମେଣ୍ଟରେ ୧୦ଟି ବ୍ଲକର ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଓ ଅଫିସିଆଲ ଅଂଶଗ୍ରହଣ କରିଥିଲେ ।୧୪ ଓ ୧୭ ବର୍ଷରୁ କମ ଛାତ୍ରଛାତ୍ରୀ ମାନେ କ୍ରୀଡା ପ୍ରଦର୍ଶନ କରି ରାଜ୍ୟ ସ୍ତରକୁ ମନୋନୀତ ହେବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।ଏହି କାର୍ଯ୍ୟକ୍ରମକୁ ଗୋପ ବ୍ଲକର ଡି.ଏନ.ଓ ରାମକୃଷ୍ଣ ମହାନ୍ତି, ଦେବେନ୍ଦ୍ର କୁମାର ସ୍ୱାଇଁ ଓ ସୁବ୍ରଜିତ ନାୟକ, ବ୍ଲକ ନୋଡାଲ ପ୍ରଧାଶିକ୍ଷକ ରମାକାନ୍ତ ସେଠୀ, ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ପାଢ଼ୀ, ଅର୍ଜୁନ ଚରଣ ବେହେରା, ନିହାର ପ୍ରସାଦ ଲେଙ୍କା, ପ୍ରକାଶ କୁମାର ଜେନା ଓ ଅନିଲ କୁମାର ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ ।ଏହି ବାଳକବାଳିକା ମାନଙ୍କର ଭଲିବଲ ପ୍ରତିଯୋଗିତାକୁ ଜାତୀୟ ଭଲିବଲ ରେଫରୀ ତଥା ଶାରୀରିକ ଶିକ୍ଷକ ଶ୍ରୀକାନ୍ତ ନାୟକ,ବୀରବର ଭଟ୍ଟ, ସୂର୍ଯ୍ୟନାରାୟଣ ଜେନା, ରୋଶନ କୁମାର ସାହୁ, ସୟଦ ମୋଜାଇସ ଜୁଲମନାନ ଓ ବିନୋଦ ବିହାରୀ ପ୍ରଧାନଙ୍କ ସହିତ ପୁରୀ ଜିଲ୍ଲାର ସମସ୍ତ ଶାରୀରିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିଲେ । ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସୁବାଷ ଚନ୍ଦ୍ର ପ୍ରଧାନ ଓ ଅନୁପମା ସାହୁ ମଞ୍ଚ ସଂଯୋଜନା କରିଥିଲେ ।

# ଯାଜପୁର ସହରର ବିଭିନ୍ନ ଦୋକାନ ଓ ବ୍ୟବସାୟୀ ପ୍ରତିଷ୍ଠାନ ଉପରେ ଚଢ଼ାଉ

ଯାଜପୁର,୨୫।୯:(ମନ୍ଥନ)ଜିଏସଟି ବିଭାଗ ପକ୍ଷରୁ ଯାଜପୁର ସହରର ବିଭିନ୍ନ ଦୋକାନ ଓ ବ୍ୟବସାୟୀ ପ୍ରତିଷ୍ଠାନ ଉପରେ ଚଢ଼ାଉ ।କେନ୍ଦ୍ର ସରକାର ଜିଏସଟି ଦର ହ୍ରାସ କରିବା ପରେ ଏବେବି ଅସାଧୁ ବ୍ୟବସାୟୀ ପୁରୁଣା ଦରରେ ଜିନିଷ ବିକ୍ରି କରୁଥିବା ଖବର ମିଳିବା ପରେ ଜି ଏସ ଟି ବିଭାଗ ପକ୍ଷରୁ ଯାଜପୁର ସହରର ବିଭିନ୍ନ ଦୋକାନ ଓ ବ୍ୟବସାୟୀ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇଛି। ଜି ଏସ ଟି ବିଭାଗ ର ଅତିରିକ୍ତ ଆୟୁକ୍ତ ମଧୁଛନ୍ଦା ମହାନ୍ତିଙ୍କ ନେତୃତ୍ୱରେ ୪ ଜଣିଆ ଟିମ ମଙ୍ଗଳପୁର, ବିଞ୍ଝାରପୁର, ଯାଜପୁର ସହର ର ବିଭିନ୍ନ ସ୍ଥାନ ରେ ଚଢାଉ କରିବା ସହିତ ବ୍ୟବସାୟୀ ମାନଙ୍କୁ ନୂତନ ଧାର୍ଯ୍ୟ ଦର ରେ ବିକ୍ରି କରିବାକୁ ସଚେତନ କରାଯାଇଛି। ନିୟମ ଉଲଘଂନ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଟିମରେ ଜିଏସଟି ବିଭାଗ ପକ୍ଷରୁ ରଞ୍ଜି ସୋରେନ, ପ୍ରିୟନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମା’ ବାହାଡାଶୁଣିଙ୍କ ପୀଠରେ ଶନିବାର ଠାରୁ ଯାତ୍ରା

ଖଣ୍ଡପଡ଼ା,୨୫।୯:(ମନ୍ଥନ) ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତ ଅନ୍ତର୍ଗତ ବାହାଡ଼ା ଗ୍ରାମରେ ଥିବା ମା’ ବାହାଡାଶୁଣିଙ୍କ ପୀଠରେ ଆସନ୍ତା ଶନିବାର ଠାରୁ ଯାତ୍ରା ଉତ୍ସବ ଆରମ୍ଭ ହେବ ।ଏ ନେଇ ଆୟୋଜକ ଗ୍ରାମବାସୀଙ୍କ ସୂତ୍ରରୁ ସୂଚନା ମିଳିଛି । ଶନିବାର ମାଙ୍କ ପୀଠରେ ଷଷ୍ଠୀ ଓ ରବିବାର ସପ୍ତମୀ ପୂଜା ମହାସମାରୋହରେ ପାଳିତ ହେବ ବୋଲି ଜଣାପଡିଛି ।ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଯାତ୍ରା ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହ ସାମାଜିକ ନାଟକ ପରିବେଷଣ ହେବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି ।ଅନ୍ୟପକ୍ଷରେ ଗତବର୍ଷ ଠାରୁ ଏବର୍ଷ ଅଧିକ ଜନସମାଗମ ହେବାର ସମ୍ଭାବନା ଥିବାରୁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି ।

ସମ୍ବାଦ



ଶୁକ୍ରବାର ୨୬ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର

FRIDAY 26 SEPTEMBER, 2025, BHUBANESWAR

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ରାଜନୀତିରେ ପୋସ୍ ଆଇନକୁ ନା

କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯ୍ୟାତନା ନିବାରଣ, ନିରାକରଣ ଓ ପ୍ରତିକାର ଆଇନ ୨୦୧୩ (ପୋସ୍) ଆଇନ ରାଜନୈତିକ ଦଳମାନଙ୍କ ପାଇଁ ଲାଗୁ ହୋଇପାରିବ ନାହିଁ ବୋଲି ଗଲା ୧୫ତାରିଖ ଦିନ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଯଥାର୍ଥ ବୋଲି କୁହାଯାଇପାରିବ। ମହିଳା ନିର୍ଯ୍ୟାତନା ନେଇ ରାଜନୈତିକ ଦଳମାନଙ୍କୁ ପୋସ ଆଇନ ପରିସର ଭୁକ୍ତ କରାନଯିବା ନେଇ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି.ଆର. ଗଭାଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଯେଉଁ କାରଣ ଦର୍ଶାଇଛନ୍ତି ତାହା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ, ସର୍ବୋଚ୍ଚ ଅଦାଲତ ଦର୍ଶାଇଛନ୍ତି ଯେ, ରାଜନୈତିକ ଦଳମାନଙ୍କୁ କାର୍ଯ୍ୟକ୍ଷେତ୍ର ସହ ତୁଳନା କରାଯାଇପାରିବ ନାହିଁ। ଗୋଟିଏ ରାଜନୈତିକ ଦଳ ହେଉଛି ବ୍ୟକ୍ତିବିଶେଷଙ୍କ ଏକ ସ୍ୱେଚ୍ଛାସେବୀ ସଂଗଠନ। କେତେକ ନିର୍ଦ୍ଦିଷ୍ଟ ଆସ୍ଥା, ବିଶ୍ୱାସ, ଆଦର୍ଶ ଓ ଲକ୍ଷ୍ୟକୁ ଆଧାରରେ ସେମାନେ ଗୋଟିଏ ମଂଚରେ ଏକ ସାଧାରଣ ଦୃଷ୍ଟି ନେଇ ଏକତ୍ରିତ ହୋଇଥାନ୍ତି। ରାଜନୈତିକ ଦଳଗୁଡିକରେ କାର୍ଯ୍ୟ କରୁଥିବା ଏହାର କର୍ମୀ ଓ ସଦସ୍ୟମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ନିଯୁକ୍ତିଦାତା ନଥିବାରୁ ତାହାକୁ ନିଯୁକ୍ତିଦାତା ଓ କର୍ମଚାରୀ ସଂବନ୍ଧ ଉପରେ ପର୍ଯ୍ୟବେସିତ ଏକ ପେଷାଦାର ଅନୁଷ୍ଠାନ ରୂପେ ଅଭିହିତ କରାଯାଇନପାରେ। ଉଲ୍ଲେଖଯୋଗ୍ୟ ଯେ, କାର୍ଯ୍ୟକ୍ଷେତ୍ରରେ ଆଇନଗତ ଭାବେ ପ୍ରବର୍ତନକ୍ଷମ ବେତନ, ନିର୍ଦ୍ଦିଷ୍ଟ କାର୍ଯ୍ୟ ସମୟ ଏବଂ ବହୁ ଚାକିରି ସର୍ତାବଳୀ ରହିଛି। ମାତ୍ର ରାଜନୈତିକ ଦଳରେ ଏସବୁ ନିୟମ ଓ ସର୍ତବଳୀ ନାହିଁ, ଯାହାକି କାର୍ଯ୍ୟକ୍ଷେତ୍ରରେ ରହିଛି। ରାଜନୀତି ହେଉଛି ସ୍ୱେଚ୍ଛାସେବୀ କର୍ମ, ଯାହାକି ଜନସାଧାରଣ ସେବା ପାଇଁ ଏକ ନୈତିକ ଆହ୍ୱାନ। ସେହିପରି ରାଜନୈତିକ ଦଳର କର୍ମୀ ଓ ସଦସ୍ୟଙ୍କ ପାଇଁ କୌଣସି ବେତନ ବା ମଜୁରି ନଥିବା ସତ୍ତ୍ୱେ ସେମାନଙ୍କର ସେବା ଲାଭଜନକ ପଦପଦବୀ ଅନ୍ତର୍ଭୁକ୍ତ। ସେହିପରି ଅଦାଲତଙ୍କ ଦ୍ୱିତୀୟ ପର୍ଯ୍ୟବେକ୍ଷଣ ହେଉଛି, ରାଜନୀତିକୁ ପୋସ ଆଇନ ପରିସରଭୁକ୍ତ କରାଗଲେ ଅବିଳମ୍ବେ ଗୋଟିଏ 'ପାଣ୍ଡୋରାର ବାକସ୍' ଖୋଲିଯିବ ଏବଂ ଆଇନଟି ରାଜନୈତିକ ବ୍ଲାକ ମେଲିଂର ଅସ୍ତ୍ରରେ ପରିଣତ ହୋଇଯିବ। ତେବେ ରାଜନୀତି କ୍ଷେତ୍ରରେ ଯୌନ ଶୋଷଣ ରୋକିବା ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ମୁଖ୍ୟ ନିର୍ବାଚନ କମିଶନଙ୍କ ଭୂମିକା ଉପରେ ଗୁରୁତ୍ୱ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କାର୍ଯ୍ୟକ୍ଷେତ୍ରରେ ମହିଳା କର୍ମଚାରୀଙ୍କ ପ୍ରତି ଯୌନ ଶୋଷଣର ନିରାକରଣ, ପ୍ରତିକାର ଓ ନିବାରଣ ପାଇଁ ୧୯୯୭ ମସିହାର ବିଶାଖା ନିୟମାବଳୀ ଆଧାରରେ ୨୦୧୩ ମସିହାରେ ପୋସ ଆଇନ ପ୍ରଣୟନ ହୋଇଛି। ଯେକୌଣସି କାର୍ଯ୍ୟକ୍ଷେତ୍ରରେ ଅତିକମରେ ୧୦ଜଣ କର୍ମଚାରୀ ଥିଲେ, ସେଠାରେ ପୋସ' ଆଇନ ବାଧ୍ୟତାମୂଳକ। ଯୌନ ନିର୍ଯ୍ୟାତନା ଅଭିଯୋଗ ଉପରେ ଜଣେ ମହିଳାଙ୍କ ନେତୃତ୍ୱରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବା ଆଇସିସି ଗଠନ ବାଧ୍ୟତାମୂଳକ ରହିଛି। ଯେଉଁ କମିଟି ମହିଳା କର୍ମୀଙ୍କ ଯୌନ ନିର୍ଯ୍ୟାତନା ଅଭିଯୋଗ ଉପରେ ପ୍ରାଥମିକ ସ୍ତରରେ ତଦନ୍ତ କରି କର୍ତୃପକ୍ଷଙ୍କୁ ରିପୋର୍ଟ ଦେଇଥାଏ। କିନ୍ତୁ ଏହା ନିସନ୍ଦେହ ଯେ, ଭାରତୀୟ ରାଜନୀତି କ୍ଷେତ୍ରରେ ତଳସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ କାର୍ଯ୍ୟରତ ମହିଳା ନିୟମିତ ଯୌନ ଶୋଷଣ ଅଭିଯୋଗ ଅତି ଲମ୍ବା। ଜାତିସଂଘ ଦ୍ୱାରା ପ୍ରସ୍ତୁତ ଏକ ଅନୁଧ୍ୟାନମୂଳକ ରିପୋର୍ଟ ଅନୁସାରେ ଭାରତୀୟ ରାଜନୀତି କ୍ଷେତ୍ରରେ କାର୍ଯ୍ୟରତ ୫୦ ପ୍ରତିଶତ ମହିଳା ବାଚନିକ ଓ ୪୬ ପ୍ରତିଶତ ମହିଳା ଶାରୀରିକ ଭାବେ ଯୌନ ଉତ୍ପୀଡନର ଶିକାର ହୋଇଥାନ୍ତି। ଯେଉଁଥିରେ ୫୮ ପ୍ରତିଶତ ଉତ୍ପୀଡକ ହୋଇଥାନ୍ତି ପୁରୁଷ ସହକର୍ମୀ। କର୍ଣ୍ଣାଟକର ସର୍ବାଧିକ ରାଜନୈତିକ ପରିବାର ଭାବେ ପରିଚିତ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚଡି ଦେବଗୌଡଙ୍କ ନାତି ତଥା ପୂର୍ବତନ ସାଂସଦ ପ୍ରଜ୍ୱଳ ରେବଣା ହେଉଛନ୍ତି ଏଭଳି ଉତ୍ପୀଡନର ଜ୍ୱଳନ୍ତ ଉଦାହରଣ। ନିଜ ପ୍ରଭାବ ବଳରେ ସେ ହଜାର ହଜାର ମହିଳାଙ୍କୁ ଯୌନ ଶୋଷଣ କରିଥିବା ଅଭିଯୋଗରେ ଏକ ଆଜୀବନ ଜେଲଦଣ୍ଡ ଭୋଗୁଛନ୍ତି। ରାଜନୀତି କ୍ଷେତ୍ରରେ ମହିଳା କର୍ମୀଙ୍କୁ ଯୌନ ନିର୍ଯ୍ୟାତନାରୁ ନିବାରଣ ପାଇଁ ଦଳ ଭିତରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ସହ ଅନ୍ୟ ସମସ୍ତ ବ୍ୟବସ୍ଥା ରହିବା ଆବଶ୍ୟକ ତେବେ ଏହା ନିଶ୍ଚିତ ଯେ, ସଂସଦ, ବିଧାନସଭା ଏବଂ ସମସ୍ତ ଲୋକପ୍ରତିନିଧି ସଂସ୍ଥାରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ଏବଂ ରାଜନୀତିରେ ଅଧିକରୁ ଅଧିକ ମହିଳାଙ୍କ ପ୍ରବେଶ ଯୌନ ଶୋଷଣ ଭଳି ଅପରାଧକୁ ରୋକିପାରିବ ବୋଲି ବିଶ୍ୱାସ କରାଯାଏ। ଏହା ନିଶ୍ଚିତ ଯେ, କର୍ମକ୍ଷେତ୍ର ହେଉ ବା ରାଜନୈତିକ କ୍ଷେତ୍ର ହେଉ ମହିଳା ଯୌନ ନିର୍ଯ୍ୟାତନାକାରୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ।

# ବିରଳ ମହାତ୍ମା ସ୍ୱାମୀ ଚିଦାନନ୍ଦ

**ହେମନ୍ତ କୁମାର ପରିଡ଼ା**

ସୃଷ୍ଟିର କଲ୍ୟାଣରେ ନିତ୍ୟ ନିରତ ଯୁକ୍ତ ଥିବା ବ୍ୟକ୍ତିମାନେ ସାଧୁପଦବାଚ୍ୟ। ସନାତନ ସଂସ୍କୃତିର ଏହି ସାଧୁସନ୍ଥ ମାନଙ୍କୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ ଭାବେ ବିବେଚନା କରାଯାଇ ଶ୍ରେଷ୍ଠ ସମ୍ମାନ ପ୍ରଦାନ କରାଯାଇଛି। ସେହିମାନଙ୍କ ମହିମାରେ ଏହି ଧରିତ୍ରୀ ମହିମା ମଣ୍ଡିତ ହୋଇଛି। ଯୁଗେ ଯୁଗେ ସେହିମାନଙ୍କର ତପଶକ୍ତି ଏହି ଧରଣୀକୁ ଧାରଣ କରିବା ସହିତ ସମାଜକୁ ସତମାର୍ଗ ପ୍ରଦର୍ଶନ କରିଆସିଛି। ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଆଧୁନିକ ବିଶ୍ୱର ସେହିଭଳି ଜଣେ ମହାନ ସନ୍ଥ ମହାତପସ୍ୱୀ। ଆପଣା ତପଶକ୍ତିର ଦିବ୍ୟ ପ୍ରକାଶରେ ସେ ବିଶ୍ୱବାସୀଙ୍କୁ ଦିବ୍ୟ ଜୀବନ ମାର୍ଗଦର୍ଶନ କରାଇଛନ୍ତି। ୧୯୧୬ ମସିହା ସେପ୍ଟେମ୍ବର ୨୪ ତାରିକ ଦିନ ଏହି ଦିବ୍ୟ ଆତ୍ମା ଦକ୍ଷିଣ ଭାରତର ମାଙ୍ଗାଲୋର ଠାରେ ପିତା ଶ୍ରୀନିବାସ ରାଓ ଓ ମାତା ସରୋଜିନୀ ଦେବୀଙ୍କ କୋଳମଣ୍ଡନ କରି ଧରାବତରଣ କରିଥିଲେ। ଏକ ପ୍ରଖ୍ୟାତ ସଂସ୍କୃତି ସମ୍ପନ୍ନ ବ୍ରାହ୍ମଣ ପରିବାର। ମାମୁଁ ଘରେ ଜନ୍ମ ହୋଇ ପ୍ରାୟ ୧୬ ବର୍ଷ ଯାଏ ସେଇଠାରେ ବଢ଼ିଥିଲେ। ତାଙ୍କର ଅଜା ଥିଲେ ମାଙ୍ଗାଲୋର ଅଞ୍ଚଳର ଜଣେ ଅତ୍ୟନ୍ତ ପ୍ରସିଦ୍ଧ ଓ ପ୍ରଭାବଶାଳୀ ବ୍ୟକ୍ତି। ଲୋକେ ତାଙ୍କୁ ସେଠାକାର ମୁକୁଟ ବିହୀନ ସମ୍ରାଟ ଭାବି ଜ୍ଞାନ କରୁଥିଲେ। ଶ୍ରଦ୍ଧାରେ ଏହି ଦିବ୍ୟ ଶିଶୁଙ୍କ ନାମ ରଖାଯାଇଥିଲା ଶ୍ରୀଧର। ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଭାରତ ଭ୍ରମଣ ବେଳେ ଏକାଧିକ ବାର ତାଙ୍କ ଘରେ ଅତିଥି ହୋଇଥିଲେ। ଶିଶୁ ଶ୍ରୀଧର ବହୁବାର ତାଙ୍କ କୋଳରେ ବସିବାର ସୌଭାଗ୍ୟ ଲାଭ କରିଥିଲେ। ସେ ମାଙ୍ଗାଲୋରର ଏକ ପ୍ରସିଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ପିତୃଗୃହ ମାଡ୍ରାସ ଚାଲି ଆସିଥିଲା।

ମାତୃଗୃହ ଓ ପିତୃଗୃହ ଉଭୟର ପରିବେଶ ଥିଲା ଅତ୍ୟନ୍ତ ଆଧ୍ୟାତ୍ମିକ। ପିଲା ଦିନ ଏହି ଆଧ୍ୟାତ୍ମିକ ସଂସ୍କାର ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ମାଡ୍ରାସର ପ୍ରସିଦ୍ଧ ଲୟୋଲା କଲେଜରୁ ସେ କୃତୀତ୍ୱର ସହିତ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ଜଣେ ବୈମାନିକ ହେବା ପାଇଁ ତାଙ୍କୁ ନିଯୁକ୍ତି ପତ୍ର ପ୍ରାପ୍ତ ହୋଇଥିଲା। ସଂସାରର ସମସ୍ତ ସୌଭାଗ୍ୟ ତାଙ୍କୁ ଆଉ ବାନ୍ଧି ପାରିଲା ନାହିଁ। ସମସ୍ତ ଆର୍କଣ ତ୍ୟାଗ କରି ସେ ପରମସିଦ୍ଧି ସନ୍ଧାନରେ ତପ ସାଧନା ପାଇଁ ତପୋଭୂମି ହିମାଳୟ ଚାଲି ଆସିଲେ। ସେଠାରେ ଦିବ୍ୟ ଜୀବନ ସଂଘର ପ୍ରାଣ ପ୍ରତିଷ୍ଠା ମହାଯୋଗୀ ସ୍ୱାମୀ ଶିବାନନ୍ଦଙ୍କ ଚରଣରେ ନିଜକୁ ସମର୍ପି ଦେଇଥିଲେ। କିଛି ବର୍ଷର ସେବା ଓ ସାଧନାରେ ପ୍ରୀତ ହୋଇ ୧୯୪୯ ମସିହା ଗୁରୁପୂର୍ଣ୍ଣିମା ଦିନ ପୂଜ୍ୟ ସ୍ୱାମୀଜୀ ବ୍ରହ୍ମଚାରୀ ଶ୍ରୀଧରଙ୍କୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରି ସ୍ୱାମୀ ଚିଦାନନ୍ଦ ନାମରେ ନାମିତ କରିଥିଲେ। ଗୁଣ ଚିହ୍ନେ ଗୁଣିଆ, ଗୁରୁ ଶିବାନନ୍ଦ ଶିଷ୍ୟର ଆଧାତ୍ମିକ ସ୍ଥିତି ଓ ଜନ୍ମ ଜନ୍ମର ସାଧନାକୁ ଅନୁଭବ କରି ଯଥାର୍ଥ ରୂପେ ଚିଦାନନ୍ଦ ନାମ ପ୍ରଦାନ କରିଥିଲେ। ସେ କହିଥିଲେ – ସ୍ୱାମୀଜୀ ଶିଷ୍ୟ ଚିଦାନନ୍ଦଙ୍କ ଉପରେ ମନ୍ତବ୍ୟ ଦେଇ କହିଥିଲେ ସ୍ୱାମୀ



ଚିଦାନନ୍ଦ ବାସ୍ତବରେ ମୋର ଗୁରୁ ହେବାକଥା। କୌଣସି କର୍ମ ବିପାକରୁ ଏବେ ସେ ମୋର ଶିଷ୍ୟ ହୋଇଛନ୍ତି। ପିଲାଟି ଦିନରୁ ତାଙ୍କ ଭିତର ଅନେକ ଦିବ୍ୟ ଭାବର ପ୍ରକାଶ ଘଟିଥିଲା।

ତାଙ୍କ ମା'ଥିଲେ ଜଣେ ମହୀୟସୀ ମହିଳା। ମାଆଙ୍କ ପ୍ରଭାବ ଗଭୀର ଭାବେ ତାଙ୍କ ଉପରେ ପଡ଼ିଥିଲା। ମଣିଷ, ମଣିଷ ଏପରିକି ପଶୁପକ୍ଷୀ, କୀଟ ପତଙ୍ଗ, ବୃକ୍ଷଲତାମାନେ ମଧ୍ୟ ତାଙ୍କ କୃପା କଟାକ୍ଷରୁ ବାଦ ପଡୁନଥିଲେ। ପାଣିରେ ପଡ଼ିଯାଇଥିବା ପତଙ୍ଗର ଉଧାର ପାଇଁ ଯନ୍ତ୍ରଣାରେ ଛଟପଟ ହେଉଥିବା ବୁଲାକୁକୁରର, ଗଳି କ୍ଷେତ ସଫା କରି ତାକୁ ଆରାମ ଦେବା ପାଇଁ, ଏହିଭଳି ବିଭିନ୍ନ ଅବସ୍ଥାରେ ସେ ଦୁଃଖୀଟିଏ ଦେଖିଲେ ତା ଦୁଃଖର ଉପଷମ ପାଇଁ ତତ୍ପର ହୋଇ ଉଠୁଥିଲେ। ନିଜ ବାରଣ୍ଡାରେ ଥିବା ଫୁଲ କୁଣ୍ଡ ଗୁଡ଼ିକ ଜଳ ବିନା ଝାଉଁଳି ପଡ଼ିଥିଲେ, ସେ ସଙ୍ଗେ ସଙ୍ଗେ ନିଜେ ଜଳ ଦେଇ ସାରି ଦାୟିତ୍ୱରେ ଥିବା ସେବକ ଭକ୍ତ ମାନଙ୍କୁ ବଚାରିଲେ ଏହି କୁଣ୍ଡ ମାନଙ୍କରେ କେତେ ଦିନ ହେବ ପାଣି ଦିଆଯାଇନାହିଁ। ତିନି ଦିନ ହେବ ଦିଆହୋଇନାହିଁ ଜାଣିପାରି ସେ କାହାକୁ କିଛି ନକହି ଆତ୍ମଦଣ୍ଡ ସ୍ୱରୂପ ତିନି ଦିନ କାଷ୍ଠା ଉପବାସ ରହିଲେ। ଏହାକୁ ପାପର ପ୍ରାୟଶଚିତ ବୋଲି ବ୍ୟଥାତୁର ଭାବରେ ବ୍ୟକ୍ତ କଲେ। ଏହିଭଳି ଅସଂଖ୍ୟ ଉଦାହରଣରେ ତାଙ୍କ ଅତି ମାନବୀୟ ସେବାକୃତି ପୂର୍ଣ୍ଣ ଜୀବନଚର୍ଯ୍ୟା ଋଦ୍ଧିମନ୍ତ।

୧୯୪୮ରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ତାଙ୍କ ଆଶ୍ରମ ଋଷିକେଶରେ ଆରମ୍ଭ କରିଥିଲେ ଯୋଗ ବେଦାନ୍ତ ଆରଣ୍ୟକ ବିଶ୍ୱ ବିଦ୍ୟାଳୟ। ସ୍ୱାମୀ ଚିଦାନନ୍ଦଙ୍କୁ ସେ ସେହି ବିଦ୍ୟାଳୟର କୁଳପତି ଓ ରାଜଯୋଗର ପ୍ରାଚାର୍ଯ୍ୟ ଦାୟିତ୍ୱରେ ଅବସ୍ଥାପିତ କରିଥିଲେ। ଗୁରୁଙ୍କ ଆଦେଶକୁ ଆଶୀର୍ବାଦ ରୂପ ଧାରଣ କରି ସେ ବିଶ୍ୱ ଭ୍ରମଣ କରିଥିଲେ। ଗୁରୁବାଣୀ ମାଧ୍ୟମରେ ଭାରତୀୟ ସଂସ୍କୃତି ଓ ଯୋଗ ବେଦାନ୍ତ ଆଜିର ପ୍ରଚାର ପ୍ରସାର କରି ସେ ପାଶ୍ଚାତ୍ୟ ଭକ୍ତ ମାନଙ୍କର ହୃଦୟ ଜିଣି ନେଇଥିଲେ। ମାର୍ଯ୍ୟାଦାର ଚରମ ପରାକାଷ୍ଠା ତାଙ୍କ ବ୍ୟବହାରରେ ପରିଦୃଷ୍ଟ ହେଉଥିଲା। ନମ୍ରତା ତାଙ୍କର ଭୂଷଣ ଥିଲା। ଭାରତ ବର୍ଷର ବଡ଼ ବଡ଼ ମହାତ୍ମାମାନେ ତାଙ୍କୁ ପ୍ରେମର ଅବତାର, ମର୍ଯ୍ୟଦାବନ୍ତ ରାମ ଭଗବାନ ବୋଲି କହିବାକୁ ଭୁଲୁ ନଥିଲେ। ବିଶ୍ୱ ବନ୍ଦିତ ପରମହଂସ ପ୍ରଜ୍ଞାନନନ୍ଦଙ୍କ ଗୁରୁ ପରମହଂସ ହରିହରା ନନ୍ଦ ଥରେ ଶିଷ୍ୟ ପ୍ରଜ୍ଞାନାନନ୍ଦଙ୍କୁ କହିଥିଲେ ସାଧନ କ୍ଷେତ୍ରରେ ନମ୍ରତା ଶ୍ରେଷ୍ଠ ଅବଲମ୍ବନ। ଯଦି ଜୀବନରେ ନମ୍ରତା ଶିକ୍ଷା କରିବାର ଅଛି ତେବେ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କୁ ଅନୁକରଣ କର।

ସେ ଥିଲେ ଜଣେ ସୁଲେଖକ, ଉତ୍ତମ ବକ୍ତା, ସୁସଙ୍ଗଠକ, ସମାଜ ସଂସ୍କାରକ, ବହୁ ପୁସ୍ତକର ପ୍ରଣେତା। ତାଙ୍କ ନାମ ଶୁଣି ଲୋକମାନେ ପୃଥିବୀର କୋଣ ଅନୁକୋଣରୁ ଧାଇଁ ଆସୁଥିଲେ। ସ୍ୱାମୀଜୀ ଥିଲେ ଶ୍ରଦ୍ଧା, ପ୍ରେମ, ଜ୍ଞାନ, ଭକ୍ତି, ବୈରାଗ୍ୟର ଘନ ବିଗ୍ରହ। ୧୯୬୩ରେ ସ୍ୱାମୀ ଶିବାନନ୍ଦ ମହାସମାଧି ପ୍ରାପ୍ତ ହେଲେ। ସେବେଠାରୁ ଅଗଷ୍ଟ ୨୮ ତାରିଖ ୨୦୦୮ ପର୍ଯ୍ୟନ୍ତ ସେ ଦିବ୍ୟ ଜୀବନ ସଂଘର ସଭାପତି ରହି ମହାସମାଧି ପ୍ରାପ୍ତ ହୋଇଥିଲେ। ସ୍ୱାମୀଜୀଙ୍କ ମର ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା ହେଲେ ଗୁରୁ ଚିଦାନନ୍ଦ କୋଟି ପ୍ରାଣର ଦେବତା ହୋଇ ରହିଗଲେ। ତାଙ୍କର ଶୁଭ ଜନ୍ମ ଦିନରେ ସେହି ବିଶ୍ୱ ପ୍ରାଣ ମହା ମାନବଙ୍କୁ ବିନମ୍ର ପ୍ରଣତୀ।

ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ଡି, ସେକ୍ଟର-୧୦, ସିଡିଏ, କଟକ,
ଦୂରଭାଷ : ୮୭୬୩୧୦୭୧୨୬

# ଦେବୀ ଦୁର୍ଗା ଓ ପ୍ରକୃତି

**ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ**

ଜଗଜ୍ଜନନୀ କଲ୍ୟାଣୀ ମା'ଦୁର୍ଗା ଦୁର୍ଦ୍ଦାନ୍ତ ଅସୁର ମହିଷାସୁରକୁ ବଧ କରି ଦେବତା ମାନବ, ମୁନିଋଷି ସମସ୍ତଙ୍କୁ ତାର ଉତ୍ପୀଡ଼ନରୁ ରକ୍ଷା କରିଥିବାରୁ ମହିଷାସୁର ମର୍ଦ୍ଦିନୀ ନାମ ଧାରଣ କରିଛନ୍ତି। ମା'ସର୍ବଦା ତାର ସନ୍ତାନର କଲ୍ୟାଣ କରିବା ପାଇଁ ସମସ୍ତ ପ୍ରକାର କଷ୍ଟ ସ୍ୱୀକାର କରିଥାଏ। ସେହିପରି ଭାବରେ ଦୁର୍ଗତିନାଶିନୀ ମୋକ୍ଷପ୍ରଦାୟିନୀ ପତିତପାବନୀ ଅନ୍ନପୂର୍ଣ୍ଣା ମା'ଦୁର୍ଗା ଦୀର୍ଘ ଶହେବର୍ଷର ଅନାବୃଷ୍ଟିରୁ ଜଗତକୁ ଉଦ୍ଧାର କରି ପୃଥିବୀବାସୀଙ୍କୁ ଅନ୍ନ, ଜଳ, ଫଳ, ଶାକ, ଓ ବନସ୍ପତି ପ୍ରଦାନ କରି ଶାକମ୍ଭରୀ ନାମ ବହନ କରିଛନ୍ତି। ଏହାଦ୍ୱାରା ମା'ବଞ୍ଚି ରହିବା ପାଇଁ ପ୍ରକୃତିକୁ କିପରି ସର୍ବାଗ୍ରେ ପ୍ରାଧାନ୍ୟ ଦେବା ଆବଶ୍ୟକ ତାହାର ନିଦର୍ଶନ ସ୍ୱରୂପ ନିଜେ ଫୁଲ, ଫଳ ଓ ପତ୍ରର ଗଜରାମାଳରେ ମଣ୍ଡି ହୋଇ ସୁସଜ୍ଜିତ ହୁଅନ୍ତି, ସେଇ ମା'ଶାକମ୍ଭରୀଙ୍କ ବିଷୟ ଆଜିର ଆଲୋଚ୍ୟ ବିଷୟ।

ଦୁର୍ଗମ ନାମକ ଏକ ଦୁଷ୍ଟ ରାକ୍ଷସକୁ ବିନାଶ କରିଥିବାରୁ ମା'ଦୁର୍ଗା ନାମ ଧାରଣ କରିଛନ୍ତି। ହିରଣ୍ୟାକ୍ଷ ବଂଶରେ ଦୈତ୍ୟ ରୁରୁର ପୁତ୍ର ଥିଲେ ଦୁର୍ଗମ। ଦୁର୍ଗମ ବ୍ରହ୍ମାଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ବରପ୍ରାପ୍ତ ହୋଇ ମହାପରାକ୍ରମଶାଳୀ ହୋଇପାରିଥିଲା। ବରପ୍ରାପ୍ତି ଫଳରେ ସେ ବ୍ରହ୍ମାଙ୍କ ଠାରୁ ଚାରିବେଦ ମଧ୍ୟ ମାଗିଆଣିଥିଲା। ଫଳରେ ବୈଦିକ ରୀତିନୀତି, ଯାଗଯଜ୍ଞାଦି ବନ୍ଦ ହେବାରୁ ଦେବତାମାନେ ଯଜ୍ଞର ହବିର୍ଭାଗ ନପାଇ ଦୁର୍ବଳ ଅନୁଭବ କଲେ। ତାର ପ୍ରଭାବରେ ମର୍ତ୍ତ୍ୟରେ ଏକ ଶହ ବର୍ଷ ପର୍ଯ୍ୟନ୍ତ ବର୍ଷା ହେଲାନାହିଁ। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିଲୋକରେ ହାହାକାର ଖେଳିଗଲା। ଏହାପରେ ଦୁର୍ଗମ ନିଜର ଅଧିକାରକୁ ସ୍ୱର୍ଗପୁରରେ ଜାହିର କଲା। ଦେବତାମାନେ ଦୁର୍ଗମ ଅତ୍ୟାଚାରରେ ସ୍ୱର୍ଗପୁର ତ୍ୟାଗକରି ହିମାଳୟ ପର୍ବତକୁ ପଳାୟନ କଲେ ଏବଂ ଶକ୍ତିଭୂତା ସନାତନୀ, ଭଗବତୀ ମାହେଶ୍ୱରୀଙ୍କୁ ସ୍ମରଣ କଲେ। ଦେବୀ ତତ୍‌କ୍ଷଣାତ ପ୍ରକଟିତା ହେଲେ। ଦୈତ୍ୟର ପ୍ରଭାବରେ ତ୍ରିଲୋକରେ ଏପରି ବ୍ୟାକୁଳତା ଭରିଯାଇଥିଲା ଯେ ଏହା ଦେଖି ମା'ଙ୍କ ଆଖିରୁ ଅବିରତ ଅଶ୍ରୁ ନିର୍ଗତ ହେବାକୁ ଲାଗିଲା। ବେଦନାକୁ ଧୋଇ ଦେବା ପାଇଁ ମା'ଙ୍କ ମୁଖମଣ୍ଡଳରେ ପ୍ରକଟିତ ହେଲା ଶହେଟି ନେତ୍ର, ତେଣୁ ମା'ଙ୍କର ଅନ୍ୟ ଏକ ନାମ 'ଶତାକ୍ଷୀ'। ଦେବୀଙ୍କ ଚକ୍ଷୁର ନୀର ତିନିଲୋକରେ ବୃଷ୍ଟିର ରୂପ ନେଲା। ନଦୀ ନାଳ ହ୍ରଦ ଅଗାଧ ଜଳରେ ପୂର୍ଣ୍ଣ ହୋଇଗଲା। ସକଳ ବନସ୍ପତି ପରିତୃପ୍ତ ହେଲେ। ପୃଥିବୀ ଶସ୍ୟଶ୍ୟାମଳା ହେଲା ଓ ବୃକ୍ଷମାନ ଫଳଫୁଲରେ ସୁଶୋଭିତ ହେଲେ। ଏହି ସମୟରେ ମା'ଭଗବତୀ ସଭିଙ୍କୁ ସ୍ୱହସ୍ତରେ ଅନେକ ପ୍ରକାର ଶାକ ଓ ସ୍ୱାଦିଷ୍ଟ ଫଳ ପ୍ରଦାନ କଲେ। ତେଣୁ ତାଙ୍କ ନାମ ହେଲା 'ଶାକମ୍ଭରୀ'। ମା'ପାର୍ବତୀ ଶାକମ୍ଭରୀ ରୂପରେ ଆବିର୍ଭୁତା ହୋଇ ପ୍ରବଳ ପ୍ରତାପୀ ଦୁର୍ଗମାସୁରକୁ ବଧ କଲେ। ଦେବୀ ଶାକମ୍ଭରୀଙ୍କ ଅନୁକମ୍ପାରେ ଦେବ, ମାନବ, ଋଷିମୁନି ସମସ୍ତେ ଉପକୃତ ହେଲେ। ମା'ବ୍ରହ୍ମାଙ୍କୁ ବେଦ ପ୍ରଦାନ କଲେ ଓ ଇନ୍ଦ୍ରଙ୍କୁ ସ୍ୱର୍ଗପୁରୀ ଫେରାଇ ଦେଲେ। ମା'ଶାକମ୍ଭରୀ ଦେବୀଙ୍କ ମହିମା ମହାଭାରତ ଓ ଶିବପୁରାଣରେ ବର୍ଣ୍ଣନା କରାଯାଇଛି।

ରାଜସ୍ଥାନର ସାମ୍ଭର ଓ ଉତ୍ତର ପ୍ରଦେଶର ସହରାନପୁର ଠାରେ ମା'ଶାକମ୍ଭରୀଙ୍କର ପ୍ରସିଦ୍ଧ ମନ୍ଦିର ଅବସ୍ଥିତ। ପ୍ରତିବର୍ଷ ପୌଷମାସରେ ଅଷ୍ଟମୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏଠାରେ ଶାକମ୍ଭରୀ ନବରାତ୍ରୀ ଓ ଶାକମ୍ଭରୀ ପୂର୍ଣ୍ଣିମା ପାଳନ କରାଯାଏ। ମା'ଙ୍କୁ ବିଭିନ୍ନ



ପ୍ରକାର ଫଳ, ପରିବା, ଶାକ ଓ ବନସ୍ପତିର ମାଳ ପ୍ରସ୍ତୁତ କରାଯାଇ ପିନ୍ଧାଯାଏ ଏବଂ ନବପଲ୍ଲବରେ ସୁସଜ୍ଜିତ କରାଯାଏ। ଶାକ ଅର୍ଥ ସବୁଜ ବନସ୍ପତି ଓ ଅମ୍ବରୀ ଅର୍ଥ ଯେ ଏହାକୁ ଧାରଣ କରିଥାନ୍ତି। ତେଣୁ ମା'ଙ୍କ ଶାକମ୍ଭରୀ ବେଶ ହେଉଛି ସୁନ୍ଦର ସବୁଜ ବନାନୀର ଚିତ୍ର। ଯେଉଁ ବୃକ୍ଷଲତା ଭରା ସବୁଜ ବନାନୀକୁ ଆମେ ମା'ଶାକମ୍ଭରୀ ରୂପେ ଦର୍ଶନ କରୁ ତାକୁ ସୁରକ୍ଷିତ ରଖିବା ମା'ର ପୂଜା କରିବା ସହ ସମାନ। ଏଥିରେ ମା'ଅଧିକ ପ୍ରସନ୍ନ ହେବେ। ହେଲେ ଆଜି ମଣିଷ କ'ଣ ତାହା ବୁଝୁଛି ? ନ୍ୟସ୍ତସ୍ୱାର୍ଥର ବଶବର୍ତ୍ତୀ ହୋଇ କାଟି ଚାଲିଛି ବୃକ୍ଷ ପରେ ବୃକ୍ଷ। ତା ସ୍ଥାନରେ ଗଢ଼ି ଉଠୁଛି କଳକାରଖାନା ଓ ଅସଂଖ୍ୟ କୋଠାବାଡ଼ି। ବୃକ୍ଷରୋପଣ ଓ ସବୁଜ ବନାନୀ ସୃଷ୍ଟି କରିବାର ବାହାନାରେ ବହୁ ନେତା ଓ ସ୍ୱେଚ୍ଛାସେବୀମାନେ ସଭାସମିତିରେ ଭାଷଣ ଦେଇ ଅର୍ଥ ଆତ୍ମସାତ କରୁଛନ୍ତି। ମଣିଷ ଶରୀର ପଞ୍ଚଭୂତରେ ଗଢ଼ା। ଏହି ପଞ୍ଚଭୂତ – ମୃତ୍ତିକା, ଜଳ, ବାୟୁ, ଅଗ୍ନି ଏବଂ ଆକାଶ ମଧ୍ୟରେ ସମତା ରକ୍ଷାକରି ଜୀବ ଜଗତକୁ ବଞ୍ଚିବାର ରାହା ଯୋଗାଏ। ମୃତ୍ତିକା ବୃକ୍ଷକୁ ରକ୍ଷାକରେ। ଆଉ ବୃକ୍ଷ ମଧ୍ୟ ମୃତ୍ତିକାକୁ ସୁରକ୍ଷା ପ୍ରଦାନ କରେ। ଆମ ଶରୀରର ଜଳ ଏକ ପ୍ରଧାନ ଉପାଦାନ। ବୃକ୍ଷ ଯୋଗୁଁ ବୃଷ୍ଟି ହୁଏ। ବନ ନଷ୍ଟକରଣ ହେତୁ ବର୍ଷା ନିୟମିତ ହେଉନାହିଁ, ଫଳରେ ଅସମୟରେ ବର୍ଷା, ବନ୍ୟାହୁଏ ଏବଂ ମରୁଡ଼ି ଆଦି ଦୁର୍ବିପାକ ମଧ୍ୟ ସଂଘଟିତ ହୋଇଥାଏ। ପଚନ ହେଉଛି ଶରୀର ପାଇଁ ଅନ୍ୟ ଏକ ଅପରିହାର୍ଯ୍ୟ ଅଂଶ। ଯାହା ବୃକ୍ଷଦ୍ୱାରା ଶୁଦ୍ଧ ହୋଇଥାଏ। ମନୁଷ୍ୟ ନିଶ୍ୱାସରୁ ଉତ୍ପନ୍ନ ଅଙ୍ଗାରକାମ୍ଳକୁ ଗ୍ରହଣ କରି ବୃକ୍ଷ ଅମ୍ଳଜାନ ପ୍ରଦାନ କରିଥାଏ। ଅଗ୍ନି ବା ଉତ୍ତାପ ହେଉଛି ଶରୀର ପାଇଁ ଭିନ୍ନ ଅତ୍ୟାବଶ୍ୟକୀୟ ଉପାଦାନ। ଅଗ୍ନିର ମୂଳ ଉତ୍ସ ହେଉଛି ସୂର୍ଯ୍ୟ। ସୂର୍ଯ୍ୟଙ୍କ ପ୍ରଖର କିରଣକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷ ଅତ୍ୟନ୍ତ ଆବଶ୍ୟକ। ଆଜିକାଲି ବୃକ୍ଷ ନଷ୍ଟ ହେବା ଫଳରେ ବାୟୁମଣ୍ଡଳରେ ତାପମାତ୍ରା ଅତ୍ୟଧିକ ଭାବରେ ବଢ଼ି ଚାଲିଛି। ସେହିପରି ଆକଶ ତତ୍ତ୍ୱ ହେଉଛି ଶରୀରର ଅନ୍ୟ ଏକ ଉପାଦାନ। ଯାହା ମନୁଷ୍ୟ ଚଳପ୍ରଚଳ କରିବା ପାଇଁ ଭାରସାମ୍ୟ ରକ୍ଷାକରେ। ବୈଜ୍ଞାନିକ ଗବେଷଣାରୁ ଜଣାଯାଏ ଯେ ବାୟୁମଣ୍ଡଳର ଓଜୋନ ସ୍ତରରେ କ୍ଷତ ସୃଷ୍ଟି ହୋଇ ସୂର୍ଯ୍ୟଙ୍କର ପ୍ରଖର ତାପ ପ୍ରଦାନ କରୁଥିବା ଅତି ବାଇଗଣି ରଶ୍ମି ବାୟୁମଣ୍ଡଳକୁ ପ୍ରବେଶ କରିବା ଦ୍ୱାରା ଆମକୁ ନାହିଁ ନଥିବା ରୋଗ ଭୋଗ କରିବାକୁ ପଡୁଛି। ଏହି କ୍ଷତିକାରକ ଅତିବାଇଗଣି ରଶ୍ମିର ନିୟାନ୍ତ୍ରକ ହେଉଛି କେବଳ ବୃକ୍ଷ।

ମା'ଦୁର୍ଗା ଶାକମ୍ଭରୀ ହୋଇ ସବୁଜବନାନୀ ସୃଷ୍ଟି କରି ଜୀବଜଗତ ତଥା ଦେବତା ମାନଙ୍କୁ ରକ୍ଷା କରିଥିଲେ। ତେଣୁ ଦୁର୍ଗାପୂଜାରେ ଆମେ ବୃକ୍ଷରୋପଣ କରି ଓ ତାର ଉପଯୁକ୍ତ ଯତ୍ନ ନେଇ ସବୁଜ ବନାନୀ ସୃଷ୍ଟି କଲେ ତାହା ହେବ ମା'ଶାକମ୍ଭରୀଙ୍କ ପାଇଁ ଉପଯୁକ୍ତ ପୂଜାଅର୍ଚ୍ଚନା। ଏହି ଅନ୍ନଦାତ୍ରୀ ପ୍ରକୃତିରାଣୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଜି ଏହି ପବିତ୍ର ଦଶହରା ଉତ୍ସବରେ ଚାଲନ୍ତୁ ପରିବେଶର ସୁରକ୍ଷା ଓ ବୃକ୍ଷରୋପଣ ପାଇଁ ଶପଥ ନେବା।

ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬,
କଟକ, ଦୂରଭାଷ : ୯୮୬୧୩୫୫୬୨୮

# 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା'

**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

ଆସିଛି ଆଶ୍ୱିନ। ପାର୍ବଣର ପରିବେଶ। ବିଲମାଳ, ନଈପଠାରେ କାଶତଣ୍ଡିର ଫେନିଳ ରାହାସ। ମା'ଆସୁଛନ୍ତି। ଦୁର୍ଗତି ନାଶିନୀ ମୋକ୍ଷପ୍ରଦାୟିନୀଙ୍କ ଆଗମନରେ ଧାରଣୀ ଚଳଚଞ୍ଚଳ। ଶିଳ୍ପୀ ହାତରେ ରଙ୍ଗର ପସରା। ପବନରେ ଭାସି ଆସୁଛି ମା'ଙ୍କର ଆଗମନର ଗୀତିକା। ମା' ଓହ୍ଲାଇଛନ୍ତି ଧରାପୃଷ୍ଠକୁ। ଦୁଃଖ, ଶୋକ ହରଣ କରି ସବୁରି ଓଠରେ ଭରିଦେବେ ଶାନ୍ତି-ମୈତ୍ରୀର ବାର୍ତ୍ତା। ଦେବୀଙ୍କ ଆଶୀର୍ବାଦରେ ସବୁ ପ୍ରତିକୂଳ ହେବ ସାଧନମୁକ୍ଷୀ। ଘନ ଅନ୍ଧକାରରେ ମା'ଦେବେ ନିରନ୍ତର ଆଲୋକର ସନ୍ଧାନ। ତାଙ୍କରି କୃପା ଦୃଷ୍ଟିରେ ସକଳ ବ୍ୟାଧି ଦୂରେଇଯିବ। ପୋଛି ହୋଇଯିବ ସବୁ ସନ୍ତାପ। ସବୁ ଅଭାବ ପାଲଟିଯିବ ପୂର୍ଣ୍ଣତାରେ। ମା'ସୃଷ୍ଟି ସ୍ଥିତି ବିନାଶର ଆଧାର। ତାଙ୍କରି ଇଚ୍ଛାରେ ଆତଯାତ ଏ ସଂସାର। ଆଜିଠାରୁ ଆରମ୍ଭ ହେଉଛି ମା'ଦୁର୍ଗତିନାଶିନୀଙ୍କ ପବିତ୍ର ନବରାତ୍ରି ଉତ୍ସବ। ଏହି ନବରାତ୍ରିରେ କିଏ ଉପବାସ ରଖିଛି, ପୁଣି କିଏ ମାନସିକରେ ମା'ଦୁଆରରେ ଦୀପ ଜାଳୁଛି। ମା'ଙ୍କର ଏହି ନବଦିନାତ୍ମକ ଯାତ୍ରାରେ ଦେଶ ବିଦେଶର ସମସ୍ତ ଶକ୍ତିପୀଠ ଉତ୍ସବମୁଖର। ଏହି ନଅ ଦିନ ମା'ମହିଷାମର୍ଦ୍ଦିନୀ ଭିନ୍ନ ଭିନ୍ନ ସ୍ୱରୂପରେ ଭକ୍ତଙ୍କୁ ଦର୍ଶନ ଦେଇ ଅଭୟ ପ୍ରଦାନ କରିବେ। 'ପ୍ରଥମଂ ଶୈଳପୁତ୍ରୀ ଚ, ଦ୍ୱିତୀୟଂ ବ୍ରହ୍ମଚାରିଣୀ। ତୃତୀୟଂ ଚନ୍ଦ୍ରଘଣ୍ଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍। ପଞ୍ଚମଂ ସ୍କନ୍ଦମାତେତି, ଷଷ୍ଠଂ କାତ୍ୟାୟନୀତି ଚ। ସପ୍ତମଂ କାଳରାତ୍ରୀତି, ମହାଗୌରୀ ଚାଷ୍ଟମମ୍। ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତିତାଃ, ଅକ୍ତାନ୍ୟେତାନି ନାମାନି, ବ୍ରାହ୍ମଣୈବ ମହାତ୍ମନା।' 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ' ଶକ୍ତି ଉପାସକଙ୍କ ଦୃଷ୍ଟିରେ ମହାଶକ୍ତି ହେଉଛନ୍ତି ପରବ୍ରହ୍ମ ପରମାତ୍ମା । ସେ ସୃଜନ କରନ୍ତି, ପାଳନ କରନ୍ତି, ସଂହାର କରନ୍ତି । ସେ ଆଦ୍ୟା ମହାଶକ୍ତି । ତାଙ୍କର ସ୍ୱରୂପ ବିବିଧ । ସେ ନବଦୁର୍ଗା, ଦଶ ମହାବିଦ୍ୟା, ଅନ୍ନପୂର୍ଣ୍ଣା, କାତ୍ୟାୟନୀ, ଲଳିତାମ୍ବା, ଗାୟତ୍ରୀ, ଭୁବନେଶ୍ୱରୀ, କାଳୀ, ତାରା, ବଗଳା । ସେ ସଂହାର ପାଇଁ ମହାକାଳୀ, ବିଦ୍ୟା ଦାନ ପାଇଁ ସରସ୍ୱତୀ, ଧନ ପାଇଁ ମହାଲକ୍ଷ୍ମୀ । ମାର୍କଣ୍ଡେୟ ପୁରାଣରେ ଭଗବତୀଙ୍କୁ ଏହି ରୂପେ ସ୍ତୁତି କରାଯାଇଛି ।

ନବରାତ୍ରି ଅବସରରେ ପୂଜା ପାଉଥିବା ନଅ ଦେବୀ ନବଦୁର୍ଗା ଭାବେ ଖ୍ୟାତ । ଦେବୀ ମାହାତ୍ମ୍ୟ ଏବଂ ଦୁର୍ଗା ସପ୍ତସତୀରେ ସେମାନଙ୍କର କଥା ବର୍ଣ୍ଣିତ । ନବଦୁର୍ଗା ହେଉଛନ୍ତି ଶକ୍ତିଙ୍କ ଭିନ୍ନ ଭିନ୍ନ ଅବତାର । ସେମାନେ ହେଲେ – ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ଏବଂ ସିଦ୍ଧିଦାୟିନୀ । ନବରାତ୍ରିର ପ୍ରଥମ ଦିନରେ ପୂଜା ପାଆନ୍ତା ମାତା ଶୈଳପୁତ୍ରୀ । 'ଶୈଳ' ଅର୍ଥ ପାହାଡ଼ ଓ 'ପୁତ୍ରୀ' ଅର୍ଥ କନ୍ୟା । ସେ ପାର୍ବତୀ ବା ହେମବତୀ ଭାବେ ମଧ୍ୟ ପରିଚିତ । ଦକ୍ଷକନ୍ୟା ସତୀ ପ୍ରଥମ ପୁନର୍ଜନ୍ମ ନେଇଥିଲେ ଶୈଳପୁତ୍ରୀ ଭାବେ । ଦ୍ୱିତୀୟ ପୁନର୍ଜନ୍ମ ନେଇଥିଲେ ହିମାଳୟପୁତ୍ରୀ ପାର୍ବତୀ ରୂପେ ଏବଂ ବିବାହ କରିଥିଲେ ମହାଦେବଙ୍କୁ । ଶୈଳପୁତ୍ରୀ ହେଉଛନ୍ତି ଶକ୍ତିଙ୍କ ପ୍ରଥମ ଅବତାର । ଦ୍ୱିତୀୟ ଦିନରେ ପୂଜା ପାଆନ୍ତି ମା'ବ୍ରହ୍ମଚାରିଣୀ । ତାଙ୍କର ଅନ୍ୟ ନାମଗୁଡ଼ିକ ହେଲା ଉମା, ଅପର୍ଣ୍ଣା ଏବଂ ତପଶ୍ଚାରିଣୀ । ବ୍ରାହ୍ମଚାରିଣୀ ଅର୍ଥ ଚରମ ସତ୍ତାର ସାନ୍ନିଧ୍ୟ ପାଇବା ଲାଗି ସେ ସଦା ତପସ୍ୟାରତ । ତୃତୀୟ ଦିନରେ ଆରାଧନା କରାଯାଏ ମା'ଚନ୍ଦ୍ରଘଣ୍ଟାଙ୍କୁ । ମଥାରେ ଅର୍ଦ୍ଧଚନ୍ଦ୍ରଙ୍କୁ ଧାରଣ କରିଥିବାରୁ ସେ ହେଲେ ଚନ୍ଦ୍ରଘଣ୍ଟା। ଚତୁର୍ଥ ଦିନରେ ଆବାହନ କରାଯାଏ ମା'କୁଷ୍ମଣ୍ଡାଙ୍କୁ । ସେ ଅଷ୍ଟଭୁଜା ଏବଂ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ରୀ । ନିଜ ହସ ଦ୍ୱାରା ସେ ଦୂର କରିଥିଲେ ଅନ୍ତହୀନ ଅନ୍ଧକାରକୁ ଏବଂ ଯାହା ଦ୍ୱାରା ସୃଷ୍ଟି ପର୍ବ ଆରମ୍ଭ ହୋଇଥିଲା । ପଞ୍ଚମ ଦିନରେ ପୂଜା ପାଆନ୍ତି ସ୍କନ୍ଦ ମାତା । ସେ ଦେବତାଙ୍କ ସେନାମୁଖ୍ୟ କାର୍ତ୍ତିକେୟ ବା ମୁରୁଗ ବା ସ୍କନ୍ଦଙ୍କ ମାତା । ସେ ହେଉଛନ୍ତି ସକଳ ମାତୃତ୍ୱର ପରିପ୍ରକାଶ ଏବଂ ସ୍ନେହଶୀଳ କ୍ଷମାମୟୀ । ଷଷ୍ଠ ଦିବସରେ ପୂଜା ପାଆନ୍ତି ମା'କାତ୍ୟାୟାନୀ । କାତ୍ୟ ମୁନିଙ୍କ କନ୍ୟା ଭାବେ ଜାତ ହୋଇଥିବାରୁ ସେ କାତ୍ୟାୟନୀ । ସେ ଦୁର୍ଗାଙ୍କର କନ୍ୟା ସ୍ୱରୂପ । ସ୍ନେହ ଶ୍ରଦ୍ଧାର ପ୍ରତୀକ । ଅନ୍ୟଥା ଯେ ମାତୃ ଶକ୍ତିକୁ ମନ ମଧ୍ୟରେ ଅନୁଭବ କରି ନପାରେ ବା ଭଗବତୀ ଶକ୍ତି ରୂପିରୀ 'ମା'ର ପୂଜା ନ କରେ ବ ତାହାର ଶୁଭ ଆଗମନରେ ଆନନ୍ଦ ଅନୁଭବ ନକରେ ସେ କଦାପି କର୍ମ ଶକ୍ତିର ଆନନ୍ଦକୁ ଉପଲବ୍ଧି କରିପାରିବ ନାହିଁ । ଫଳତଃ ସେ ସତ ପ୍ରକୃତିର ବଶବର୍ତ୍ତୀ ହେବା ପରିବର୍ତ୍ତେ ଅସତ୍ ପ୍ରକୃତିର ବଶବର୍ତ୍ତୀ ହୋଇଥାଏ । କର୍ମମୟ ଜୀବନରେ ଉତ୍ସାହ, ନିଷ୍ଠା, ପ୍ରେରଣା ପାଇବା ପରିବର୍ତ୍ତେ ନିରୁତ୍ସାହିତ, ଗ୍ଲାନି, ପରାଜୟ, କର୍ମକୁଣ୍ଠା ତଥା ହିଂସାର ଭାବକୁ ମନ ମଧ୍ୟରେ ସ୍ଥାନ ଦେଇଥାଏ । ଏଜଗତରେ ମାତୃଶକ୍ତି ହିଁ ଅପରାଜେୟ ଆଦ୍ୟାଶକ୍ତି ରୂପେ ଯୁଗେ ଯୁଗେ ସମ୍ବୋଧିତା । ପ୍ରତ୍ୟେକ ଦେବତାର ବୈଶିଷ୍ଟ୍ୟ ତାଙ୍କର ସ୍ୱତନ୍ତ୍ର କ୍ଷମତାରେ । ଅପରାଜେୟ ମାତୃଶକ୍ତିର ଅଧିକାରୀ ହେବାପାଇଁ ପ୍ରତିଟି ପ୍ରାଣରେ ମହାମାୟାଙ୍କ କରୁଣା ଅପରିହାର୍ଯ୍ୟ । ତେଣୁ ପବିତ୍ର ଆବିର୍ଭାବୋତ୍ସବ (ଶରତ କାଳରେ) ମାନବ ମାତୃଶକ୍ତିର ଉପାସନା କରିବା ପୂର୍ବକ ସେହି ଶକ୍ତିରେ ଶକ୍ତିମନ୍ତ ହୋଇ ଜୀବନକୁ କର୍ମ ଚଞ୍ଚଳ ଓ ଆନନ୍ଦ ମୁଖର କରିବା ବିଧେୟ । ଏହା ଏ ଜଗତର ଏକ ପ୍ରଚଳିତ ଧାରା । କେଉଁ ପ୍ରାଚୀନ କାଳରୁ ଏ ଧାରା ପ୍ରତିଟି ପ୍ରାଣରେ ପ୍ରବଳ ବେଗଗାମୀ ସ୍ରୋତସ୍ୱିନୀ ସମ ପ୍ରବାହିତ ହେଉଛି । ଦେବୀ ନିଜେ କହିଛନ୍ତି ଯେ, ଶରତ କାଳରେ ଯେ ମୋର ବର୍ଷକୁ ଭକ୍ତିପୂତ ଭାବରେ ଆରାଧନା କରି ଶ୍ରଦ୍ଧାର ସହିତ ମୋର ମହାତ୍ମ୍ୟକୁ ଶ୍ରବଣ କରନ୍ତି, ସେମାନେ ମୋର ପ୍ରସାଦରୁ ସକଳ ବିଘ୍ନକୁ ଅତିକ୍ରମ ପୂର୍ବକ ଧନ୍ୟ, ଧାନ୍ୟ, ସ୍ତ୍ରୀ, ପୁତ୍ର ଇତ୍ୟାଦି ଲାଭ କରନ୍ତି । 'ଶରତ କାଳେ ମହାପୂଜା କ୍ରୟତେ ଯାଚ ବାର୍ଷିକୀ, ତସ୍ୟା ମମୈ ତନ୍ମାହାତ୍ମ୍ୟଂ ଶ୍ରୁତ୍ୱାଭକ୍ତି ସମନ୍ୱିତଃ । ସର୍ବବାଧା ବିନିର୍ମୁକ୍ତୋ ଧନ୍ୟଧାନ୍ୟ ସୁତନ୍ୱିତଃ, ମହକ୍ଷ୍ୟୋ ମତ୍ ପ୍ରମାଦେନ ଭବିଷ୍ୟତିନ ସଂଶୟଃ ।'

ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ, ଦୂରଭାଷ : ୯୪୩୭୨୪୨୩୧୭



# ଦିଲ୍ଲୀରେ ହେବ କୃତ୍ରିମ ବର୍ଷା

**ନୂଆଦିଲ୍ଲୀ,୨୫।୯:**ଦୀର୍ଘ ବର୍ଷ ଧରି ଦିଲ୍ଲୀରେ ଲାଗିରହିଥିବା ପ୍ରଦୂଷଣ ରୋକିବାକୁ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ବୈଜ୍ଞାନିକଙ୍କ ମିଳିତ ଯୋଜନା ଏବେ ଫଳବତୀ ହେବାକୁ ଯାଉଛି । ଡିଜିସିଏ ବା ବେସାମରିକ ବିମାନଚଳାଚଳ ମନ୍ତ୍ରଣାଳୟ ଓ ଡିଜିସିଏ ଏନେଇ ଅକ୍ଟୋବର ପହିଲାରୁ ନଭେମ୍ବର ୩୦ ତାରିଖ ଭିତରେ କ୍ଲାଉଡ ସିଡିଂ କରିବାକୁ ଅନୁମତି ଦେଇଛି । ଏହା ଦେଶରେ ପ୍ରଥମ ଥର ପାଇଁ କୌଣସି ଏକ ରାଜ୍ୟରେ ଔପଚାରିକ ଭାବେ କୃତ୍ରିମ ବର୍ଷା କରାଇବାକୁ ବାଟ ଫିଟିଛି । ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂ ସିରସା କହିଛନ୍ତି କି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ମାର୍ଗଦର୍ଶନରେ ଡିଜିସିଏ ଆଇଆଇଟି କାନପୁରକୁ ଦିଲ୍ଲୀରେ କ୍ଲାଉଡ ସିଡିଂ କରିବାକୁ ଅନୁମତି ଦେଇଛି । ଏହା ଦେଶର ପ୍ରଦୂଷଣ ବିରୋଧୀ ଲଢେଇରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ସେ କହିଛନ୍ତି । ପରିବେଶ ମନ୍ତ୍ରୀ କହିଛନ୍ତି କି, ବିମାନକୁ ଷ୍ଟାଣ୍ଡବାଏ ଅବସ୍ଥାରେ ରଖାଯିବ । ଯେଉଁଳି ପରିବେଶ ଓ ବୈଜ୍ଞାନିକ ପରିସ୍ଥିତିକୁ ଅନୁକୂଳ ହେବ । ୧ ରୁ ୧୧ ଅକ୍ଟୋବର ମଧ୍ୟରେ ପ୍ରାରମ୍ଭିକ ପରୀକ୍ଷଣ କରାଯିବ । ପ୍ରଦୂଷଣରୁ ଲୋକମାନଙ୍କୁ କେତେ ଶୀଘ୍ର ମୁକ୍ତି ମିଳିବ ତା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି । ଅନୁମତି କ୍ରମରେ ଆଇଆଇଟି କାନପୁରର ଟିମ୍ ଭିଟି-ଆଇଆଇଟି ବିମାନର ଉପଯୋଗ କରିବ । ଡିଜିସିଏର ଦିଶା ନିର୍ଦ୍ଦେଶ ମୁତାବକ କେବଳ ଲାଇସେନ୍ସଧାରୀ ଓ ଅନୁଭବି ପାଇଲଟ ଉଡାଣ ଭରିବ । ଡିଜିସିଏ ସ୍ପଷ୍ଟ କରିଛି କି, ଉଡାଣ ବେଳେ କାହାକୁ ବି ଏହାର ଫଟୋ କି ଭିଡିଓ ଉତ୍ତୋଳନ କରିବାକୁ ଅନୁମତି ଦିଆଯିବ ନାହିଁ । ଏହାସହ ବିମାନ ଚାଳକ ଭାବେ କୌଣସି ବିଦେଶୀ ପାଇଲଟଙ୍କୁ ନିଆଯିବ ନାହିଁ ।

# ଗାଜାରେ ଇସ୍ରାଏଲର ଭୟଙ୍କର ଆକ୍ରମଣ

**ନୂଆଦିଲ୍ଲୀ,୨୫।୯:** ଗାଜାରେ ଇସ୍ରାଏଲର ଭୟଙ୍କର ଆକ୍ରମଣ । ଇସ୍ରାଏଲ ସୈନ୍ୟ ଗାଜାରେ ଏୟାରଷ୍ଟ୍ରାଇକ୍ କରିଥିଲା ଫଳରେ ୮୫ ଜଣ ପାଲେଷ୍ଟାଇନ୍ ନାଗରିକଙ୍କ ମୃତ୍ୟୁ ହୋଇଛି । ନୁସେରାତ ଶରଣାର୍ଥୀ ଶିବିରରେ ଅଲ-ଆହଲୀ ଷ୍ଟାଡିୟମ୍, ଯେଉଁଠାରେ ବିସ୍ଥାପିତ ପରିବାରମାନେ ଆଶ୍ରୟ ନେଇଥିଲେ, ସେଠାରେ ୧୨ ଜଣ ମରିଛନ୍ତି । ମୃତକଙ୍କ ମଧ୍ୟରେ ୭ ଜଣ ମହିଳା ଓ ୨ ଜଣ ଶିଶୁ ଅଛନ୍ତି । ୨୦୨୩ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ସଂଘର୍ଷରେ ୬୫,୪୧୯ ପାଲେଷ୍ଟାଇନ୍ ନାଗରିକ ପ୍ରାଣ ହରାଇ ସାରିଲେଣି ।

# ବାୟୁସେନାକୁ ମିଳିବ ୯୭ଟି ତେଜସ ବିମାନ !

**ନୂଆଦିଲ୍ଲୀ,୨୫।୯:**ଭାରତୀୟ ବାୟୁସେନା ୯୭ଟି ତେଜସ୍ ମାର୍କ-୧ଏ ବିମାନ ପାଇଁ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ସହିତ ଏକ ବଡ଼ ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଛି । ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ବିମାନ ଚୁକ୍ତି ହେବ । ଏହି ଚୁକ୍ତିର ମୂଲ୍ୟ ପ୍ରାୟ ୬୬,୫୦୦ କୋଟି ହେବ ବୋଲି ଆକଳନ କରାଯାଇଛି ।ରିପୋର୍ଟ ମୁତାବକ ଆଜି ଏହି ଚୁକ୍ତି ଚୂଡ଼ାନ୍ତ ହୋଇପାରେ । ଯେହେତୁ ଶୁକ୍ରବାର ଦିନ ୩୬ଟି ପୁରୁଣା ମିଗ-୨୧ ବିମାନ ବନ୍ଦ ହୋଇଯିବ, ଏହା ବାୟୁସେନାର ଶକ୍ତିକୁ ସର୍ବନିମ୍ନ ୨୯ସ୍କାର୍ଡନକୁ ହ୍ରାସ କରିବ । ମିଗ-୨୧ ବିମାନକୁ ଅବସର କରିଦିଆଯିବା ପରେ, ଭାରତ ପାଖରେ ୨୯ ସ୍କ୍ୱାର୍ଡନ ରହିବ । ପ୍ରତ୍ୟେକ ସ୍କ୍ୱାର୍ଡନ ପାଖରେ ବର୍ତ୍ତମାନ ୧୬ ରୁ ୧୮ ଟି ଲଢୁଆ ବିମାନ ଅଛି । ପାକିସ୍ତାନ ପାଖରେ ବର୍ତ୍ତମାନ ୨୫ଟି ସ୍କାର୍ଡନ ରହିବ । ଏହା ବ୍ୟତୀତ, ପଡ଼ୋଶୀ ପାକିସ୍ତାନ ଚୀନ୍ ଠାରୁ ୪୦ଟି ଜେ-୩୫ଏ ପଞ୍ଚମ ପିଢ଼ିର ଷ୍ଟିଲ୍ଥ ଜେଟ୍ କିଣିବାକୁ ପ୍ରସ୍ତୁତ ହେଉଛି । ଉଲ୍ଲେଖ ଥାଉ କି ଯେ ଚୀନ୍ ଏହି ବିମାନ କ୍ଷେତ୍ରରେ ଭାରତଠାରୁ ବହୁତ ଆଗରେ । ଚୀନ୍ ପାଖରେ ଭାରତ ଅପେକ୍ଷା ଚାରି ଗୁଣ ଅଧିକ ଲଢୁଆ ଏବଂ ବୋମା ବର୍ଷଣକାରୀ ବିମାନ ଏବଂ ଅନ୍ୟାନ୍ୟ ରଣନୈତିକ କ୍ଷମତା ମଧ୍ୟ ଅଛି । ଭାରତୀୟ ବାୟୁସେନାର ଏକ ଆଭ୍ୟନ୍ତରୀଣ ରିପୋର୍ଟରେ କୁହାଯାଇଛି ଯେ ଚୀନ୍ ଏବଂ ପାକିସ୍ତାନରୁ ପାଇଁ ବାୟୁସେନାକୁ ପ୍ରତିବର୍ଷ ଅତି କମରେ ୪୦ଟି ନୂତନ ଯୁଦ୍ଧ ବିମାନ ଆବଶ୍ୟକ । ଏହା ଉଲ୍ଲେଖନୀୟ ଯେ ଫେବୃଆରୀ ୨୦୨୧ରେ ସ୍ୱାକ୍ଷରିତ ୮୩ଟି ତେଜସ୍ ମାର୍କ-୧ଏ ବିମାନ



ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ୪୨.୫ ସ୍କ୍ୱାର୍ଡନ ମଧ୍ୟ ପର୍ଯ୍ୟାପ୍ତ ନୁହେଁ । ଭାରତୀୟ ବାୟୁସେନା ତେଜସର ଧୀର ବିକାଶ ଏବଂ ବିତରଣ ଉପରେ ଲଗାତାର ଗୁରୁତ୍ୱ ଦେଇଆସିଛି । ଏକ କାର୍ଯ୍ୟକ୍ରମରେ, ଏୟାର ମାର୍ଶାଲ ଏପି ସିଂହ କହିଥିଲେ ଯେ ଯୁଦ୍ଧ ବିମାନ ପାଇଁ ପ୍ରଥମ ଚୁକ୍ତି ଅନୁଯାୟୀ, ହାଲ ଫେବୃଆରୀ ୨୦୨୪ରୁ ଫେବୃଆରୀ ୨୦୨୮ ମଧ୍ୟରେ ବିମାନ ଯୋଗାଇବାକୁ ସ୍ଥିର କରିଛି । ଏହି ଚୁକ୍ତିର ମୂଲ୍ୟ ୪୬୮୯୮ କୋଟି । ତଥାପି, ଏହା ଉଲ୍ଲେଖନୀୟ ଯେ ବାୟୁସେନା ଏପର୍ଯ୍ୟନ୍ତ ଗୋଟିଏ ବି ବିମାନ ପାଇନାହିଁ ।

# ଶକ୍ତିଶାଳୀ ହେବାକୁ ଇରାନ ସହ ହାତ ମିଳାଇଲେ ପୁଟିନ୍

**ନୂଆଦିଲ୍ଲୀ,୨୫।୯:** ଇରାନ ସହ ରୁଷର ଗୁପ୍ତ ଡିଲ୍ । ଇରାନରେ ପରମାଣୁ ଶକ୍ତି କେନ୍ଦ୍ର ନିର୍ମାଣ ପାଇଁ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି । ବୁଧବାର ମସ୍କୋରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ରୁଷ ପରମାଣୁ ସଂସ୍ଥା ରୋଜାଟମର ମୁଖ୍ୟ ଆଲେକ୍ସି ଲିଖାଚେଭ ଏବଂ ଇରାନର ପରମାଣୁ ମୁଖ୍ୟ ମହମ୍ମଦ ଇସଲାମି ଦସ୍ତାବିଜରେ ସ୍ୱାକ୍ଷର କରିଥିଲେ । ଇରାନର ଉପରାଷ୍ଟ୍ରପତି ମହମ୍ମଦ ଇସଲାମି କହିଛନ୍ତି ଯେ, ଇରାନ ୨୦୪୦ ସୁଦ୍ଧା ୨୦ ଗିଗାୱାଟ୍ ପରମାଣୁ ଶକ୍ତି ଉତ୍ପାଦନ କରିବାକୁ ଯୋଜନା କରୁଛି । ଏହାକୁ ହାସଲ କରିବା ପାଇଁ, ୮ଟି ନୂତନ ପରମାଣୁ କେନ୍ଦ୍ର ନିର୍ମାଣ କରାଯିବ । ଏଥିମଧ୍ୟରୁ ୪ଟି ଦକ୍ଷିଣ ପ୍ରଦେଶ ବୁଶେହରରେ ରହିବ । ଏହା ଇରାନକୁ ଗ୍ରୀଷ୍ମଋତୁରେ ବିଦ୍ୟୁତ ଅଭାବରୁ ମୁକ୍ତି ଦେବ । ବର୍ତ୍ତମାନ, ଦକ୍ଷିଣ ସହର ବୁଶେହରରେ ଅବସ୍ଥିତ ଇରାନରେ କେବଳ ଗୋଟିଏ ପରମାଣୁ କେନ୍ଦ୍ର କାର୍ଯ୍ୟକ୍ଷମ ଅଛି । ଏହା ରୁଷ ଦ୍ୱାରା ନିର୍ମିତ ଏବଂ ଏହାର କ୍ଷମତା ୧ ଗିଗାୱାଟ୍ । କହିରଖୁଛୁ ଯେ, ଜୁନ୍ ୧୩ ତାରିଖରେ ଇସ୍ରାଏଲ ଇରାନର ପରମାଣୁ ପ୍ରତିଷ୍ଠାନ ଏବଂ ସାମରିକ ଘାଟି ଉପରେ ଏକ ବିମାନ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ଇରାନର ଶୀର୍ଷ ସେନା କମାଣ୍ଡର ଏବଂ ପରମାଣୁ ବୈଜ୍ଞାନିକଙ୍କ ସମେତ ୧ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ଇରାନ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣର ଜବାବ ଦେଇଥିଲା, ଯେଉଁଥିରେ ଡର୍ଜନ ଡର୍ଜନ ଇସ୍ରାଏଲୀ ପ୍ରାଣ ହରାଇଥିଲେ । ଆମେରିକା ମଧ୍ୟ ଇରାନର ତିନୋଟି ପରମାଣୁ ପ୍ରତିଷ୍ଠାନ ଉପରେ ବୋମା ମାଡ଼ କରିଥିଲା । ସେପ୍ଟେମ୍ବର ୧୧ ତାରିଖରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ସ୍ୱୀକାର କରିଥିଲେ ଯେ, ଇସ୍ରାଏଲୀ ଏବଂ ଆମେରିକା ଆକ୍ରମଣ ପରେ ଇରାନର ଉଚ୍ଚ-ଗ୍ରେଡ୍ ୟୁରାନିୟମ୍ ଭଣ୍ଡାର ଭଗ୍ନାବଶେଷ ତଳେ ପୋତିହୋଇ ରହିଛି । ଏଜେନ୍ସି କହିଛି ଯେ ଜୁନ୍ ମାସରେ ଇରାନର ପରମାଣୁ ପ୍ରତିଷ୍ଠାନ ଉପରେ ଆକ୍ରମଣ ପରଠାରୁ ଇରାନର କାର୍ଯ୍ୟକଳାପ ଉପରେ କୌଣସି ସୂଚନା ମିଳିପାରିନାହିଁ ।

# ଚର୍ଚ୍ଚାରେ ବାବା ବିଶୁଦ୍ଧାନନ୍ଦ ମହାରାଜ

**ଡିଗ୍,୨୫।୯:** ଏକ ବଡ଼ ବୟାନ ଦେଇ ଚର୍ଚ୍ଚାରେ ଅଛନ୍ତି ବାବା ବିଶୁଦ୍ଧାନନ୍ଦ ମହାରାଜ । ହିନ୍ଦୁମାନେ ଗୋଟାଏ ପିଲା ଜନ୍ମ କରିବା ସହ ସେମାନଙ୍କ ପିଲାଙ୍କୁ ବଡ଼ କରି ବିଦେଶ ପଠାଇବା ନୀତିରେ ବିରକ୍ତ ଭାବ ପ୍ରକାଶ କରି ବାବା ସେଭଳି ମାତାପିତାଙ୍କୁ ଦେଶଦ୍ରୋହୀ ବୋଲି କହିଛନ୍ତି । କେବଳ ସେତିକି ନୁହେଁ, ଏଭଳି ଲୋକଙ୍କୁ ଫାଶୀରେ ଚାଇବା ଉଚିତ ପରି ବିବାଦୀୟ ମନ୍ତବ୍ୟ ବି ସେ ଦେଇଛନ୍ତି । ସେ କହିଛନ୍ତି ଯେ ''ଯେକୌଣସି ହିନ୍ଦୁ; ଯିଏ ପିଲା ଜନ୍ମ କରି ବିଦେଶ ପଠାନ୍ତି, ତାଙ୍କୁ ଦେଶଦ୍ରୋହୀ ଘୋଷଣା କରାଯିବା ଉଚିତ ।'' ଏହାବ୍ୟତୀତ, ସେ କହିଛନ୍ତି ଯେ ଏପରି ଲୋକଙ୍କୁ ଫାଶୀ ଦିଆଯିବା ଉଚିତ । ତଥାପି, ସେ ଏହି ବକ୍ତବ୍ୟ ଦେବା ପରେ ପରେ ତୁରନ୍ତ କ୍ଷମା ମଧ୍ୟ ମାଗିଛନ୍ତି । ଏକ କାର୍ଯ୍ୟକ୍ରମରେ ବିଶୁଦ୍ଧାନନ୍ଦ ମହାରାଜ କହିଥିଲେ ଯେ ଆଜିକାଲି ହିନ୍ଦୁମାନଙ୍କର ପିଲା ନାହିଁ । ହିନ୍ଦୁମାନଙ୍କ ମଧ୍ୟରେ ଦେଶପ୍ରେମର ଅଭାବ ରହିଛି । ଆଜିକାଲି ମାଆବାପା ପିଲା ଜନ୍ମ କରିବା, ତାଙ୍କୁ ବିଦେଶ ପଠାଇବା, ତାଙ୍କୁ ଶିକ୍ଷା ଦେବା ଏବଂ ସେମାନଙ୍କ ପିଲା ଲଣ୍ଡନ କିମ୍ବା ଜର୍ମାନୀରେ ପଢିବା ପାଇଁ ଗର୍ବ ଅନୁଭବ କରିବାର ଭାବନା ଅଛି । ଏହାଛଡ଼ା ଯେଉଁମାନେ ବିଦେଶ ଯାଆନ୍ତି; ସେମାନେ ଚାଲିଯାଆନ୍ତି । ସେମାନେ ଆଉ କେବେ ଫେରିଆସିବେ ନାହିଁ ବୋଲି ବାବା ଉଲ୍ଲେଖ କରିଛନ୍ତି । ବିଶୁଦ୍ଧାନନ୍ଦ ମହାରାଜ ଆହୁରି ବି କହିଛନ୍ତି କି, ଏପରି ପରିସ୍ଥିତିରେ, ତୁମର ଭୋଟ ହଜିଗଲା, ତୁମର ଧର୍ମ ହଜିଗଲା । ଏହା କି ପ୍ରକାରର ଚିନ୍ତାଧାରା ? ଏପରି ପିଲାମାନେ ଦେଶକୁ ଫେରିବେ ନାହିଁ ।''

# ତାଲିବାନ ଲିଡରକୁ ଘାରିଛି ମୃତ୍ୟୁର ଭୟ

**ନୂଆଦିଲ୍ଲୀ,୨୫।୯:**ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାତାର ତାଲିବାନକୁ ଧମକ ଦେଉଛନ୍ତି । ଟ୍ରମ୍ପ ଆତଙ୍କବାଦ ଯୋଗୁଁ ତାଲିବାନକୁ ଧମକ ଦେଉଥିବାବେଳେ ଅନ୍ୟ ପଟେ ତାଲିବାନର ସର୍ବୋଚ୍ଚ ନେତାଙ୍କୁ ମୃତ୍ୟୁର ଭୟ ଘାରିଛି । ଏହି କାରଣରୁ ସେ ଲଗାତାର ନିଜର ଠିକଣା ବଦଳାଉଛନ୍ତି । ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ଆଫଗାନିସ୍ତାନ ଇଣ୍ଟରନ୍ୟାସନାଲକୁ ଜଣାପଡ଼ିଛି ଯେ ତାଲିବାନ ନେତା ମୁଲ୍ଲା ହିବତୁଲ୍ଲା ଅଖୁନ୍ଦଜାଦା ଲଗାତାର ନିଜର ଠିକଣା ବଦଳାଉଛନ୍ତି । ସୂତ୍ରରୁ ଏହା ମଧ୍ୟ ଜଣାପଡ଼ିଛି ଯେ ସେ କେବଳ ଠିକଣା ବଦଳାଉ ନାହାନ୍ତି ବରଂ ଏହି ସପ୍ତାହରେ ଉଲେମା ପରିଷଦ ସହିତ ହେବାକୁ ଥିବା ସାପ୍ତାହିକ ବୈଠକ ମଧ୍ୟ ବାତିଲ କରି ଦେଇଛନ୍ତି । ମୁଲ୍ଲା ହିବତୁଲ୍ଲା ତିନୋଟି ସ୍ଥାନରେ ରହୁଥିଲେ । ମନ୍ଦିଗକ, ଏନୋ ମୀନା, ଅବଦୁଲ ରଜୀକ ଅଚକଜାଇଙ୍କ ଘର ଏବଂ କାନ୍ଦାହାର ଆର୍ମି କୋରର ପୁରୁଣା ମୁଖ୍ୟାଳୟ । କିନ୍ତୁ ଗତ ତିନି ଦିନ ହେବ ତାର ସଠିକ୍ ଠିକଣା ଜଣାପଡ଼ିନାହିଁ । ଗତ ତିନି ଦିନ ହେବ କେହି ଟ୍ରାକ୍ କରି ପାରିନାହାନ୍ତି ଯେ ସେ କେଉଁଠି ରହୁଛି । ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ତାଲିବାନ ନେତା ନିକଟରେ ବାରମ୍ବାର ନିଜର ଠିକଣା ବଦଳାଉଛି । ଆଫଗାନିସ୍ତାନ ଇଣ୍ଟରନ୍ୟାସନାଲକୁ ସୂତ୍ରରୁ ଜଣାପଡ଼ିଛି ଯେ



ପୂର୍ବରୁ ମୁଲ୍ଲା ହିବତୁଲ୍ଲାଙ୍କ ବାସସ୍ଥାନ ଜଣାପଡୁଥିଲା । ଏହା ସହିତ ସେ ପ୍ରତି ସପ୍ତାହରେ ଉଲେମା ପରିଷଦ ସହିତ ଭେଟୁଥିଲେ କିନ୍ତୁ ଏହି ସପ୍ତାହରେ ସେ ଏହି ବୈଠକ ମଧ୍ୟ ବାତିଲ କରି ଦେଇଛନ୍ତି । ଡୋନାଲ୍ଡ ଟ୍ରମ୍ପ ନିକଟରେ ଅନେକ ଥର ତାଲିବାନକୁ ଧମକ ଦେଇଛନ୍ତି । ସେପ୍ଟେମ୍ବର ୧୭ ରେ ବ୍ରିଟେନ ଗସ୍ତ ସମୟରେ ଟ୍ରମ୍ପ ଆଫଗାନିସ୍ତାନର ବାଗ୍ରାମ ଏୟାରବେସ ଉପରେ ପୁନର୍ବାର ଆମେରିକୀୟ ନିୟନ୍ତ୍ରଣର କଥା ଉଠାଇଥିଲେ । ସେ କହିଥିଲେ, ଏହି ବେସକୁ ପୁଣି ଥରେ ନେବାର ଆମର ଗୋଟିଏ କାରଣ ହେଉଛି ଯେ ଏହା ସେହି ସ୍ଥାନରୁ ମାତ୍ର ଏକ ଘଣ୍ଟାର ଦୂରତାରେ ଅଛି, ଯେଉଁଠାରେ ଚୀନ୍ ନିଜର ପରମାଣୁ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଛି । ସେପ୍ଟେମ୍ବର ୨୦ ରେ ଟ୍ରମ୍ପ ସୋସିଆଲ ନେଟୱର୍କ ଟ୍ରୁଥ ସୋସିଆଲରେ ଚେତାବନୀ ଦେଇଥିଲେ ଯେ ଯଦି ବାଗ୍ରାମ ବେସର ନିୟନ୍ତ୍ରଣ ଆମେରିକାକୁ ଫେରସ୍ତ ନ ମିଳେ, ତେବେ ତାଲିବାନ ପାଇଁ ଖରାପ ହେବ । ସେହି ଦିନ ଟ୍ରମ୍ପ କହିଥିଲେ, ଯଦି ସେମାନେ ଏହା ନ କରନ୍ତି, ତେବେ ଆପଣ ଦେଖିବେ ମୁଁ କ'ଣ କରିବି । ଏହି ଧମକ ପରେ ତାଲିବାନ ପ୍ରଶାସନ ଏକ ବୟାନ ଜାରି କରି କହିଥିଲା ଦୋହା ଚୁକ୍ତି ଅନୁଯାୟୀ ଆମେରିକା ପ୍ରତିଶ୍ରୁତି ଦେଇଥିଲା ଯେ ସେ ଆଫଗାନିସ୍ତାନର ଭୌଗୋଳିକ ଅଖଣ୍ଡତା ଏବଂ ରାଜନୈତିକ ସ୍ୱାଧୀନତା ବିରୁଦ୍ଧରେ ଶକ୍ତି ପ୍ରୟୋଗ ବା ଧମକ ଦେବନାହିଁ ।

# ରୁଷ୍ ସହ ଯୁଦ୍ଧ ଶେଷ ହେବା ପରେ ଇସ୍ତଫା ଦେବି

**ନୂଆଦିଲ୍ଲୀ,୨୫।୯** ରୁଷ୍ ସହ ଯୁଦ୍ଧ ଶେଷ ହେବା ପରେ ଇସ୍ତଫା ଦେବି । ଏଭଳି କହିଛନ୍ତି ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି । ତାଙ୍କ କହିବା ମୁତାବକ, ରୁଷ ସହିତ ଯୁଦ୍ଧ ଶେଷ ହେବା ପରେ ସେ ପଦ ଛାଡିବାକୁ ପ୍ରସ୍ତୁତ ହେବେ । ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ତାଙ୍କର ପ୍ରାଥମିକତା ହେଉଛି ସଂଘର୍ଷକୁ ସମାପ୍ତ କରିବା । ଆଉ ଏକ କାର୍ଯ୍ୟକାଳ ପାଇଁ ନିର୍ବାଚନ ଲଢ଼ିବା ନୁହେଁ । ଏକ ସାକ୍ଷାତକାରରେ ସେ ଏଭଳି କହିଥିବା ଜଣାଯାଇଛି । ଏହି ମନ୍ତବ୍ୟ ଦେଇ ସ୍ପଷ୍ଟ କରିଛନ୍ତି ଯେ, ସେ ଅନିର୍ଦ୍ଦିଷ୍ଟ କାଳ ପାଇଁ କ୍ଷମତାରେ ରହିବାକୁ ଚାହୁଁନାହାଁନ୍ତି । ୨୦୨୨ ମସିହାରେ ରୁଷର ଆକ୍ରମଣ ପରେ ବିଶ୍ୱସ୍ତରୀୟ ପ୍ରସିଦ୍ଧି ହାସଲ କରିଥିବା ଜେଲେନସ୍କିଙ୍କୁ ମସ୍କୋ ଜଣେ ସଙ୍କୋଚ୍ ନେତା ଭାବରେ ଗ୍ରହଣ କରିନାହିଁ । ଏହି ବର୍ଷ ଆରମ୍ଭରେ, ରୁଷର ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭରୋଭ କହିଥିଲେ ଯେ, କ୍ରେମଲିନ୍ କୌଣସି ସମ୍ଭାବ୍ୟ ଶାନ୍ତି ଚୁକ୍ତିନାମା ଉପରେ ଜେଲେନସ୍କିଙ୍କ ସ୍ୱାକ୍ଷରକୁ ଗ୍ରହଣ କରିବ ନାହିଁ୍ୟଏକ ସାକ୍ଷାତକାରରେ ସେ କହିଥିଲେ ଯେ, ଯେତେବେଳେ ଆମେ ଏପରି ଏକ ପର୍ଯ୍ୟାୟରେ ପହଞ୍ଚିଥାଉ ଯେଉଁଠି ଆମକୁ ଜରୁରୀ ଦସ୍ତାବିଜ୍ରେ



ସ୍ୱାକ୍ଷରର ଆବଶ୍ୟକତା ପଡେ, ସେତେବେଳେ ସ୍ୱାକ୍ଷର କରୁଥିବା ବ୍ୟକ୍ତି ଆଇନ ସମ୍ମତ ହୋଇଥିବା ଦରକାର ଏବଂ ବର୍ତ୍ତମାନ ଜେଲେନସ୍କି ଆଇନ ସମ୍ମତ ନେତା ନୁହନ୍ତି । ଅନ୍ୟପକ୍ଷରେ କିଛି ଦିନ ତଳେ ଜାତିସଂଘ ସାଧାରଣ ପରିଷଦକୁ ସମ୍ବୋଧିତ କରି ଜେଲେନସ୍କି ଯୁଦ୍ଧବିରତି ସମ୍ଭାବନାକୁ ଖାରଜ କରି କହିଥିଲେ ଯେ, ମସ୍କୋର ଶାନ୍ତିରେ କୌଣସି ଆଗ୍ରହ ନାହିଁ । ହଜାର ହଜାର ୟୁକ୍ରେନୀୟ ପିଲାଙ୍କୁ ଅପହରଣ, ଭିତ୍ତିଭୂମିକୁ ଟାର୍ଗେଟ ଏବଂ ୟୁରୋପକୁ ଅସ୍ଥିର କରିବାକୁ ଚେଷ୍ଟା କରୁଛି ରୁଷ୍ । ୟୁକ୍ରେନୀୟମାନେ ଶାନ୍ତିପ୍ରିୟ ଲୋକ । ରକ୍ତପାତ ସମୟରେ ମଧ୍ୟ ସେମାନେ ଶାନ୍ତି ବଜାୟ ରଖିଥିଲେ ।

# ୨୦୨୬ରେ ହେବ ତୃତୀୟ ବିଶ୍ୱଯୁଦ୍ଧ !

**ନୂଆଦିଲ୍ଲୀ,୨୫।୯:**ଭବିଷ୍ୟତ କେହି ଦେଖି ନାହାଁନ୍ତି । କିନ୍ତୁ ସମସ୍ତେ ଜାଣିବାକୁ ଚାହାଁନ୍ତି ଭବିଷ୍ୟତରେ କ'ଣ ହେବ । ଲୋକମାନେ ସର୍ବଦା ଭବିଷ୍ୟତ ବିଷୟରେ ଜାଣିବାକୁ ଇଚ୍ଛୁକ ଥାନ୍ତି । ଏବେ ଏଭଳି ଏକ ଭବିଷ୍ୟବାଣୀ ବିଷୟରେ ଜଣାପଡ଼ିଛି, ଯାହା ଡରାଇବ ନିଶ୍ଚୟ । ପ୍ରସିଦ୍ଧ ବୁଲଗେରିଆନ୍ ରହସ୍ୟବାଦୀ ବାବା ଭାଙ୍ଗା ୨୦୨୬କୁ ନେଇ କରିଥିବା ଭବିଷ୍ୟବାଣୀ ଏବେ ବିଶ୍ୱ ପାଇଁ ଚିନ୍ତା ପାଲଟିଛି । କୁହାଯାଏ ଯେ ବାବା ଭାଙ୍ଗାଙ୍କ ଭବିଷ୍ୟବାଣୀ ପ୍ରାୟତଃ ସତ୍ୟ ହୁଏୟ ତେଣୁ, ଯଦି ସେ ଏକ ରକ୍ତାକ୍ତ କିମ୍ବା ହିଂସାତ୍ମକ ଭବିଷ୍ୟତର ଭବିଷ୍ୟବାଣୀ କରନ୍ତି, ତେବେ ଏହାକୁ ଗମ୍ଭୀରତାର ସହ ନିଆଯାଇଥାଏ । ଏବେ ତାଙ୍କର ଆଉ ଏକ ଭବିଷ୍ୟବାଣୀ ସାମ୍ନାକୁ ଆସିଛି, ଯେଉଁଥିରେ କୁହାଯାଇଛି ଯେ, ୨୦୨୬ରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବ । ବାବା ଭାଙ୍ଗା ବୁଲଗେରିଆରେ ଜନ୍ମଗ୍ରହଣ କରିଥିଲେ ଏବଂ ସେ ବାଲକନର ନୋଷ୍ଟ୍ରାଦମସ୍ ଭାବରେ ଜଣାଶୁଣା । ବାବା ଭାଙ୍ଗା ପିଲାବେଳେ ତାଙ୍କର ଦୃଷ୍ଟିଶକ୍ତି ହରାଇଥିବା ବିଶ୍ୱାସ କରାଯାଏ । ୧୯୯୬ ରେ ତାଙ୍କ ମୃତ୍ୟୁ ସତ୍ତ୍ୱେ, ସେ କରିଯାଇଥିବା ଅନେକ ଭବିଷ୍ୟବାଣୀ ଏବେ ସତ ହେବାରେ ଲାଗିଛି । ସେ ଆମେରିକାରେ ୯/୧୧ ଆକ୍ରମଣ ଏବଂ ୨୦୨୨ ରେ ବ୍ରିଟେନରେ ଆସିବାକୁ ଥିବା ଭୟଙ୍କର ବନ୍ୟା ବିଷୟରେ ମଧ୍ୟ ସଠିକ୍ ଭାବରେ ଭବିଷ୍ୟବାଣୀ କରିଥିଲେ । ଭାଙ୍ଗାଙ୍କ ସବୁଠାରୁ ଚାଞ୍ଚଲ୍ୟକର ଭବିଷ୍ୟବାଣୀ ମଧ୍ୟରୁ ଗୋଟିଏ ହେଲା ତୃତୀୟ ବିଶ୍ୱଯୁଦ୍ଧ । ସେ ଭବିଷ୍ୟବାଣୀ କରିଥିଲେ ଯେ, ୨୦୨୬ ମସିହାରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବ । ବିଶ୍ୱ ଶକ୍ତି ମଧ୍ୟରେ ଉତ୍ତେଜନା



ବୃଦ୍ଧି ପାଇବ ଏବଂ ଚୀନ ତାଇୱାନକୁ ଦଖଲ କରିବାକୁ ଯଥାସମ୍ଭବ ପ୍ରୟାସ କରିବ । ୨୦୨୬ ମସିହାରେ ରୁଷ ଏବଂ ଆମେରିକା ମଧ୍ୟରେ ସିଧାସଳଖ ମୁକାବିଲା ହେବ, ଯାହା ତୃତୀୟ ବିଶ୍ୱଯୁଦ୍ଧକୁ ତ୍ୱରାନ୍ୱିତ କରିବ ।

# ଭାରତ ଉପରେ ଲାଗୁ ହେବାର ଥିଲା ୫ ଶହ ପ୍ରତିଶତ ଶୁଳ୍କ

**ନୂଆଦିଲ୍ଲୀ,୨୫।୯:**ରୁଷ୍ ଠାରୁ ଭାରତ ତେଲ କିଣିବା ପ୍ରସଙ୍ଗକୁ ପୁଣି ମୁଖ୍ୟ ପ୍ରସଙ୍ଗ କରୁଛି ଆମେରିକା । ଆମେରିକାର ବୈଦେଶିକ ବିଭାଗର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି ଯେ,ପ୍ରତ୍ୟେକ ଉଚ୍ଚସ୍ତରୀୟ ବୈଠକରେ ଏହି ପ୍ରସଙ୍ଗ ଉଠାଯାଉଛି । ଆମେରିକା ସଂସଦରେ ଏକ ବିଲ୍ ଆଗତ କରାଯାଇଥିଲା,ଯେଉଁଥିରେ ରୁଷୀୟ ତୈଳ କ୍ରୟ କରୁଥିବା ଦେଶ ଗୁଡ଼ିକ ଉପରେ ୫୦୦% ଶୁଳ୍କ ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ବର୍ତ୍ତମାନ, ଆମେରିକା ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଛି, ଯାହା ମୋଟ ଶୁଳ୍କକୁ ପ୍ରାୟ ୫୦%କୁ ପହଞ୍ଚାଇଛି । ଏହା ଯେକୌଣସି ଦେଶ ଉପରେ ଲାଗୁ ହୋଇଥିବା ସର୍ବୋଚ୍ଚ ଆମେରିକା ଶୁଳ୍କ ମଧ୍ୟରୁ ଗୋଟିଏ । ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ଆମେରିକା ରୁଷର ରାଜସ୍ୱକୁ ସମ୍ପୂର୍ଣ୍ଣ ଭାବରେ କାଟିବାକୁ ଲକ୍ଷ୍ୟ ରଖିଛି । ଏହା ମଧ୍ୟ ପ୍ରଶ୍ନ ଉଠାଯାଇଥିଲା ଯେ, ଆମେରିକା କାହିଁକି ଚୀନ୍ ଉପରେ ସମାନ ଚାପ ପ୍ରୟୋଗ କରୁନାହିଁ । ଅଧିକାରୀ କହିଛନ୍ତି ଯେ, ଟ୍ରମ୍ପ ପ୍ରଶାସନ ନିଜସ୍ୱ ଉପାୟରେ ବେଜିଂ ସହିତ କାର୍ଯ୍ୟ କରୁଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ ୟୁରୋପୀୟ ସଂଘ ସମେତ ଅନ୍ୟ ଦେଶଗୁଡ଼ିକ ଉପରେ ସମାନ ଚାପ ପ୍ରୟୋଗ କରାଯାଉଛି । ଏହାର ଅର୍ଥ ହେଉଛି କେବଳ ଭାରତ ଉପରେ ଏହା ଲାଗୁ ହୋଇନାହିଁ ।

# ସାରା ବିଶ୍ୱକୁ ନଷ୍ଟ କଲା ଭଳି 'ମୃତ୍ୟୁର ସାମଗ୍ରୀ' ଉତ୍ତର କୋରିଆ ନିକଟରେ ଅଛି

**ନୂଆଦିଲ୍ଲୀ,୨୫।୯:** ବିଶ୍ୱର ସବୁଠାରୁ କ୍ରୁର ଶାସକ । ଯାହାଙ୍କ ଅମାନବୀୟ ନୀତି ଓ ପରମାଣୁ କାର୍ଯ୍ୟକ୍ରମ ସାରା ଦୁନିଆକୁ ଭୟଭୀତ କରିଥାଏ । ସେ ହେଉଛନ୍ତି ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ । ତାଙ୍କୁ ନେଇ ଏବେ ହୋଇଛି ଭୟଙ୍କର ଖୁଲାସା । କିମ୍‌ଙ୍କ ପାଖରେ ଅଛି ମୃତ୍ୟୁର ସାମଗ୍ରୀ ବା ୨ ଟନ୍ ଓଜନର ବିଶୁଦ୍ଧ ୟୁରାନିୟମ । ଏଥିରୁ ପରମାଣୁ ବୋମା ତିଆରି କରାଯାଇଥାଏ । ଏଭଳି ଏକ ଦାବି କରିଛି ପଡୋଶୀ ଦେଶ ଦକ୍ଷିଣ କୋରିଆ । ସାରା ବିଶ୍ୱକୁ ଧ୍ୱଂସ କରିବାର ଯୋଜନା । ଏଭଳି ଏକ ଷଡଯନ୍ତ୍ର କରୁଛନ୍ତି ଉତ୍ତର କୋରିଆର ତାନାଶାହ କିମ୍ ଜୋଙ୍ଗ ଉନ୍ । ଦକ୍ଷିଣ କୋରିଆର ଜଣେ ମନ୍ତ୍ରୀଙ୍କ କହିବା ଅନୁସାରେ ଉତ୍ତର କୋରିଆ ନିକଟରେ ରହିଛି ଦୁଇ ଟନରୁ ଓଜନରୁ ଅଧିକ ଏନ୍ରିଚ୍ ବା ଶୁଦ୍ଧ ୟୁରାନିୟମ । ଯାହାକୁ ପରମାଣୁ ବୋମା ତିଆରି କରିବା ପାଇଁ ବ୍ୟବହାର କରାଯାଏ । ପୂର୍ବରୁ ଦକ୍ଷିଣ କୋରିଆର ପ୍ରତିରକ୍ଷା ମନ୍ତ୍ରଣାଳୟ ଦୀର୍ଘ ଦିନ ଧରି କହିଆସୁଛି ଯେ ଉତ୍ତର କୋରିଆରେ ପ୍ରଚୁର ପରିମାଣର ଅତ୍ୟଧିକ ବିଶୋଧିତ ୟୁରାନିୟମ ରହିଛି । ତେବେ ପ୍ରଥମ ଥର ପାଇଁ ଏହାକୁ ସାର୍ବଜନୀନ ଭାବରେ ପ୍ରକାଶ



କରିଛି ।ଦକ୍ଷିଣ କୋରିଆର ମନ୍ତ୍ରୀ ଚୁଙ୍ଗ ଡୋଙ୍ଗ-ୟଙ୍ଗ କହିଛନ୍ତି 'ଗୁଇନ୍ଦା ସଂସ୍ଥାଗୁଡ଼ିକ ଆକଳନ କରୁଛନ୍ତି ଯେ ପ୍ୟୋଙ୍ଗୟାଙ୍ଗରେ ଅତ୍ୟଧିକ ଶୁଦ୍ଧ ୟୁରାନିୟମର ଭଣ୍ଡାର ରହିଛି । ଏହା ଦୁଇ ଟନ୍ ଓଜନର ରହିଛି, ଯାହାକି ୯୦ ପ୍ରତିଶତରୁ ଅଧିକ ବିଶୁଦ୍ଧ ୟୁରାନିୟମ । ସେ କହିଛନ୍ତି ଉତ୍ତର କୋରିଆର ପରମାଣୁ ବିକାଶ କାର୍ଯକ୍ରମକୁ ରୋକିବା ଖୁବ୍ ଜରୁରୀ । ଏହା ସହ ତା ଉପରେ ମଧ୍ୟ କଟକଣା ଲଗାଇବାକୁ ପଡିବ । ସେଥିପାଇଁ ଏକମାତ୍ର ବିକଳ୍ପ ହେଉଛି ଉତ୍ତର କୋରିଆ ଓ ଆମେରିକା ଭିତରେ ଶିଖର ସମ୍ମିଳନୀ । ଚଳିତ ସପ୍ତାହନୟରେ କିମ୍ ଜୋଙ୍ଗ କହିଥିଲେ, ସେ ଆମେରିକା ସହିତ ଆଲୋଚନା କରିବାକୁ ପ୍ରସ୍ତୁତ, କିନ୍ତୁ ଏହି ସର୍ତ୍ତରେ ଯେ ଉତ୍ତର କୋରିଆ ଏହାର ପରମାଣୁ କାର୍ଯ୍ୟକ୍ରମ ବଜାୟ ରଖିବ । ୨୦୦୬ ରେ ଉତ୍ତର କୋରିଆପ୍ରଥମ ପରମାଣୁ ପରୀକ୍ଷଣ କରିଥିଲା ।ପରବର୍ତ୍ତୀ ସମୟରେ, ଜାତିସଂଘ ଏହା ଉପରେ କଟକଣା ଲାଗୁ କରିଥିଲା । କିନ୍ତୁ ତାକୁ ଖାତିର କରୁନାହାଁନ୍ତି କିମ୍ ଜୋଙ୍ଗ ଉନ୍ । ସେ ଲୁଚା ଛପା ଭାବରେ ପରମାଣୁ ଅସ୍ତ୍ର ପରୀକ୍ଷଣ କରୁଛନ୍ତି । ଉତ୍ତର କୋରିଆରେ ୧୪ ବର୍ଷ ଧରି ଶାସନ କରୁଥିବା କିମ୍‌ଙ୍କ ଆଜିକାଲି ଚୀନ୍ ସହ ଭଲ ସୁସମ୍ପର୍କ ବୃଦ୍ଧି ପାଇଛି । ନିକଟରେ ସେ ଚୀନ୍ ଗସ୍ତରେ ଯାଇଥିବା ବେଳା ଜିନପିଙ୍ଗଙ୍କୁ ଭେଟିଥିଲେ, ଯାହାକି ଆମେରିକାର ଚିନ୍ତା ବଢାଇଛି ।

# ଯେଉଁମାନଙ୍କର ନେପାଳ ପ୍ରେମ ଉଛୁଳୁଛି ସେଠାକୁ ପଳାଅ

**ନୂଆଦିଲ୍ଲୀ,୨୫।୯:**କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି କରି ଚାଲିଥିବା ପ୍ରତିବାଦରେ ଚାରି ଜଣଙ୍କର ମୃତ୍ୟୁ ହୋଇଛି । ଏହି ସମୟରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ଜେନ୍-ଜେଡ୍ ପ୍ରତିବାଦର ଜବାବ ଦେଇଛନ୍ତି । ସେ କହିଛନ୍ତି ଯେ ଭାରତର ଯୁବକମାନଙ୍କ ପାଖରେ ସମୟ ନାହିଁ, ସେମାନେ ନିଜ କାମରେ ବ୍ୟସ୍ତ । ନେପାଳ ପ୍ରସଙ୍ଗକୁ ଉଲ୍ଲେଖ କରି ସେ କହିଛନ୍ତି ଯେ ଯେଉଁମାନେ ଜେନ୍-ଜେଡ୍ ସହିତ ଅଧିକ ଜଡିତ ସେମାନେ ନେପାଳ ଯିବା ଉଚିତ । ରାହୁଲ ଗାନ୍ଧୀଙ୍କ ଜେନ୍-ଜେଡ୍ ପ୍ରଶ୍ନର ଉତ୍ତରରେ ଫଡନାଭିସ୍ କହିଛନ୍ତି ଯେ ଭାରତ ଏବଂ ନେପାଳର ପରିସ୍ଥିତି ବହୁତ ଭିନ୍ନ । ସେ କହିଛନ୍ତି, ଯେଉଁମାନେ ନେପାଳକୁ ଭଲ ପାଆନ୍ତି ସେମାନେ ନେପାଳ ଯିବା ଉଚିତ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାରତର ଯୁବକମାନଙ୍କ ପାଖରେ ପ୍ରତିବାଦ ପାଇଁ ସମୟ ନାହିଁ । ସେମାନେ ଷ୍ଟାର୍ଟଅପ୍, ଏଆଇ ଏବଂ ଆଇଟି ଭଳି କ୍ଷେତ୍ରରେ କାମ କରିବାରେ ବ୍ୟସ୍ତ । ଫଡନାଭିସ୍ କହିଛନ୍ତି, ଭାରତୀୟ ଯୁବକମାନେ ଇଞ୍ଜିନିୟର ଏବଂ ବିଶ୍ୱବ୍ୟାପୀ ନିଜ ପାଇଁ ଏକ ନାମ ସୃଷ୍ଟି କରିଛନ୍ତି । ଭାରତର ଜେନ୍-ଜେଡ୍ ର ଚିନ୍ତାଧାରା ଏବଂ ଚିନ୍ତାଧାରା ନେପାଳ ଠାରୁ ବହୁତ ଭିନ୍ନ । ସେମାନେ ସେମାନଙ୍କ ପରି କାମ କରନ୍ତି ନାହିଁ । ରାହୁଲ ଗାନ୍ଧୀ ସମସ୍ତ ପ୍ରକାରର ରଣନୀତି ବ୍ୟବହାର କରିଛନ୍ତି, କିନ୍ତୁ ଏବେ ସେ ନିରାଶ ଏବଂ ହତାଶ ହୋଇପଡିଛନ୍ତି । ସେ ଭାବନ୍ତି ଯେ ସେ ଜେନ-ଜେଡଙ୍କୁ ଅପିଲ କରି କିଛି କରିପାରିବେ, କିନ୍ତୁ ମୁଁ କହିପାରିବି ନାହିଁ ଯେ ରାହୁଲ ଗାନ୍ଧୀ ଆମର ଜେନ-ଜେଡଙ୍କ ଦୃଷ୍ଟିରେ କେତେ ଗୁରୁତ୍ୱ ରଖନ୍ତି । କିଛିଦିନ ତଳେ ନେପାଳରେ ହିଂସାତ୍ମକ ପ୍ରତିବାଦ ଦେଖାଦେଇଥିଲା । ହଜାର ହଜାର ଜେନ-ଜେଡ କାଠମାଣ୍ଡୁରେ ରାସ୍ତାକୁ ଓହ୍ଲାଇ ଅନେକ ସରକାରୀ କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଥିଲେ ।

# ବିହାର ବିଜେପିରେ ନେତାଙ୍କ କନ୍ଦଳ

**ନୂଆଦିଲ୍ଲୀ,୨୫।୯:**ଆଗକୁ ବିହାର ବିଧାନସଭା ନିର୍ବାଚନ । ଇଣ୍ଡିଆ ମେଣ୍ଟ, ଏନଡିଏ ମେଣ୍ଟ ସହ ପ୍ରଶାନ୍ତ କିଶୋରଙ୍କ ଜନ ସ୍ୱରାଜ ପାର୍ଟି ଭୋଟରଙ୍କୁ ଆକୃଷ୍ଟ କରିବାକୁ ପୂରା ଦମ୍ ଲଗାଇ ଦେଇଛନ୍ତି । ନିର୍ବାଚନ ତାରିଖ ଘୋଷଣା ହୋଇ ନାହିଁ, ମେଣ୍ଟର ସହଯୋଗୀଦଳମାନେ କିଏ କେତେ ଆସନରେ ଲଢିବ ତାହା ବି ସ୍ଥିର ହୋଇନାହିଁ । ହେଲେ ନିର୍ବାଚନ ପୂର୍ବରୁ ଦଳୀୟ କନ୍ଦଳ ପଦାରେ ପଡ଼ି ହାଟରେ ଗଡିଲାଣି । ଆଶା କରାଯାଉନଥିବା କନ୍ଦଳ ଏବେ ବିଜେପି ଓ ଜେଡିୟୁ ନେତାଙ୍କ ଭିତରେ ଦେଖିବାକୁ ମିଳିଛି । ଶାସକ ଦଳର ଦୁଇ ବିଜେପି ନେତାଙ୍କ ବୟାନ ଏବେ ବିଜେପି ଉପରେ ଭାରି ପଡିବ ବୋଲି କୁହାଗଲାଣି । ଦୁଇ ବିଜେପି ନେତା ରାଜକୁମାର ସିଂ ଓ ରାଜୀବ ପ୍ରତାପ ରୁଡି ଖୋଲାଖୋଲି ଭାବେ ବିଦ୍ରୋହ ଆରମ୍ଭ କରିଦେଇଛନ୍ତି । ଆଉ ଏହି କନ୍ଦଳ ପଛରେ ନାରଦ ସାଜିଛନ୍ତି ଜନସ୍ୱରାଜ ପାର୍ଟିର ମୁଖ୍ୟ ପ୍ରଶାନ୍ତ କିଶୋର । ପ୍ରଶାନ୍ତ କିଶୋର ବାରମ୍ବାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଓ ବିଜେପି ରାଜ୍ୟ ଅଧ୍ୟକ୍ଷ ଦିଲ୍ଲୀପ ଜୟସ୍ୱାଲଙ୍କ ସହ ଜେଡିୟୁ ନେତା ଅଶୋକ ଚୌଧୁରୀଙ୍କୁ ଟାର୍ଗେଟ କରିବାରେ ଲାଗିଛନ୍ତି । ଏହାସହ ପ୍ରଶାନ୍ତ କିଶୋର ବି ବିଜେପି ନେତା ମଙ୍ଗଲ ପାଣ୍ଡେଙ୍କୁ କ୍ଷମତାର କାଠଗଡ଼ା ଠିଆ କରିଦେଇଛନ୍ତି । ପ୍ରଶାନ୍ତ କିଶୋର ବିଜେପି ଓ ଜେଡିୟୁ ନେତାଙ୍କୁ ଏଭଳି ଟାର୍ଗେଟ୍ କରୁଥିଲେ ବି ଉଭୟ ଜେଡିୟୁ ଓ ବିଜେପି ଚୁପ ରହିଛି । ହେଲେ ପ୍ରଶାନ୍ତ କିଶୋରଙ୍କ ଦ୍ୱାରା ଲଗାଯାଉଥିବା ଅଭିଯୋଗ ଉପରେ ବିଜେପି ଓ ଜେଡିୟୁ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି । ଯାହାକୁ ନେଇ ସାମ୍ନାକୁ ଆସିଛନ୍ତି । ବିଜେପି ନେତା ତଥା ପୂର୍ବ ସାଂସଦ ଆ।୦।ରକେ ସିଂ । ସେ କହିଛନ୍ତି ଯେ ଯେଉଁମାନଙ୍କ ଉପରେ ଅଭିଯୋଗ ହେଉଛି ସେମାନେ ସାମ୍ନାକୁ ଆସି ତାର ଉତ୍ତର ଦିଅନ୍ତୁ । ସବୁଠାରୁ ବଡ଼ କଥା ହେଉଛି, ଆରକେ ସିଂ ସିଧାସଳଖ ବିଜେପିକୁ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି କି, ମୋର ଏହି ବୟାନକୁ ବିଜେପି ଯଦି ବିଦ୍ରୋହ ବୋଲି ଭାବି ମୋ ବିରୋଧରେ କିଛି କାର୍ଯାନୁଷ୍ଠାନ ନିଏ ତେବେ ମୋର କିଛି ଚିନ୍ତା ନାହିଁ କି ମୋତେ କିଛି ଫରକ ପଡ଼ିବନି । କେବଳ ଆରକେ ସିଂ ନୁହଁନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏବେ କନଷ୍ଟିଚ୍ୟୁସନାଲ କ୍ଲବର ମୁଖ୍ୟ ବିଜେପି ନେତା ସାଂସଦ ରାଜୀବ ପ୍ରତାପ ରୁଢୀ ମଧ୍ୟ ବିଜେପି ବିରୋଧରେ ବିଦ୍ରୋହ ଆରମ୍ଭ କରିଛନ୍ତି । ସେ କିଛିଦିନ ହେବ ବିଜେପିର ସମସ୍ତ କର୍ଯ୍ୟକ୍ରମରୁ ଦୂରେଇ ରହୁଛନ୍ତି ।



# ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନରେ ସାମିଲ

# ମହିଳା ସ୍ୱାସ୍ଥ୍ୟ ଓ ପାରିବାରିକ ସୁସ୍ଥତାକୁ ପ୍ରୋତ୍ସାହନ

ଭୁବନେଶ୍ୱର, ୨୧।୯ (ନି.ପ୍ର) : ମହିଳା ମାନଙ୍କ ସ୍ୱାସ୍ଥ୍ୟ ଓ ପରିବାରୀକ ସୁସ୍ଥତାକୁ ସୁଦୃଢ଼ କରିବା ପାଇଁ, ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ଜାତୀୟ ସ୍ତରର 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' ସହିତ ସକ୍ରିୟ ଭାବରେ ଯୋଗ ଦେଇଛି । ଏହା କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟଙ୍କର ପ୍ରମୁଖ ପ୍ରୟାସ ଯାହା 'ପୋଷଣ ମାସ ୨୦୨୫' ସହିତ ସମନ୍ୱୟରେ ପାଳନ ହେଉଛି । ଅଭିଯାନଟି ସେପ୍ଟମ୍ବର ୨୭ରୁ ଆରମ୍ଭ ହୋଇ ଅକ୍ଟୋବର ୨ (ଗାନ୍ଧୀ ଜୟନ୍ତୀ)ପର୍ଯ୍ୟନ୍ତ ଚାଲିବ ଏହାର ଲକ୍ଷ୍ୟ ହେଉଛି ସଶକ୍ତ ନାରୀ ମାଧ୍ୟମରେ ସୁସ୍ଥ ପରିବାର ଗଠନ କରିବା । ଏହି ଅଭିଯାନ ଅନୁସାରେ ପାଇଁ ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛି, ଯାହା ହସ୍ପିଟାଲ୍ ସୀମାରେ ସୀମିତ ନଥାଇ, ସହରର ବିଭିନ୍ନ ଶିକ୍ଷା ସଂସ୍ଥା, ମହିଳା ସମିତି, କମ୍ୟୁନିଟି ଫୋରମ୍ ସହିତ ସହଯୋଗରେ ମଧ୍ୟ କରାଯାଉଛି । ଏଥିରେ ସ୍ତ୍ରୀରୋଗ, ଦନ୍ତ, ଚକ୍ଷୁ ଓ ସାଧାରଣ ଚିକିତ୍ସାରେ ପ୍ରତିରୋଧୀ ସ୍ୱାସ୍ଥ୍ୟ



ପରୀକ୍ଷା ସୁବିଧା ଦିଆଯାଉଛି । ସେହିପରି, ମାନସିକ ସ୍ୱାସ୍ଥ୍ୟ, ଶିଶୁ ସୁସ୍ଥତା, ଋତୁସ୍ରାବ ସ୍ୱାସ୍ଥ୍ୟ, ପୋଷଣ ଓ ସ୍ୱୟଂ-ସୁସ୍ଥତା ବିଷୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହେଉଛି । ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର କ୍ଲଷ୍ଟର ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, "ସୁସ୍ଥ ନାରୀ ହେଉଛନ୍ତି ଶକ୍ତିଶାଳୀ ପରିବାର ଓ ସମୃଦ୍ଧ ସମାଜର ଭିତ୍ତି । ମଣିପାଲ୍ ହସ୍ପିଟାଲରେ, ଆମେ ଏହି ଜାତୀୟ ଅଭିଯାନର ସହଭାଗୀ ହୋଇ ଗର୍ବିତ । ଏହି ପ୍ରୟାସ ମାଧ୍ୟମରେ ଆମେ ମହିଳାମାନଙ୍କୁ ସଶକ୍ତ କରିବା ସହିତ ସମାଜକୁ ସ୍ୱାସ୍ଥ୍ୟ ସେବାକୁ ଆହୁରି ନିକଟକୁ ନେଇବାକୁ ଚାହୁଁଛୁ ।"

ହସ୍ପିଟାଲ୍ ପ୍ରତିଦିନ ୧୦୦ରୁ ଅଧିକ ମହିଳାଙ୍କୁ ବିସ୍ତୃତ ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଶେଷଜ୍ଞଙ୍କ ପରାମର୍ଶ ସୁବିଧା ଦେଉଛି । ସେହିପରି, ସମାଜମୁଖୀ ପ୍ରଚାର ଓ ସଚେତନତା ମାଧ୍ୟମରେ ଭୁବନେଶ୍ୱରର ବିଭିନ୍ନ ମହିଳା ସମୁଦାୟଙ୍କୁ ପ୍ରାଥମିକ ଓ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନେଉଛି ।

'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' କେନ୍ଦ୍ର ସରକାରଙ୍କର ଆନିମିଆ ପରୀକ୍ଷା, କ୍ୟାନ୍ସର ସନ୍ଦେହ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଟିକାକରଣ, ଏବଂ କ୍ଷୟରୋଗ ଓ ସିକେଲ୍ ସେଲ୍ ରୋଗ ସଚେତନତା ଲକ୍ଷ୍ୟ ସହିତ ସମନ୍ୱୟରେ ରହିଛି । ଏହା 'ପୋଷଣ ମାସ', 'ନିକ୍ଷୟ ମିତ୍ର ଡ୍ରାଇଭ୍' ଓ 'ରକ୍ତଦାନ ସଚେତନତା' ଭଳି ସରକାରୀ ପ୍ରକଳ୍ପ ସହିତ ମିଶିତାରେ ଚାଲିଛି । ଓଡ଼ିଶାର ପ୍ରମୁଖ ହସ୍ପିଟାଲ ଭାବରେ, ମଣିପାଲ୍ ହସ୍ପିଟାଲ୍ ଭୁବନେଶ୍ୱର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟଙ୍କର 'ଜନ୍ ଆନ୍ଦୋଳନ' (ସମାଜର ଆନ୍ଦୋଳନ) ଲକ୍ଷ୍ୟକୁ ସମର୍ଥନ କରି ସ୍ୱାସ୍ଥ୍ୟ ସେବାକୁ ସକ୍ରିୟ ସହଭାଗୀତା ପ୍ରଦାନ କରୁଛି । ସ୍ୱାସ୍ଥ୍ୟ ସେବାରେ ଏକ ଅଗ୍ରଣୀ ସଂସ୍ଥା ଭାବରେ, ମାଣିପାଲ୍ ହସ୍ପିଟାଲ୍ ଭାରତରେ ୭୦ ବର୍ଷରୁ ଅଧିକ ଅନୁଭବ ସହିତ ଶୀର୍ଷ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ସଂସ୍ଥାମାନଙ୍କ ମଧ୍ୟରୁ ଗଣ୍ୟ। ବର୍ତ୍ତମାନ ପ୍ରତିବର୍ଷ ୭ ମିଲିୟନ୍ (୭୦ ଲକ୍ଷ) ରୁ ଅଧିକ ରୋଗୀଙ୍କୁ ସେବା ଦେଉଛି ଏବଂ ଏପର୍ଯ୍ୟନ୍ତ ୬୦ ମିଲିୟନ୍ (୬ କୋଟି) ରୋଗୀଙ୍କୁ ଚିକିତ୍ସା ଦିଆଯାଇଛି। ଏହାର ଲକ୍ଷ୍ୟ ହେଉଛି ଏକ ଅର୍ଥନୀତିକ ଭାବେ ସହଜ ଓ ଉଚ୍ଚ ଗୁଣସ୍ତରର ସ୍ୱାସ୍ଥ୍ୟସେବା ଢାଞ୍ଚା ଉନ୍ନତ କରିବା, ଯାହା ଏହାର ମଲ୍ଟିସ୍ପେଶାଲିଟି ଓ ଟର୍ସିଆରି କେୟାର୍ ସେବା ପ୍ରଣାଳୀ ଦ୍ୱାରା ପ୍ରଦାନ କରାଯାଏ, ଏବଂ ଏହାକୁ ଆଉ ବହିର୍ଗତ ସ୍ୱାସ୍ଥ୍ୟ ସେବା (out-of-hospital care) ଯାଏଁ ବିସ୍ତାର କରାଯାଉଛି।

# ଆଦାନୀ ଧାମରା ପୋର୍ଟର ଦାୟିତ୍ୱବାନ ସୁରକ୍ଷାକର୍ମୀ

## କେବଳ ସୁରକ୍ଷା ନୁହେଁ, ବହୁମୂଲ୍ୟ ଜୀବନ ବଞ୍ଚାଇବା ନିଶା

ଧାମରା, ୨୫।୯ (ନି.ପ୍ର) : ଭଦ୍ରକ ଜିଲାରେ ପ୍ରତିଷ୍ଠିତ ଧାମରା ପୋର୍ଟର ଦୀର୍ଘ ୬୩ କିମି ରେଳଲାଇନ ପ୍ରତ୍ୟେକ ଦିନ ଭାରତୀୟ ରେଳ ବିଭାଗର ୨୦ ରୁ ଊର୍ଦ୍ଧ୍ୱ ମାଲବାହୀ ଗାଡ଼ି ବିଦେଶରୁ ଆମଦାନୀ ରପ୍ତାନୀ ହେଉଥିବା ପଣ୍ୟ ଦ୍ରବ୍ୟ ନେଇ ଦେଶର କୋଣ ଅନୁକୋଣକୁ ଯାତାୟତ କରିଥାଏ । ଏହି ରେଳଲାଇନ ଚେନ୍ନାଇ-ହାଓ୍ୱଡାର ମୁଖ୍ୟ ରେଳପଥ ସହ ସଂଯୁକ୍ତ ହୋଇଛି । ଧାମରା ପୋର୍ଟ ଠାରୁ ଭଦ୍ରକ ଠାରେ ସଂଯୁକ୍ତ ହୋଇଥିବା ଏହି ଲାଇନ ୭୦ ରୁ ଊର୍ଦ୍ଧ୍ୱ ଗ୍ରାମ ମଧ୍ୟ ଦେଇ ଯାଇଛି । ପୋର୍ଟ ତରଫରୁ ସୁରକ୍ଷା ଦୃଷ୍ଟିକୁ ନଜରରେ ରଖି ମାଲ ପରିବହନ ସୁଚାରୁରୂପେ ନିୟନ୍ତ୍ରଣ ନିମିତ୍ତ ସୁରକ୍ଷା କର୍ମୀ ନିଯୁକ୍ତ କରାଯାଇଛି । ଏହି ସୁରକ୍ଷାକର୍ମୀଦଳ କେବଳ ପଣ୍ୟଦ୍ରବ୍ୟ ଓ ରେଳ ଲାଇନର ସୁରକ୍ଷା କରିବା ସହ ବହୁ ମୂଲ୍ୟ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି । ଏହି ରେଳପଥ ଦେଇ ପାର୍ଶ୍ୱବର୍ତ୍ତୀ ଗ୍ରାମର ବହୁ ଗ୍ରାମବାସୀ ଯାତାୟତ କରିଥାନ୍ତି । ବିଭିନ୍ନ ସମୟରେ କିଛି ଗ୍ରାମବାସୀ ମାନସିକ ଭାରସାମ୍ୟ ହରାଇ ବା ଆର୍ଥିକ ଦୁରବସ୍ଥା ତଥା ପାରିବାରିକ କଳହ ଯୋଗୁ ଏହି ରେଳଲାଇନକୁ ଆତ୍ମହତ୍ୟାର ଅନ୍ୟ ଏକ ଉପାୟ ଭାବି ନିଜର ବହୁମୂଲ୍ୟ ଜୀବନକୁ ନଷ୍ଟ କରିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଧାମରା ପୋର୍ଟ କର୍ତ୍ତୃପକ୍ଷ ସୁରକ୍ଷାକର୍ମୀଙ୍କ ମାଧ୍ୟମରେ ୨୪ଘଣ୍ଟା ସଜାଗ ରହିଥାନ୍ତି । ସୁରକ୍ଷାକର୍ମୀଙ୍କ ଏହି ଉଦ୍ୟମ ଯୋଗୁ ଗତ ଦୁଇ ମାସ ମଧ୍ୟରେ ପ୍ରାୟତଃ ୩ଟି ଜୀବନ ବଞ୍ଚାଇ ପାରିଛନ୍ତି । ଏହା କେବଳ ଏକ ବହୁମୂଲ୍ୟ ଜୀବନ ବଞ୍ଚାଇବାରେ ସିମୀତ ହୋଇରହିନାହିଁ ବରଂ ତତ୍‌ପରେ ସେମାନଙ୍କୁ ମାନସିକ ପରାମର୍ଶ ଦେବା ସହ ପରିସ୍ଥିତିକୁ ଆଁତଃ କରିବାରେ ସଫଳ ହୋଇପାରିଛି । ସୁରକ୍ଷା କର୍ମୀଙ୍କର ଏହି ପ୍ରୟାସକୁ ସାଧୁବାଦ ଜଣାଇବା ସହ ଉଚ୍ଚପ୍ରଂଶସିତ କରାଯାଇଛି । ଏହି ଦୁଇ ମାସ ମଧ୍ୟରେ ଛତ୍ରପଦା, ହାଟଗାଡ଼ିଆ, କିରାପୁର ଗ୍ରାମର ଜୀବନ ବଞ୍ଚାଇ ପାରିଛନ୍ତି ।

# ଇଫକୋ ପକ୍ଷରୁ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ସହାୟତା

ପାରାଦୀପ, ୨୫।୯ (ନି.ପ୍ର) : ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ଇଫକୋ ପାରାଦୀପ, ନିକ୍ଷୟ ମିତ୍ର ଭାବରେ, କେନ୍ଦ୍ରାପଡ଼ା ଜିଲ୍ଲାର ତିନୋଟି ବ୍ଲକ, ମହାକାଳପଡ଼ା, ମାର୍ଶାଘାଇ ଏବଂ ଗରଦପୁରରେ ଗୋଟିଏ ବର୍ଷ ପାଇଁ ସମସ୍ତ ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ସହାୟକ ଭାବରେ ଦାୟିତ୍ୱ ଗ୍ରହଣ କରିଛି। ୧୦୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ଡାଲା ବଣ୍ଟନ କରାଯାଇଛି। ପାଟକୁରା, ମାର୍ଶାଘାଇ ଏବଂ ମହାକାଳପଡ଼ାର ବିଭିନ୍ନ ସାମୁହିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଏବଂ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଛି । ଏହି ଅବସରରେ ମୁଖ୍ୟ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ମନୋରଞ୍ଜନ ରାଉତ ମୁଖ୍ୟ ଅତିଥି ଭାବରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ସଚିଦାନନ୍ଦ ମିଶ୍ର, ଇଫକୋ ପାରାଦୀପ ୟୁନିଟର ଲୋକସମ୍ପର୍କ ଅଧିକାରୀ ଡକ୍ଟର ପ୍ରସନ୍ନ କୁମାର ବେଉରା, ଜିଲ୍ଲା ଚିକିତ୍ସା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ପାଟକୁରା ଏବଂ ମହାକାଳପଡ଼ାର ଚିକିତ୍ସା ଅଧିକାରୀ ଡକ୍ଟର ନିରଞ୍ଜନ କର, ସିଏଚସି ଶିବ ପ୍ରସାଦ ଓଝା, ରାଜ୍ୟ କାର୍ଯ୍ୟକ୍ରମ ଅଧିକାରୀ, ରାଜ୍ୟ ଯକ୍ଷ୍ମା ସେଲ୍ ଭୁବନେଶ୍ୱର, ସାମୁହିକ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ, ବରିଷ୍ଠ ଚିକିତ୍ସା ପର୍ଯ୍ୟବେକ୍ଷକ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଯକ୍ଷ୍ମା ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ବାସ୍କେଟ (ନି-କ୍ଷୟ ପୋଷଣ ଅଭିଯାନ) ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା





ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ, ସେମାନଙ୍କର ସହନଶକ୍ତି ବୃଦ୍ଧି କରେ, ସୁସ୍ଥତାକୁ ତ୍ୱରାନ୍ୱିତ କରେ, କୁପୋଷଣର ବିପଦ ହ୍ରାସ କରେ ଏବଂ ଆବଶ୍ୟକୀୟ ପୁଷ୍ଟିକର ପଦାର୍ଥ ଏବଂ ଶକ୍ତି ଘନ ପରିପୂରକ ଯୋଗାଇ ଚିକିତ୍ସା ପରିତ୍ୟାଗ କରିବାର ସମ୍ଭାବନାକୁ ହ୍ରାସ କରେ। ଏହା ହେଉଛି ପୁଷ୍ଟିକର ଖାଦ୍ୟ ବାସ୍କେଟର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଓ ଏହା ମୃତ୍ୟୁହାର ଏବଂ ଅସୁସ୍ଥତା ହ୍ରାସ କରିବ ।

ଏହି ପଦକ୍ଷେପ ବ୍ୟତୀତ, ଆବଶ୍ୟକତା ସମୟରେ ସମାଜକୁ ନିରନ୍ତର ସେବା ଯୋଗାଇଦେଇ ଆସିଛି ଇଫକୋ କ୍ଷ କୋଭିଡ-୧୯ ମହାମାରୀ ସମୟରେ, ଇଫକୋ ପାରାଦୀପ ୟୁନିଟ୍ ସରକାରୀ କର୍ତ୍ତୃପକ୍ଷଙ୍କୁ ସୁରକ୍ଷା କିଟ୍ ପ୍ରଦାନ କରି ସେମାନଙ୍କୁ ସୁରକ୍ଷା ଦେଇଥିଲା। ଉଲ୍ଲେଖ ଥାଉକି, ଇଫକୋ ରାଜ୍ୟର ପ୍ରଥମ ସଂଗଠନ ଯାହା ସରକାରୀ ହସ୍ପିଟାଲ ଏବଂ ଚିକିତ୍ସା ପ୍ରତିଷ୍ଠାନଗୁଡ଼ିକୁ ମାଗଣାରେ ଅକ୍ସିଜେନ ଯୋଗାଣ ପାଇଁ ଏକ ଉତ୍ସର୍ଗୀକୃତ ମେଡିକାଲ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନ କରିବାରେ ୭ କୋଟି ଟଙ୍କା ବିନିଯୋଗ କରିଛି। ପ୍ରାକୃତିକ ବିପର୍ଯ୍ୟୟ ସମେତ ଅଗ୍ନି ଦୁର୍ଘଟଣାରେ ସମ୍ପତ୍ତି ହରାଇଥିବା ବ୍ୟକ୍ତିବିଶେଷଙ୍କୁ ଇଫକୋ ସମୟୋଚିତ ସହାୟତା ସହ ଆର୍ଥିକ ସହାୟତା ପ୍ରଦାନ କରି ଆସୁଅଛି। ରିଲିଫ୍ ଏବଂ ପୁନର୍ବାସରେ ସଂଗଠନର ପ୍ରୟାସକୁ ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଶଂସା କରାଯାଇଛି, ଯାହା ଇଫକୋର ସାମାଜିକ ଦାୟିତ୍ୱ ଏବଂ ସମାଜ କଲ୍ୟାଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# ଜିନ୍ଦଲ ଷ୍ଟେନଲେସ ପକ୍ଷରୁ ପ୍ରଥମ ସମନ୍ୱିତ ରିପୋର୍ଟ ପ୍ରକାଶିତ

ଭୁବନେଶ୍ୱର, ୨୫।୯ (ନି.ପ୍ର): ଭାରତର ସର୍ବବୃହତ ଷ୍ଟେନଲେସ୍-ଷ୍ଟିଲ୍ ନିର୍ମାତା ଜିନ୍ଦଲ୍ ଷ୍ଟେନଲେସ୍ ଆର୍ଥିକ ବର୍ଷ ୨୦୨୫ ପାଇଁ ଏହାର ପ୍ରଥମ ସମନ୍ୱିତ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ସମସ୍ତ ଅଂଶୀଦାରଙ୍କ ପାଇଁ ସ୍ୱଚ୍ଛତା, ଦାୟିତ୍ୱବୋଧତା ଏବଂ ସ୍ଥାୟୀ ମୂଲ୍ୟ ସୃଷ୍ଟି ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି।

ଅନ୍ତର୍ଜାତୀୟ ସମନ୍ୱିତ ରିପୋର୍ଟିଂ ପରିଷଦ ଫ୍ରେମ୍ୱାର୍କ ଅନୁଯାୟୀ ବିଶ୍ୱ ସ୍ଥାୟୀତ୍ୱ ରିପୋର୍ଟିଂ ମାନଦଣ୍ଡ ଆଧାରରେ ଏହି ସମନ୍ୱିତ ରିପୋର୍ଟ ପ୍ରସ୍ତୁତ ହୋଇଛି। ଫୋର୍ଜ୍ଡ ଇନ୍ ଇଣ୍ଡିଆ, ବିଲ୍ଟ ଫର୍ ୱାର୍ଲ୍ଡ ଥିମକୁ ନେଇ ପ୍ରକାଶିତ ଏହି ରିପୋର୍ଟରେ କମ୍ପାନୀର ବ୍ୟବସାୟ ଅଭିବୃଦ୍ଧି ଏବଂ ଉତ୍ପାଦନ ଉପରେ ଗୁରୁତ୍ୱ ଦେବା ସହ ଷ୍ଟେନଲେସ୍ ସମାଧାନରେ ଏକ ବିଶ୍ୱସ୍ତରୀୟ ଅଗ୍ରଣୀ କମ୍ପାନୀ ହେବା ପାଇଁ ଥିବା ଭିଜନକୁ ଦର୍ଶାଯାଇଛି।

ଏହା ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ମୁଖ୍ୟ ସଷ୍ଟେନେବିଲିଟି ଅଧିକାରୀ ଶ୍ରୀ କଲ୍ୟାଣ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ଜିନ୍ଦଲ ଷ୍ଟେନଲେସରେ ଇଏସଜି ନୀତିଗୁଡ଼ିକ ଆମର କାର୍ଯ୍ୟର ପ୍ରତ୍ୟେକ ପର୍ଯ୍ୟାୟରେ ସାମିଲ ରହିଛି ଏବଂ ଆମେ ବିଶ୍ୱାସ କରୁ ଯେ ପରିବେଶ ପରିଚାଳନା ଏବଂ ସାମାଜିକ ଦାୟିତ୍ୱ ସହିତ ବ୍ୟାବସାୟିକ କାର୍ଯ୍ୟଦକ୍ଷତାକୁ ସମନ୍ୱିତ କରି ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରାଯାଇପାରିବ। ଏହି ରିପୋର୍ଟ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଏ । ଏଥିରେ ଆମ ଅଂଶୀଦାର ଏବଂ ଗୋଷ୍ଠୀ ପାଇଁ ଏକ ସ୍ଥାୟୀ ଭବିଷ୍ୟତ ଗଠନରେ ନବସୃଜନ, ଦୃଢ଼ତା ଏବଂ ସମାବେଶୀ ନୀତି ସାମିଲ କରିବା ଦିଗରେ ଆମର ପ୍ରୟାସକୁ ଉଲ୍ଲେଖ କରାଯାଇଛି। ରିପୋର୍ଟରେ ଆର୍ଥିକ ବର୍ଷ ୨୦୨୫ରେ ହାସଲ ହୋଇଥିବା ପ୍ରମୁଖ ମାଇଲଖୁଂଟ ଗୁଡ଼ିକୁ ଉପସ୍ଥାପନ କରାଯାଇଛି, ଯାହା କମ୍ପାନୀ ପାଇଁ ଏକ ରୂପାନ୍ତରଣକାରୀ ବର୍ଷ। ଏଥିରେ ଏକ ବ୍ୟାପକ ଡବଲ୍ ମ୍ୟାଟେରିଆଲିଟି ଆସେସମେଂଟ ଓଡ଼ିଶାର ସର୍ବବୃହତ କ୍ୟାପ୍ଟିଭ୍ ସୋଲାର ପ୍ଲାଣ୍ଟର କାର୍ଯ୍ୟାନ୍ୱୟନ ଏବଂ ଆମର ଦାୟିତ୍ୱପୂର୍ଣ୍ଣ ଶାସନ, ପ୍ଲାନେଟ ପୋଜିଟିଭ, ସ୍ଥାୟୀ ଯୋଗାଣ ଶୃଙ୍ଖଳା, ଏବଂ ଗୋଷ୍ଠୀ ସଶକ୍ତିକରଣ ଭଳି ମହତ୍ୱାକାଂକ୍ଷୀ ଇଏସଜି ଲକ୍ଷ୍ୟ ଅନ୍ତର୍ଭୁକ୍ତ ଅଛି। ଏହି ସମନ୍ୱିତ ରିପୋର୍ଟ କମ୍ପାନୀର କାର୍ଯ୍ୟଦକ୍ଷତା ସମ୍ପର୍କରେ ଏକ ବ୍ୟାପକ ଦୃଷ୍ଟିକୋଣ ପ୍ରଦାନ କରେ, ଯାହା ପରିବେଶ ପରିଚାଳନା, ସାମାଜିକ ପ୍ରଭାବ ଏବଂ ଗଭର୍ନାନ୍ସ ଅଭ୍ୟାସ ଭଳି କ୍ଷେତ୍ରଗୁଡ଼ିକରେ ଆର୍ଥିକ ଏବଂ ଅଣ-ଆର୍ଥିକ ପ୍ରକାଶନକୁ ସାମିଲ କରିଥାଏ। ଏଥିରେ କମ୍ପାନୀର ଡିକାର୍ବନାଇଜେସନ୍ ପ୍ରୟାସକୁ ଦର୍ଶାଯାଇଛି। ଏହା ୨୦୩୫ ସୁଦ୍ଧା ଅଙ୍ଗାରକାମ୍ଳ ନିର୍ଗମନରେ ୫୦% ହ୍ରାସ ଏବଂ ୨୦୫୦ ସୁଦ୍ଧା ମୋଟ ଶୂନ୍ୟ ନିର୍ଗମନ ଲକ୍ଷ୍ୟ ରଖିଛି। ହରିୟାଣାର ହିସାର ଏବଂ ଓଡ଼ିଶାର ଯାଜପୁରରେ ଉତ୍ପାଦନ ପ୍ଲାଂଟ ଆଖପାଖରେ ଥିବା ଲୋକଙ୍କୁ ସଶକ୍ତ କରିବା ପାଇଁ ଜିନ୍ଦଲ ଷ୍ଟେନଲେସର ତୃଣମୂଳ ସ୍ତରୀୟ ପଦକ୍ଷେପଗୁଡ଼ିକୁ ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଛି।

ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ମଧ୍ୟ ସମ୍ମାନ ଦିଆଯାଇ ରିପୋର୍ଟର ଡିଜାଇନରେ ଓଡ଼ିଶାର ପାରମ୍ପରିକ ସଉରା ଚିତ୍ରକଳାକୁ ସ୍ଥାନିତ କରାଯାଇଛି। ଏହି ସୃଜନଶୀଳ ଡିଜାଇନ୍ ସ୍ଥାନୀୟ ଗୋଷ୍ଠୀ ସହିତ କମ୍ପାନୀର ନିବିଡ଼ ସମ୍ପର୍କକୁ ଦର୍ଶାଇବା ସହ ଭାରତୀୟ ମୂଲ୍ୟବୋଧ ଆଧାରରେ ବିଶ୍ୱସ୍ତରୀୟ ସମାଧାନ ନିର୍ମାଣ ଦିଗରେ କମ୍ପାନୀର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ।

# ଆମୱେ ଇଣ୍ଡିଆ ନ୍ୟୁଟ୍ରିଲାଇଟ୍‌ର ଉତ୍ତମତାରେ ପରିପୁଷ୍ଟ ଆର୍ଟିଷ୍ଟ୍ରି ସ୍କିନ ନ୍ୟୁଟ୍ରିସନ୍‌ର ପରବର୍ତ୍ତୀ ପିଢିର ସ୍କିନ୍ କେୟାର ଉନ୍ମୋଚନ

ଭୁବନେଶ୍ୱର, ୨୫।୯ (ନି.ପ୍ର) : ଭାରତୀୟମାନେ ସମୟ ପୂର୍ବରୁ ତ୍ୱଚାର ବୟସ ବୃଦ୍ଧି ଏବଂ ପରିବେଶଗତ ଚାପ ଠାରୁ ନେଇ ତ୍ୱଚାର ଅସମାନ ରଙ୍ଗ ଏବଂ ଗଠନ ବିଷୟ ଜନିତ ଚିନ୍ତାକୁ ନେଇ ଘାରି ହେଉଥିବାବେଳେ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସମର୍ଥନ କରୁଥିବା ଏକ ଅଗ୍ରଣୀ କମ୍ପାନୀ ଆମୱେ ଇଣ୍ଡିଆ ଶୀଘ୍ର ଏବଂ ଦୃଶ୍ୟମାନ ବୟସ୍କ ତ୍ୱଚାର ଯଥାକ୍ରମେ ଶୀଘ୍ର ଓ ଆଗୁଆ ସଙ୍କେତଗୁଡିକ ପ୍ରତି ଦୃଷ୍ଟିଦେବାକୁ ଦୁଇଟି ପରବର୍ତ୍ତୀ ପିଢିର ସ୍କିନ୍‌କେୟାର ଉତ୍ପାଦ- ଆର୍ଟିଷ୍ଟ୍ରି ସ୍କିନ୍ ନ୍ୟୁଟ୍ରିସନ ଡିଫାଇଙ୍ଗ ସେରମ୍ ଏବଂ ଆର୍ଟିଷ୍ଟ୍ରି ସ୍କିନ୍ ନ୍ୟୁଟ୍ରିସନ କରେକ୍ଟିଂ ସେରମ୍ ପ୍ରଚଳନ କରିଛି। ଏହି ଉନ୍ନତ ସେରମ୍‌ଗୁଡିକ ଆର୍ଟିଷ୍ଟ୍ରି ସ୍କିନ୍ ନ୍ୟୁଟ୍ରିସନ ହାଇଡ୍ରେଟିଂ, ବାଲାନସିଂ ଓ ରିନିଓ୍ୱିଂ ଏବଂ ଫାର୍ମିଂ ବର୍ଗମାଳା ନେତୃତ୍ୱରେ ରହିଥିବା ମୂଳଦୁଆ ଉପରେ ପ୍ରସ୍ତୁତ କରାଯାଇଛି, ଯେଉଁଗୁଡିକ ବିଭିନ୍ନ ଜୀବନ



ପର୍ଯ୍ୟାୟଗୁଡିକରେ ପରିବର୍ତ୍ତିତ ତ୍ୱଚାଯତ୍ନ ଆବଶ୍ୟକତା ପୂରଣ କରିବାକୁ ଅତ୍ୟନ୍ତ ଚିନ୍ତାଶୀଳ ଭାବରେ ପ୍ରସ୍ତୁତ କରାଯାଇଛି। ଉଦ୍ଭିଦ ବିଜ୍ଞାନ କ୍ଷେତ୍ରରେ ନ୍ୟୁଟ୍ରିଲାଇଟ୍‌ର ୯୦ ବର୍ଷର ପରମ୍ପରା ସମର୍ଥନରେ ଏହି ସେରମ୍‌ଗୁଡିକ ତ୍ୱଚାରେ ମଜଭୁତପଣ, କୋମଳତା ଏବଂ ଦୃଢତା ଆଣିବା ଭଳି ଦୃଶ୍ୟମାନ ଫଳାଫଳ ପ୍ରଦାନ କରିବାକୁ ନ୍ୟୁଟ୍ରିଲାଇଟ ଦ୍ୱାରା ପ୍ରସ୍ତୁତ ଉପାଦାନଗୁଡିକରେ ପରିପୁଷ୍ଟ ହୋଇଛି, ଯାହା ଯୁବସୁଲଭ ଦେଖାଯାଉଥିବା ତ୍ୱଚା ନିମନ୍ତେ ପ୍ରକୃତି ଓ ବିଜ୍ଞାନର ଶକ୍ତିକୁ ଏକତ୍ର କରିଛି। ଆର୍ଟିଷ୍ଟ୍ରି ସ୍କିନ୍ ନ୍ୟୁଟ୍ରିସନ ଡିଫାଇଙ୍ଗ ସେରମ୍ ବୟସ ବୃଦ୍ଧିର ଶୀଘ୍ର ଦୃଶ୍ୟମାନ ଚିହ୍ନ ବିପକ୍ଷରେ ତ୍ୱଚାକୁ ସମର୍ଥନ କରିବାରେ ସହାୟତା କରୁଥିବାବେଳେ ଆର୍ଟିଷ୍ଟ୍ରି ନ୍ୟୁଟ୍ରିସନ କରେକ୍ଟିଂ ସେରମ୍ ତ୍ୱଚାର ବୟସ ବୃଦ୍ଧିର ଅଧିକ ପରିଦୃଶ୍ୟତା ଏବଂ ଦୃଢତା ହାନି ପ୍ରତି ଦୃଷ୍ଟି ଦେବାରେ ସହାୟକ ହେଉଛି। ଏହାର ବଜାର ପ୍ରବେଶ ସମ୍ପର୍କରେ ପ୍ରକାଶ କରି ଶ୍ରୀ ରଜନୀଶ ଚୋପ୍ରା, ମ୍ୟାନେଜିଂ ଡାଇରେକ୍ଟର, ଆମୱେ ଇଣ୍ଡିଆ କହିଥିଲେ, "ଭାରତୀୟ ତ୍ୱଚା ଯତ୍ନ ବଜାର ବର୍ଦ୍ଧିତ ଗ୍ରାହକ ସଚେତନତା, ବର୍ଦ୍ଧିତ ଖର୍ଚ୍ଚକାରୀ ଆୟ ଏବଂ ପ୍ରିମିୟମ୍ ଏବଂ ପ୍ରାକୃତିକ ଉତ୍ପାଦଗୁଡିକ ନିମନ୍ତେ ପସନ୍ଦ କାରଣରୁ ଉଲ୍ଲେଖନୀୟ ଅଭିବୃଦ୍ଧି ଲକ୍ଷ୍ୟ କରୁଛି। ଏଥିସହିତ ଏକ ରିପୋର୍ଟ ଅନୁଯାୟୀ, ପ୍ରାୟ ୭୧% ଭାରତୀୟ ଉପଭୋକ୍ତା ଉଦ୍ଭିଦରୁ ସଂଗୃହୀତ ଉପାଦାନଗୁଡିକରେ ପ୍ରସ୍ତୁତ ତ୍ୱଚାଯତ୍ନ ଉତ୍ପାଦଗୁଡିକ ପସନ୍ଦ କରୁଛନ୍ତି।

# କୋଲେଷ୍ଟ୍ରଲ ଓ ଏଲଡିଏଲ ହ୍ରାସ କରିବାରେ ସହାୟକ ହୋଇଥାଏ ଆଲମଣ୍ଡ

ଭୁବନେଶ୍ୱର, ୨୭।୯ (ନି.ପ୍ର) : ପ୍ରତିବର୍ଷ ହୃଦରୋଗ ଯୋଗୁଁ ଅନେକ ମୂଲ୍ୟବାନ ଜୀବନ ଅକାଳରେ ନଷ୍ଟ ହେଉଛି । ବିଶେଷ କରି ଭାରତରେ ହୃଦରୋଗ ଦ୍ରୁତ ବେଗରେ ବୃଦ୍ଧି ପାଉଛି। ଓ୍ୱାର୍ଲ୍ଡ ହାର୍ଟ ଫେଡେରେଶନ ମଧ୍ୟ ଉଲ୍ଲେଖ କରିଛି ଯେ, ମହିଳାମାନେ ପ୍ରଥମେ ହୃଦଘାତର ଶିକାର ହେବା ସମ୍ଭାବନା ଅଧିକ ଓ ପୁରୁଷଙ୍କ ତୁଳନାରେ ମୃତ୍ୟୁହାର ମଧ୍ୟ ଅଧିକ। ଏଭଳି ସ୍ଥିତିରେ ଏକ ସରଳ କିନ୍ତୁ ପ୍ରଭାବଶାଳୀ ଉପାୟ ହେଉଛି ହୃଦୟ-ସୁସ୍ଥ ଅଭ୍ୟାସ ଅନୁସରଣ କରିବା, ଯେଉଁଥିରେ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ କାଲିଫର୍ଣ୍ଣିଆ ଆଲମଣ୍ଡକୁ ସାମିଲ କରିବା ଅନ୍ତର୍ଭୁକ୍ତ ରହିଛି। କାରଣ କାଲିଫର୍ଣ୍ଣିଆ ଆଲମଣ୍ଡରେ ହୃଦୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ ମୋନୋଅନସାଚୁରେଟେଡ ଫ୍ୟାଟ, ଭିଟାମିନ ଇ, ମ୍ୟାଗ୍ନେସିୟମ, ପୋଟାସିୟମ ଓ ଡାଏଟାରୀ ଫାଇବର ଭଳି ୧୫ଟି ଆବଶ୍ୟକୀୟ ପୋଷଣତତ୍ତ୍ୱ ରହିଛି। ନିୟମିତ ଆଲମଣ୍ଡ ଖାଇବା ଦ୍ୱାରା ମୋଟ କୋଲେଷ୍ଟ୍ରଲ ଓ ଏଲଡିଏଲ ହ୍ରାସ ପାଇପାରିବ। ଏହି ଅଭ୍ୟାସ ହୃଦୟ ରୋଗ



ସମ୍ବନ୍ଧିତ ପ୍ରଦାହକୁ ହ୍ରାସ କରିଥାଏ।

ଏସମ୍ପର୍କରେ ନ୍ୟୁଟ୍ରିସନ ଓ ୱେଲନେସ୍ କନ୍‌ସଲଟାଂଟ ଶୀଲା କ୍ରିଷ୍ଣସ୍ୱାମୀ କହିଛନ୍ତି, " ଭାରତରେ ହୃଦରୋଗର ବର୍ଦ୍ଧିତ ଘଟଣା ସହ ଏଭଳି ଖାଦ୍ୟ ଉପରେ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ ଯାହା କେବଳ କୋଲେଷ୍ଟ୍ରଲ ହ୍ରାସ କରେ ନାହିଁ ବରଂ ସାମଗ୍ରିକ ହୃଦୟକୁ ସୁସ୍ଥ ରଖିଥାଏ। ଆଲମଣ୍ଡ ଏକ ପୋଷଣଯୁକ୍ତ ଖାଦ୍ୟ ଯାହା ପ୍ରଦାହ ହ୍ରାସ କରିବା ସହ ହୃଦୟର କାର୍ଯ୍ୟକାରିତାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ।" ମ୍ୟାକ୍ସ ହେଲ୍‌ଥକେୟାର, ଦିଲ୍ଲୀର ଡାଏଟେଟିକ୍ସ ବିଭାଗର ଆଂଚଳିକ ମୁଖ୍ୟ ରିତିକା ସମାଦାର କହିଛନ୍ତି, "ଆଜିର ଅତ୍ୟଧିକ ବ୍ୟସ୍ତବହୁଳ ଜୀବନରେ ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ଖାଦ୍ୟ ପରିବର୍ତ୍ତନର ଆବଶ୍ୟକତା ବୃଦ୍ଧି ପାଇଛି। ମୋନୋସାଚୁରେଟେଡ ଫ୍ୟାଟ, ଭିଟାମିନ ଇ ଓ ମ୍ୟାଗ୍ନେସିୟମରେ ସମୃଦ୍ଧ ଆଲମଣ୍ଡରେ ସୁସ୍ଥ ରକ୍ତଚାପ ଓ କୋଲେଷ୍ଟ୍ରଲ ବଜାୟ ରଖିବାରେ ସାହାଯ୍ୟ କରିବା ପାଇଁ ଭାରତୀୟ ଆହାର ମାର୍ଗଦର୍ଶିକାରେ ସୁପାରିଶ କରାଯାଇଥିବା ସମସ୍ତ ପ୍ରମୁଖ ଉପାଦାନ ରହିଛି। ଚଳିତ ବିଶ୍ୱ ହୃଦୟ ଦିବସରେ ନିଜ ନିୟମିତ ଆହାରରେ ଆଲମଣ୍ଡକୁ ଅନ୍ତର୍ଭୁକ୍ତ କରିବା ଏକ ସନ୍ତୁଳିତ ଆହାର ଓ ମଜବୁତ ହୃଦୟ ଦିଗରେ ଏକ ସ୍ମାର୍ଟ ପଦକ୍ଷେପ ଅଟେ।"

ସେହିପରି ଅଭିନେତ୍ରୀ ସୋହା ଅଲୀ ଖାନ କହିଛନ୍ତି, "ମୁଁ କାଲିଫର୍ଣ୍ଣିଆ ଆଲମଣ୍ଡ ସହ ମୋର ସକାଳ ଆରମ୍ଭ କରିଥାଏ କାରଣ ଏହା ମୋତେ ଫୁଲ୍ ରଖିବା ସହ ମୋର ଶକ୍ତି ବୃଦ୍ଧି କରିଥାଏ, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବେ ମୋର ହୃଦୟ ସ୍ୱାସ୍ଥ୍ୟରେ ସହଯୋଗ କରିଥାଏ। ଏହା ପୋଷଣତତ୍ୱରେ ସମୃଦ୍ଧ ହୋଇଥିବାରୁ ଖରାପ କୋଲେଷ୍ଟ୍ରଲ ଓ ପ୍ରଦାହ କମ୍ କରିବାରେ ସାହାଯ୍ୟ କରିଥାଏ ଯାହା ଏକ ସୁସ୍ଥ ହୃଦୟ ପାଇଁ ଜରୁରୀ ଅଟେ।"

# ଓ୍ୱଣ୍ଡରଲା ଭୁବନେଶ୍ୱର ଓଡିଶାର ଶ୍ରେଷ୍ଠ ମନୋରଞ୍ଜନ ଗନ୍ତବ୍ୟ ଭାବେ ପ୍ରଥମ ବାର୍ଷିକୀ ପାଳନ କରୁଛି

ଭୁବେନଶ୍ୱର, ୨୫।୯ (ନି.ପ୍ର) : ଓ୍ୱଣ୍ଡର୍‌ଲା ଆମ୍ୟୁଜେମଂଟ୍ ପାର୍କ ଭୁବନେଶ୍ୱର ନିଜର ପ୍ରଥମ ବାର୍ଷିକ ଦିବସ ପାଳନ କରୁଥିବା ବେଳେ ଏକ ବ୍ୟାପକ ପାବର୍ଣ କାର୍ଯ୍ୟକ୍ରମ ଏବଂ ପୂଜା ବିଶେଷ ଅଫର୍ ଘୋଷଣା କରିଛି। ୨୦୨୪ ସେପ୍ଟେମ୍ବରେର ଏହାର ଭବ୍ୟ ଉଦଘାଟନ ପରଠାରୁ ଓ୍ୱଣ୍ଡର୍‌ଲା ଭୁବନେଶ୍ୱର ୨.୬୪ ଲକ୍ଷରୁ ଅଧିକ ଅତିଥିଙ୍କୁ ସ୍ୱାଗତ କରିଛି (ଅଡିଟ୍ ହୋଇଥିବା ତଥ୍ୟ ଅନୁଯାୟୀ) ଏବଂ ୨୦୨୫ ଜୁନ୍ ସୁଦ୍ଧା ୧୨୧ଟି ଶିକ୍ଷାନୁଷ୍ଠାନ ଏବଂ ୪୧୩ଟି କର୍ପୋରେଟ୍ ଗ୍ରୁପ୍‌ଙ୍କୁ ଆମନ୍ତ୍ରଣ ଦେଇଛି ଏବଂ ଦୁଇଟି ନୂତନ ରୋମାଂଚକାରୀ ରାଇଡ୍ - 'ଫଙ୍କି ମଙ୍କି' ଏବଂ 'ଓ୍ୱଣ୍ଡରଲା ବାମ୍ପ'କୁ ଆରମ୍ଭ କରି ଓଡିଶାର ଏକ ବୃହତମ ଏବଂ ପ୍ରିୟ ଆମ୍ୟୁଜେମଂଟ ପାର୍କ ଭାବେର ପରିଚୟ ସୃଷ୍ଟି କରିଛି । ଏହି ପାର୍କଟି ଏକ ସାଂସ୍କୃତିକ ଗନ୍ତ ସ୍ଥଳ ଭାବେର ମଧ୍ୟ ଉଭା ହୋଇ ରାଜ୍ୟର ପ୍ରଥମ ସନବର୍ନ୍ କନସର୍ଟ୍ ଭଳି ମେଗା କାର୍ଯ୍ୟକ୍ରମ ସହିତ ଅେନକ ଏବଂ ଉତ୍ସବଗୁଡିକର ଅାୟୋଜନ କରିଛି ଯେଉଁଥିରେ ଆଲାନ ଓ୍ୱାକର୍ ଅଂଶଗ୍ରହଣ କରିଥିଲେ।

**ନିର୍ଦ୍ଦିଷ୍ଟ ସମୟସିମାଜୁକ୍ତ ପୂଜା ପାସର ଶୁଭାରମ୍ଭ**

ଏହି ସ୍ୱତନ୍ତ୍ର ଉପଲବ୍ଧୀ ଦିବସ କୁ ପାଳନ କରିବା ଏବଂ ଉତ୍ସବ ଭାବନାକୁ ଗ୍ରହଣ କରିବା ପାଇଁ ଓ୍ୱଣ୍ଡରଲ । ଭୁବେନଶ୍ୱର ଏକ ବିଶେଷ ପୂଜା ପାସ୍ ଘୋଷଣା କରିଛି ଯାହା କେବଳ ଅନଲାଇନ୍ ବୁକିଙ୍ଗ୍ ପାଇଁ ୭୯୯ ଟଙ୍କାରେ ଉପଲବ୍ଧ ଏବଂ ସେହି ପାସ୍‌କୁ ୨୦୨୫ସେପ୍ଟେମ୍ବର ୨୭ ରୁ ଅକ୍ଟୋବର ୭ ମଧ୍ୟେର ବ୍ୟବହାର କରାଯାଇପାରିବ। ଅତିଥିମାନେ ଓ୍ୱଣ୍ଡରଲାର ଚିର ପରିଚିତ ରୋମାଂଚ ଏବଂ ରାଇଡ୍ ବ୍ୟତୀତ ଏକ ଉଚ୍ଚ-ଶକ୍ତିର ର୍‌ୟାପର୍ ଶୋ, ଏକ ରୋମାଚଂକାରୀ ପାଇକ ଆଖଡା ଅଗ୍ନି କାର୍ଯ୍ୟକ୍ରମ ଏବଂ ତାରକା ପୁର୍ଣ୍ଣ ଭର୍ତି ଆକାଶ ତେଳ ତଜେ ନାଇଟ୍ ଭଳି କାର୍ଯ୍ୟକ୍ରମ ଉପେଭାଗ କରିପାରବେି। ଏହି ମାଇଲଖୁଂଟ ଉପେର ମତ ଦେଇ ଓ୍ୱଣ୍ଡରଲା ହଲିଡେଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ୍ ଓ ପରିଚାଳନା ନିର୍ଦ୍ଦେଶକ ଅରୁନ କେ ଚିଟିଲ୍ଲାପଲ୍ଲି କହିଛନ୍ତି ଯେ,



"ମାତ୍ର ଗୋଟିଏ ବର୍ଷରେ ଓ୍ୱଣ୍ଡରଲ । ଭୁବେନଶ୍ୱର ପାରିବାରିକ ମେନାରଞ୍ଜନର ଏକ ପ୍ରାଣବନ୍ତ କେନ୍ଦ୍ର ଭାବେର ଓଡିଶାର ସମ୍ଭାବନାକୁ ପ୍ରଦଶର୍ନ କରିଛି। ଏକ ସାଂସ୍କୃତିକ ପ୍ରମୁଖ ସ୍ଥଳ ରୂପେ ପରିଣତ ହେବାରୁ ଆରମ୍ଭ କରି ମେଗା କାର୍ଯ୍ୟକ୍ରମ ଅାୟୋଜନ ପର୍ଯ୍ୟନ୍ତ ପାର୍କଟି ପାରମ୍ପରିକ ରୋମାଂଚ ସହିତ ମିଶ୍ରଣ କରିଛି। ଅାମେ ଆଗକୁ ବଢୁଥିବା ବେେଳ ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କରିବା ଆମର ଲକ୍ଷ୍ୟ ରହିବ। ଅାମେ ବିଶ୍ୱାସ କରୁଛୁ ଯେ ଓ୍ୱଣ୍ଡରଲା ଭୁବେନଶ୍ୱର ପାଇଁ ଏହା କେବଳ ଆରମ୍ଭ ଏବଂ ଆଗାମୀ ସମୟ ପାଇଁ ଅାମେ ଉତ୍ସାହିତ ରହିଛୁ।''

ଏହି ଅବସରେର ଓ୍ୱଣ୍ଡରଲା ହଲିଡେଜ୍ ଲିମିଟେର ମୁଖ୍ୟ ପରିଚାଳନା ଅଧିକାରୀ ଧୀରନ ଚୌଧୁରୀ କହିଛନ୍ତି ଯେ, 'ଏହି ଦୁର୍ଗା ପୂଜାେର ଅାମେ କେବଳ ରାଇଡରୁ ବହୁତ ଆଗକୁ ଯାଇଥିବା ଏକ ଅନୁଭୂତି ସୃଷ୍ଟି କରୁଛୁ। ତାହା ହେଉଛି ଉତ୍ସବ, ସଂଯୋଗ ଏବଂ ଆନନ୍ଦର ଏକ ବାତାବରଣ ସୃଷ୍ଟି କରିବାର ବିଷୟ। ଉଚ୍ଚ-ଶକ୍ତିର ପ୍ରଦଶର୍ନୀରୁ ନେଇ ସାଂସ୍କୃତିକ ସାଜ ସଜ୍ଜା ପର୍ଯ୍ୟନ୍ତ ଋତୁର ଉଜ୍ଜ୍ୱଳତାକୁ ପ୍ରତିଫଳିତ କରିବା ପାଇଁ ପ୍ରେତ୍ୟକ ଉପାଦାନକୁ ଚିନ୍ତାପୂର୍ବକ ପ୍ରସ୍ତୁତ କରାଯାଇଛି। ଓ୍ୱଣ୍ଡରଲା ଭୁବେନଶ୍ୱର ନିଜର ପ୍ରଥମ ବାର୍ଷିକ ଦିବସ ପାଳନ କରୁଥିବା ବେେଳ ସାରା ଓଡ଼ିଶାର ପରିଦଶର୍କଙ୍କ ସହିତ ଅାମେ ଗଠନ କରିଥିବା ଦୃଢ଼ ବନ୍ଧନ ପାଇଁ ଅାମେ ଗର୍ବିତ ଏବଂ ଏହି ପୂଜାକୁ ଏକ ଉତ୍ସବେର ପରିଣତ କରିବା ପାଇଁ ପ୍ରୋତ୍ସାହିତ ଯାହାକୁ ସେମାେନ ଏହା ଶେଷ ହେବା ପେର ମଧ୍ୟ ସ୍ମରଣ କରିଥିବେ।''



# ଦେଶରେ ଆଜିଠାରୁ ଶୁଭାରମ୍ଭ ହେଲା ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ

## 'ଭୋକାଲ ଫର ଲୋକାଲ' ସନ୍ଦେଶକୁ ସମସ୍ତ ଭାରତୀୟଙ୍କ ପର୍ଯ୍ୟନ୍ତ ପହଁଚାଇ ଦେଶର ଆର୍ଥିକ ଓ ସାଂସ୍କୃତିକ ଶକ୍ତିକୁ ମଜବୁତ କରିବା : ମନମୋହନ

ଭୁବନେଶ୍ୱର,୨୫/୦୯: ଆଜି ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ମହାନ ରାଷ୍ଟ୍ରବାଦୀ, ଜନନାୟକ, ଭାରତୀୟ ଜନସଂଘର ପ୍ରତିଷ୍ଠାତା ତଥା ମହାନ ଦାର୍ଶନିକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନର ରାଜ୍ୟସ୍ତରୀୟ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ସ୍ୱଦେଶୀ ଭାବନା ଓ ଭାରତୀୟ ସଂସ୍କୃତି ଆଧାରିତ ରାଷ୍ଟ୍ରଚିନ୍ତନକୁ ଦୃଢ ଓ ତଥ୍ୟ ପୂର୍ଣ୍ଣ ଅର୍ଥରେ ପରିପ୍ରକାଶ କରି ଏହାର ମହାନତାକୁ ସାବ୍ୟସ୍ତ କରିବା ହେଲା ଏକାତ୍ମ ମାନବବାଦର ମୂଳ ଲକ୍ଷ୍ୟ । ଆତ୍ମନିର୍ଭର ଭାରତର ପଥ ଗାଁ, ଗରିବ, ଚାଷୀ, ମହିଳା ଏବଂ ଯୁବକମାନଙ୍କର ଅଂଶଗ୍ରହଣ ମାଧ୍ୟମରେ ନିର୍ମାଣ ହେବ। ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ହେଉଛି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଚିନ୍ତାଧାରାର ଏକ ବ୍ୟାପକ ବିସ୍ତାର, ଯାହାର ଲକ୍ଷ୍ୟ ଭାରତକୁ ସାମାଜିକ ଓ ଆର୍ଥିକ ଭାବେ ଆତ୍ମନିର୍ଭର କରିବା। ଏହି ଅଭିଯାନ ଆଜି ଠାରୁ ଆରମ୍ଭ ହୋଇ ୨୫ ଡିସେମ୍ବର ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପର୍ଯ୍ୟନ୍ତ ଦୀର୍ଘ ୯୦ ଦିନ ଧରି ଚାଲିବ। ଏହି ଅଭିଯାନ କେବଳ ଏକ ନୀତିଗତ ପଦକ୍ଷେପ ନୁହେଁ, ବରଂ ଜନଭାଗିଦାରୀ ମାଧ୍ୟମରେ ଏକ ସଫଳ ରାଷ୍ଟ୍ର ତିଆରି କରିବା। ଏହାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଭାରତୀୟଙ୍କୁ ଯୋଡିବା, ପ୍ରତ୍ୟେକ ନାଗରିକଙ୍କୁ ପ୍ରେରିତ କରିବା ଏବଂ ପ୍ରତ୍ୟେକ ଘରକୁ ଆତ୍ମନିର୍ଭରତାର ସନ୍ଦେଶ ପହଁଚାଇବା। ପ୍ରତ୍ୟେକ ଘରେ ସ୍ୱଦେଶୀ ଭାବନା ସହ ଏହି ଅଭିଯାନକୁ ସମସ୍ତଙ୍କ ପର୍ଯ୍ୟନ୍ତ ପହଁଚାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ଯଥା- 'ଆତ୍ମନିର୍ଭର ଭାରତ ସଂକଳ୍ପ ସମାରୋହ ଓ ଆତ୍ମନିର୍ଭର ଭାରତ ସଂକଳ୍ପର ରଥ ଯାତ୍ରା'। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି 'ଭୋକାଲ ଫର ଲୋକାଲ' ସନ୍ଦେଶକୁ ସମସ୍ତ ଭାରତୀୟଙ୍କ ପର୍ଯ୍ୟନ୍ତ ପହଁଚାଇ ଦେଶର ଆର୍ଥିକ ଓ ସାଂସ୍କୃତିକ ଶକ୍ତିକୁ ମଜବୁତ କରିବା ବୋଲି ଶ୍ରୀ ସାମଲ କହିଛନ୍ତି।



'ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନକୁ ସଫଳ କରିବା ପାଇଁ ବିଜେପି ତରଫରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି । "ଘର ଘର ସ୍ୱଦେଶୀ, ପ୍ରତ୍ୟେକ ଘର ସ୍ୱଦେଶୀ" କୁ ପ୍ରାଧାନ୍ୟ ଦିଆଯିବ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଘର ଘର ଯାଇ 'ସ୍ୱଦେଶୀ କିଣିବା, ସ୍ୱଦେଶୀ ବିକିବା'ର ବାର୍ତ୍ତା। ରାଜ୍ୟ ତଥା ଦେଶବାସୀଙ୍କ ନିକଟକୁ ପହଂଚାଯିବ । ଭୋକାଲ ଫର୍ ଲୋକାଲ୍ ମାଧ୍ୟମରେ ସ୍ଥାନୀୟ ଉତ୍ପାଦର ଚାହିଦାକୁ ବୃଦ୍ଧି କରାଯିବ । ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ମହିଳା ଓ ଯୁବ ସମ୍ମିଳନୀ ଜରିଆରେ କାର୍ଯ୍ୟକର୍ତ୍ତାମାନେ ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ଏହି ଅଭିଯାନର ସୁଦୂର ପ୍ରଚାର କରିବେ । ଏହି ଅବସରରେ ରାଜ୍ୟ, ଜିଲ୍ଲା, ମଣ୍ଡଳସ୍ତରରେ ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ଚିତ୍ରକଳା, ଲୋକନାଟ୍ୟ, ଏସଏଚଜି ଉତ୍ପାଦ ପ୍ରତିଯୋଗିତା, କବିତା ପ୍ରତିଯୋଗିତା, ରଙ୍ଗୋଲି ପ୍ରତିଯୋଗିତା, ପ୍ରଭାତ ଫେରୀ, କାନ୍ଥ ଲିଖନ, ରାଜ୍ୟ ମେଳାରେ ବ୍ୟବସାୟୀଙ୍କ ପ୍ରଦର୍ଶନୀ, ଛୋଟ ଓ ଉଠା ଦୋକାନ ଏବଂ ସ୍ଥାନୀୟ କାରିଗରମାନଙ୍କ ସମ୍ମିଳନୀ, ହୋର୍ଡିଂ ଲଗାଯାଇ ବ୍ୟାପକ ପ୍ରଚାର ପ୍ରସାର କରାଯିବ । ସମାଜର ପ୍ରତ୍ୟେକ ବର୍ଗର ଲୋକ ଏହି ଅଭିଯାନରେ ସାମିଲ ହେବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ରାଜ୍ୟବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ଅଭିଯାନର ରାଜ୍ୟ ସଂଯୋଜକ ତଥା ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯାନର ଶୁଭାରମ୍ଭ ଅବସରରେ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତ, ରାଜ୍ୟ ସାଧାରଣ ସଂପାଦକ ଶାରଦା ପ୍ରସାଦ ଶତପଥୀ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବିଶିଷ୍ଟ ସ୍ଥପତି ଅଦ୍ୱୈତ ଗଡନାୟକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଚକ୍ରଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ପଣ୍ଡିତ ଦୀନଦୟାଲଜୀଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକୁ ଉନ୍ମୋଚନ କରିଥିଲେ । ରାଜ୍ୟ ସଭାପତି ଶ୍ରୀ ସାମଲ ଏବଂ ଅନ୍ୟ ନେତୃବୃନ୍ଦ ଏହି ଅବସରରେ 'ସ୍ୱଦେଶୀ କିଣିବା ଏବଂ ସ୍ୱଦେଶୀ ବିକିବା' ପାଇଁ ସଂକଳ୍ପ ନେଇଥିଲେ ।

# ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା କାହା ସ୍ୱାର୍ଥରେ ?

ଭୁବନେଶ୍ୱର, ୨୫।୯ (ନି.ପ୍ର) : 'ଓଡ଼ିଶା ଏଲିମେଣ୍ଟାରୀ ବି.ଏଡ୍. ଟିଚର୍ସ ଫେଡ୍ରେରେସନ' (ଓଇବିଟିଏଫ) ଏକ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଇନ୍ଦିରା ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶିକ୍ଷକ ନେତୃମଣ୍ଡଳୀ ରାଜ୍ୟ ସରକାରଙ୍କ ଦ୍ୱାରା ଆସନ୍ତା ୨୭.୦୯.୨୦୨୫ରିଖରେ ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା କାହା ସ୍ୱାର୍ଥରେ ବୋଲି ସମୂହ ପ୍ରଶ୍ନ କରିଥିଲେ। ରାଜ୍ୟ ସରକାର ପ୍ରତିବର୍ଷ ଦୁଇଥର ଓଟିଇଟି ପରୀକ୍ଷା ସମାପନ କରିବା ପାଇଁ ଘୋଷଣା କରିଥିଲେ ମଧ୍ୟ ତାହାକୁ ଅଣଦେଖା କରି ଏହି ସ୍ୱତନ୍ତ୍ର ଓଟିଇଟି କାହିଁକି କରାଯାଉଛି ବୋଲି ସମୂହ ମତପ୍ରକାଶ ପାଇଥିଲା। ଯେଉଁ ଶିକ୍ଷା ସଂଗଠନ ଗୁଡ଼ିକ ବିଗତ ସରକାରଙ୍କ ପ୍ରିୟଭାଜନ ସାଜି ନିଜ ଇଚ୍ଛାନୁସାରେ ଶିକ୍ଷା ଆଇନକୁ ଅଦଳବଦଳ କରିପାରୁଥିଲେ ଓ ନିଜକୁ ସୁହାଇବା ଭଳି କ୍ୟାଡ଼ର ନିୟମକୁ ବଦଳାଉଥିଲେ, ସେହି ସ୍ୱାର୍ଥୀ ଶିକ୍ଷକନେତାମାନେ ଆଜି ନୂତନ ସରକରାଙ୍କ ପାଖରେ ନିଜର ପାରିବା ପଣିଆ ଦେଖାଇବାରେ କୌଣସି ବ୍ୟତିକ୍ରମ ଦେଖାଯାଉ ନାହିଁ। ରାଜ୍ୟ ସରକାର ପ୍ରଥମ ଦଫା ଅନୁସାରେ ପାଞ୍ଚବର୍ଷ ଓଟିଇଟି ଯୋଗ୍ୟତା ହାସଲ ସମୟସୀମା କୋହଳ କଲେ। ଏହାପରେ ପୁନର୍ବାର ଦ୍ୱିତୀୟ ଥର ଆଉ ଚାରିବର୍ଷ କୋହଳ କଲେ ଏବଂ କେନ୍ଦ୍ର ସରକାର ସ୍ପଷ୍ଟ କଲେ ଯେ ଓଟିଇଟି ପରୀକ୍ଷା ପାଇଁ ଆଉ ଅଧିକ ସମୟ କସ୍ମିନକାଳେ କୋହଳ କରାଯାଇ ପାରିବନାହିଁ।

ଏସବୁ ବିଷୟରେ ସମସ୍ତେ ଜାଣିଥିଲେ ମଧ ଜାଣିଜାଣି ଆମ ପାଇଁ ପରୀକ୍ଷା ଦେବାର ଆବଶ୍ୟକତା ନାହିଁ ବା ଏନ୍.ସି.ଇ.ଆର.ଟି.ର ଗାଇଡ଼ଲାଇନ, ଶିକ୍ଷା ଅଧିକାର ଅଧିନିୟମ-୨୦୦୯, କେନ୍ଦ୍ର ସରକରାଙ୍କ ଶିକ୍ଷା ଆଇନକୁ ବେଖାତିର କରି ଦଳେ ନେତୃବୃନ୍ଦ ଏବେବି ଓଟିଇଟିର ଆବଶ୍ୟକତା ନାହିଁ ବୋଲି ଡେଙ୍ଗୁରା ପିଟୁଛନ୍ତି। ସେପଟେ ମନ୍ତ୍ରୀ, ବିଧାୟକ ଓ ସାଂସଦଙ୍କୁ ସେମାନଙ୍କର ପ୍ରିୟପାତ୍ର ହେବାର ନାଟକ କରି ଓଟିଇଟି ଉଚ୍ଛେଦ କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। କେନ୍ଦ୍ର ସରକାର ବାରମ୍ବାର ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ଅଗ୍ରସର ହେଉଥିବା ବେଳେ ଏହି କେତେଜଣ ଗତ ସରକାରଙ୍କ ଚାଟୁକାର ନିୟମକୁ ଉଠାଇ ଦେବାର ହୀନ ପ୍ରୟାସ କରୁଛନ୍ତି। ଯେଉଁ ଶିକ୍ଷକମାନେ ଦୀର୍ଘ ୯ ବର୍ଷ ମଧ୍ୟରେ ଅର୍ଥାତ୍ ୧୮ଥରରେ ଓଟିଇଟି ପରୀକ୍ଷାରେ ଯୋଗ୍ୟତା ହାସଲ କରିପାରିଲେ ନାହିଁ, ସେମାନେ କିଭଳି ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବେ ଓ ପ୍ରମୋଶନ ପାଇବେ, ସେ ଚିନ୍ତା ଆଜି ରାଜ୍ୟର ବୁଦ୍ଧିଜୀବି ମହଲରେ ଆଲୋଡ଼ନ ସୃଷ୍ଟି କରିଛି। ତେଣୁ ସରକାର କାଳବିଳମ୍ବ ନକରି ବର୍ଷରେ କଡ଼ାକଡ଼ି ଭାବେ ଦୁଇଥର ସାଧାରଣ ଓଟିଇଟି ପରୀକ୍ଷା କରି ଯୋଗ୍ୟ ଶିକ୍ଷକମାନଙ୍କୁ ଶିକ୍ଷାଦାନ ପରିସରଭୁକ୍ତ କରନ୍ତୁ ବୋଲି ସମୂହ ମତପ୍ରକାଶ ପାଇଥିଲା।

# ଜିଏସଟି ହ୍ରାସକୁ ନେଇ ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ହିଞ୍ଜିଳିକାଟୁ,୨୫।୯ (ନି.ପ୍ର) : ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବିଜେପି କାର୍ଯ୍ୟାଳୟ ଠାରେ ବିଜେପି ପକ୍ଷରୁ ଜିଏସଟି ହ୍ରାସ ହେବା ଦ୍ୱାରା ସାଧାରଣ ଜନତାଙ୍କନିକଟରେ ବାର୍ତ୍ତା ପହଞ୍ଚାଇବା ଉଦ୍ଦେଶ୍ୟରେ ହିଞ୍ଜିଳିକାଟୁ ବିଜେପି ଜିଲ୍ଲା କାର୍ଯ୍ୟାଳୟଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ହିଞ୍ଜିଳିକାଟୁ ବିଜେପି ଜିଲ୍ଲା କାର୍ଯ୍ୟାଳୟ ଠାରେ ଘୁମୁସର ଜିଲ୍ଲା ସଭାପତି୍ ବିଜୟ କୁମାର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀ ରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ହିଞ୍ଜିଳି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର, ଘୁମୁସର ଜିଲ୍ଲା ଉପସଭାପତି ମାଧବ ଗୌଡ଼,ସହ ସଂଯୋଜକ ସନ୍ତୋଷ ପାଣିଗ୍ରାହୀ,କଞ୍ଚୁରୁ ମଣ୍ଡଳ ସଭାପତି ରବୀନ୍ଦ୍ର ପାଣିଗ୍ରାହୀ,ହିଞ୍ଜିଳି ବିଜେପି ନଗର ସଭାପତି ସୁଧାଂଶୁ ଶେଖର ସାବତ, ସେବା ସପ୍ତାହ କାର୍ଯ୍ୟକ୍ରମ ର ସଂଯୋଜକ ଯଜ୍ଞ ନାରାୟଣ ଦାସ ପ୍ରମୁଖ ଯୋଗଦେଇଥିଲେ ।ବର୍ତ୍ତମାନ ର ଜିଏସଟି ହାରକୁ ସରଳ ଏବଂ ହ୍ରାସ ଦ୍ୱାରା ଉଭୟ ଜନସାଧାରଣ ଏବଂ ଦେଶର ଅର୍ଥନୈତିକ ପ୍ରଗତି ସମ୍ଭବ ହୋଇପାରିବ ବୋଲି ମୁଖ୍ୟ ଅତିଥି ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ସାମ୍ବାଦିକ ସମ୍ମିଳନୀ ରେ ମତ ରଖିଥିଲେ ?। ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ଅନ୍ତର୍ଯ୍ୟାମୀ ପାତ୍ର, ଶିକିରି ଭାଜପା ମଣ୍ଡଳ ସଭାପତି ମାର୍କଣ୍ଡ ପାଣିଗ୍ରାହୀ,ନିଳା ଭଉଳ, ସରୋଜ ପାତ୍ର, ନାରାୟଣ ପାଢ଼ୀଙ୍କ ସମେତ ସମସ୍ତ ଅନେକ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।



# ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିବା ପୂର୍ବରୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯାଉ : ସମନ୍ୱୟ ସମିତି

ଭୁବନେଶ୍ୱର,୨୫।୯ (ନି.ପ୍ର)) : ଆବଶ୍ୟକ ଭିତ୍ତିଭୂମି ନ ଯୋଗାଇ ବିଦ୍ୟାଳୟ ସ୍ତରରେ ନୂତନ ଭାବେ ଲାଗୁ କରାଯାଉଥିବା ୟୁଏଏସ୍ ପୋର୍ଟାଲ୍ ବା ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ବ୍ୟବସ୍ଥାକୁ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଘୋର ବିରୋଧ କରୁଛି । ବିଦ୍ୟାଳୟଗୁଡ଼ିକରେ ଉପଯୁକ୍ତ ଭିତ୍ତିଭୂମି ଯଥା- ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି, ମୋବାଇଲ୍, ଇଣ୍ଟରନେଟ୍, କମ୍ପ୍ୟୁଟର ସୁବିଧା ଓ କମ୍ପ୍ୟୁଟର ଶିକ୍ଷକ ଯୋଗାଇ ୟୁଏଏସ୍ ପୋର୍ଟାଲ୍ ବ୍ୟବସ୍ଥା ଲାଗୁ କରିବାକୁ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ।

ୟୁଏଏସ୍ ବ୍ୟବସ୍ଥା ଶିକ୍ଷକମାନଙ୍କ ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରିବା ସହିତ ଶିକ୍ଷକମାନଙ୍କ ମଧ୍ୟରେ ଏକ ପରାଧୀନ ଗୋତିଶ୍ରମିକ ଭଳି ହୀନମନ୍ୟତା ସୃଷ୍ଟି କରିବ । ସମସ୍ତ ବିଭାଗର କର୍ମଚାରୀମାନଙ୍କ ପାଇଁ ଏ ବ୍ୟବସ୍ଥା ଲାଗୁ କରାନଯାଇ କେବଳ ଶିକ୍ଷକମାନଙ୍କ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରିବାଦ୍ୱାରା ଏହା, ଶିକ୍ଷକମାନଙ୍କ ପ୍ରତି ସରକାରଙ୍କର ବୈମାତୃକ ମନୋବୃତ୍ତି ବୋଲି ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି ।

ସୂଚନାଥାଉକି, ରାଜ୍ୟସରକାର ବିଦ୍ୟାଳୟ ସ୍ତରରେ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିଛନ୍ତି । ଏହା ମାଧ୍ୟମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଦୈନିକ ଉପସ୍ଥାନ ଏକ ନିର୍ଦ୍ଦିଷ୍ଟ ସମୟରେ ପକାଇବେ ବୋଲି ଗଣଶିକ୍ଷା ବିଭାଗ ତରଫରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି ତାହା କେତେ ଯୁକ୍ତିଯୁକ୍ତ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଠାରେ ପ୍ରଶ୍ନ ଉଠେ ଅଧିକାଂଶ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକରିବା ପାଇଁ ଆବଶ୍ୟକ ଭିତ୍ତିଭୂମିର ସୁବିଧା ନାହିଁ । ସବୁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ରାଜ୍ୟ ସରକାର ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ପାଇଁ ମୋବାଇଲ୍, ଟାବଲେଟ୍ ଭଳି କୌଣସି ଭ୍ରାମ୍ୟ ଉପକରଣ ଯୋଗାଇ ଦେଇନାହାନ୍ତି । ଉପାନ୍ତ ଅଞ୍ଚଳରେ ମୋବାଇଲ୍ ନେଟ୍ୱାର୍କ ନଥିବାରୁ ଇଣ୍ଟରନେଟ୍ କାର୍ଯ୍ୟକାରୀ କରିବା ଦୁରୁହ ବ୍ୟାପାର । ସେହିପରି ବିଦ୍ୟାଳୟମାନଙ୍କରେ ଉପଯୁକ୍ତ ସଂଖ୍ୟାରେ ଶିକ୍ଷକ ନାହାଁନ୍ତି । ବହୁ ଶିକ୍ଷକ ପଦବୀ ଶୂନ୍ୟ ପଡ଼ିଛି । ବିଦ୍ୟାଳୟମାନଙ୍କରେ ଉପଯୁକ୍ତ ସାଧନ ବା ଡିଭାଇସ୍ ନାହିଁ କି ଦକ୍ଷ ପରିଚାଳକ ମଧ୍ୟ ନିଯୁକ୍ତ ହୋଇ ନାହାଁନ୍ତି । ଏହା ସହିତ ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ଏମ୍.ଡି.ଏମ୍. ଭଳି ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟରେ ସରକାର ବାରମ୍ବାର ନିୟୋଜନ କରୁଛନ୍ତି । ଶିକ୍ଷକମାନଙ୍କୁ ପ୍ରଥମେ ଏହିସବୁ ଅଣଶୈକ୍ଷିକ କାର୍ଯ୍ୟରୁ ନିବୃତ୍ତ କରାଯାଉ । ଇଣ୍ଟରନେଟ୍ ସୁବିଧା ନଯୋଗାଇ କିମ୍ବା ସେଥିନିମନ୍ତେ ଆବଶ୍ୟକ ଆର୍ଥିକ ବ୍ୟବସ୍ଥା ନକରି ଏବଂ ସର୍ବୋପରି ଶିକ୍ଷକମାନଙ୍କର ସମସ୍ୟା ସମାଧାନ ନକରି ଏହି ବ୍ୟବସ୍ଥା ଲାଗୁ କରିବାଦ୍ୱାରା ଶିକ୍ଷକମାନେ ମାନସିକ ସ୍ତରରେ ଚାପଗ୍ରସ୍ତ ହେବେ ଓ ଶିକ୍ଷାଦାନ ବାଧାପ୍ରାପ୍ତ ହେବ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ତରଫରୁ କୁହାଯାଇଛି । ଓଷ୍ଟା, ଅଲୋଷ୍ଟା, ସଂସ୍କୃତ ଟେଲ୍, ମଦ୍ରାଶା, ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ଓ ପ୍ରାଇମେରୀ ଆସୋସିଏସନ୍ ଅଦି ଶିକ୍ଷକସଂଗଠନ ମାନଙ୍କ ସହିତ ବିଚାର ବିମର୍ଷ ଓ ଆଲୋଚନା ନକରି ଏହାକୁ କାର୍ଯ୍ୟକାରୀ କରିବାର ପ୍ରୟାସରୁ ସରକାର କ୍ଷାନ୍ତ ହୁଅନ୍ତୁ । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଯେଉଁ ମସୁଧା ଚଳାଇଛନ୍ତି ସେଥିପାଇଁ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାର ଅନ୍ୟାନ୍ୟ ବର୍ଗର କର୍ମଚାରୀମାନଙ୍କ ପାଇଁ ବିଭିନ୍ନ ସୁବିଧା ପ୍ରଦାନ କରୁଥିଲା ବେଳେ ଶିକ୍ଷକମାନେ ସେହିସବୁ ସୁବିଧାରୁ ବଞ୍ଚିତ ରହିଛନ୍ତି । ୟୁଏଏସ୍ ଯୋଜନା କାର୍ଯ୍ୟକାରୀ କରାଗଲେ ଶିକ୍ଷକ ଶିକ୍ଷୟିତ୍ରୀମାନେ ନାନା ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହେବେ । ସରକାର ପ୍ରଥମେ ବିଭିନ୍ନ ବିଦ୍ୟାଳୟମାନଙ୍କରେ ଥିବା ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତାରତମ୍ୟ ଦୂର କରନ୍ତୁ ଓ ସମସ୍ତଙ୍କୁ ସମାନ ସୁବିଧା ଯୋଗାଇବା ସହ ସମସ୍ତ ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରି ଏହାକୁ ଲାଗୁ କରନ୍ତୁ ।

ରାଜ୍ୟସରକାର ଉପଯୁକ୍ତ ଭିତ୍ତିଭୂମି ସୃଷ୍ଟିକରି ସବୁ ବିଦ୍ୟାଳୟ ଗୁଡ଼ିକରେ ବିଜୁଳି ବ୍ୟବସ୍ଥା, ଇଣ୍ଟରନେଟ୍ ପ୍ୟାକେଜ୍ ଏବଂ ସମସ୍ତ ବିଦ୍ୟାଳୟ ଗୁଡ଼ିକର ସରକାରୀକରଣ କରି ୟୁଏଏସ୍ ପୋର୍ଟାଲ୍ ବ୍ୟବସ୍ଥା ଲାଗୁ କରାଗଲେ ଏହା ଫଳପ୍ରଦ ହେବ ବୋଲି ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶଙ୍କ ସମେତ ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ.କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ରମାକାନ୍ତ ଲେଙ୍କା, ପ୍ରସନ୍ନ ତ୍ରିପାଠୀ, ଗଦାଧର ଶତପଥି ଏବଂ ମଧୁସୂଦନ ଦେ ପ୍ରମୁଖ ଦୃଢ଼ ଦାବି କରିଛନ୍ତି ।

# ଜିଲ୍ଲାସ୍ତରୀୟ ମହିଳା ସୁରକ୍ଷା ଆଇନ ତାଲିମ କାର୍ଯ୍ୟକ୍ରମ

କଟକ,୨୫।୯ (ନି.ପ୍ର) : ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ପ୍ରଣୟନ ଆଇନ -୨୦୦୫ ସଂପର୍କରେ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ସମାଜରେ ନାରୀମାନଙ୍କର ସୁରକ୍ଷିତ ଓ ନିରାପଦ ଜୀବନ ଜାପନ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ବିଭିନ୍ନ ସାମାଜିକ ଅନୁଷ୍ଠାନମାନଙ୍କ ସହାୟତାରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସଚେତନତା ଅବଲମ୍ବନ ସହ କର୍ମଶାଳା ଓ ପ୍ରଶିକ୍ଷଣ ଆୟୋଜନ କରାଯାଉଛି । ନାରୀମାନଙ୍କ ଉପରେ ହେଉଥିବା ଘରୋଇ ହିଂସା, ଅନ୍ୟାୟ, ଅତ୍ୟାଚାର କୁ ବନ୍ଦ କରିବା ପାଇଁ ମହିଳା ସୁରକ୍ଷା ଆଇନର ପ୍ରଚଳନ କରାଯାଉଛି । ପୋଲିସ ଏବଂ ଅବକାରୀ ବିଭାଗ ବିଶେଷ ଭାବେ ତତ୍ପରତାର ସହ ମହିଳାଙ୍କ ସୁରକ୍ଷା ନିମନ୍ତେ ଆଇନ ପ୍ରଚଳନ ପାଇଁ ପ୍ରତିବଦ୍ଧତା ଅବଲମ୍ବନ କରିବା ଓ ଦୃଢ ପଦକ୍ଷେପ ଗ୍ରହଣ କରିବା ସଂପର୍କରେ ତଥା ଆବଶ୍ୟକସ୍ଥଳେ ଘରୋଇ ହିଂସାର ଶିକାର ହୋଇଥିବା ମହିଳାମାନଙ୍କୁ ଆଶ୍ରୟ ଗୃହ ମାନଙ୍କରେ ଥଇଥାନ କରିବା ଏବଂ ଏଥିସମ୍ବନ୍ଧୀୟ ଆଇନରେ ଥିବା ସମସ୍ତ ବ୍ୟବସ୍ଥା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସମ୍ବନ୍ଧରେ ସଂଶାଧନ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଆଜିର ଏହି ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଅଧ୍ୟକ୍ଷତା କରି ନାରୀ ସଶକ୍ତିକରଣ, ସମାଜରେ ନାରୀମାନଙ୍କୁ ସମ୍ମାନ ପ୍ରଦାନ ଏବଂ ନାରୀ ସେବା ଓ ସେମାନଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ । ସାମାଜିକ ବିକାଶ ଅନୁଷ୍ଠାନ(ISD)ର ନିର୍ଦ୍ଦେଶକ ଶ୍ରୀମତୀ ଶୁଭଶ୍ରୀ ଦାସ ଏବଂ ଉପ ଆରକ୍ଷୀ ଅଧିକ୍ଷକ ସହରାଞ୍ଚଳ ଶ୍ରୀମତୀ ସସ୍ମିତା ବାରିକ ସଂଶାଧନ ବିଶେଷଜ୍ଞ ଭାବେ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜ୍ୟୋତ୍ସ୍ନା ନାଏକ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ରଞ୍ଜନ କୁମାର ସ୍ୱାଇଁ, ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ବବିତା ଜେନା, ସୁରକ୍ଷା ଅଧିକାରୀ ସସ୍ମିତା କୁମାରୀ ପାତ୍ର ଏବଂ କାର୍ଯ୍ୟକ୍ରମ ଅଧିକାରୀ ସ୍ୱର୍ଣ୍ଣମୟୀ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ତାଲିମ କାର୍ଯ୍ୟର ସମସ୍ତ ଆୟୋଜନରେ ସହଯୋଗ କରିଥିଲେ ।



# ଐତିହାସିକ ବାଲିଯାତ୍ରା-୨୦୨୫ ପ୍ଲଟ ନିଲାମ ନିୟମ ଏବଂ ସର୍ତ୍ତାବଳୀ ସମ୍ବନ୍ଧୀୟ ସୂଚନା

କଟକ,୨୫।୯ (ନି.ପ୍ର) : ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଆସନ୍ତା ନଭେମ୍ବର ୫ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆବଣ୍ଟନ ହେବାକୁ ଥିବା ପ୍ଲଟ ନିଲାମ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିୟମ ଓ ସର୍ତ୍ତାବଳୀ ଲାଗୁ କରାଯାଇଛି। ଏଥି ସମ୍ବନ୍ଧୀୟ ସମସ୍ତ ସୂଚନା ଆଜି ପ୍ରେସ ବିବୃତି ମାଧ୍ୟମରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ତଥା ବାଲିଯାତ୍ରା ପ୍ଲଟ ଆବଣ୍ଟନ କମିଟି ଅଧ୍ୟକ୍ଷ ଡ଼ଃ ଦିବ୍ୟଲୋଚନ ମହାନ୍ତ ପ୍ରଦାନ କରିଛନ୍ତି।

ସୂଚନା ମୁତାବକ ପ୍ଲଟ ଆବଣ୍ଟନ ନିମନ୍ତେ ପଞ୍ଜିକରଣ କାର୍ଯ୍ୟ ସେପ୍ଟେମ୍ବର ୨୬ତାରିଖଠାରୁ ଆରମ୍ଭ ହୋଇ ଅକ୍ଟୋବର ୬ ତାରିଖ ପର୍ଯ୍ୟନ୍ତ ହାଇବ୍ରିଡ ମୋଡ଼ (ଉଭୟ ଅନଲାଇନ ଓ ଅଫଲାଇନ) ଜରିଆରେ କରାଯିବାକୁ ସ୍ଥିର କରାଯାଇଅଛି । ଆବେଦନକାରୀ ପଞ୍ଜିକରଣ ନିମନ୍ତେ ଆବେଦନପତ୍ର ସହିତ ବାରବାଟି ଷ୍ଟାଡିୟମ ସନ୍ନିକଟ ବାରବାଟି ପ୍ୟାଲେସଠାରେ ସରକାରୀ ଛୁଟିଦିନ ବ୍ୟତୀତ ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ଦୈନିକ ପୂର୍ବାହ୍ନ ୧୧ ଘଟିକାଠାରୁ ଅପରାହ୍ନ ୫ଘଟିକା ମଧ୍ୟରେ ଦାଖଲ କରିପାରିବେ ଓ ପଞ୍ଜିକରଣ ପତ୍ର ଗ୍ରହଣ କରିପାରିବେ। ଚଳିତ ବର୍ଷ ନିଲାମ ପ୍ରକ୍ରିୟା ସର୍ବନିମ୍ନ ୪୦ ଟଙ୍କା, ୫୦ଟଙ୍କା ଓ ୬୦ ଟଙ୍କା ରଖାଯାଇ ଆସନ୍ତା ଅକ୍ଟୋବର ୧୩ତାରିଖଠାରୁ ଆରମ୍ଭ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଡଃ ମହାନ୍ତ ସୂଚନା ଦେଇଛନ୍ତି। ଏତଦବ୍ୟତିତ ଛୋଟ ଛୋଟ ବ୍ୟବସାୟୀ ମାନଙ୍କୁ ୮୦ ବର୍ଗଫୁଟ ପର୍ଯ୍ୟନ୍ତ ଜାଗା ୧୫୦୦ ଟଙ୍କା ହିସାବରେ ଯୋଗାଇ ଦିଆଯିବାକୁ ସ୍ଥିର କରାଯାଇଥିବା ସେ ଗଣମାଧ୍ୟମକୁ ଜଣାଇଛନ୍ତି।

ପ୍ରେସ ବିବୃତି ପ୍ରଦାନ ସମୟରେ ପ୍ଲଟ ଆବଣ୍ଟନ କମିଟିର ଅନ୍ୟ ସଦସ୍ୟ କଟକ ସଦର ଉପଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କଟକ ସଦର ତହସିଲଦାର ଶ୍ରୀ ଦେବଦତ୍ତ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଡେପୁଟି କଲେକ୍ଟର ଶ୍ରୀମତି ପ୍ରଜ୍ଞା ପାରମିତା ଥାଟୋଇଙ୍କ ସମେତ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିନା କାରଣରେ ଟ୍ରେନ ଶୃଙ୍ଖଳ (ଚେନ୍) ଟାଣନ୍ତୁ ନାହିଁ

## ଆପଣଙ୍କ ଯାତ୍ରା, ସମସ୍ତଙ୍କ ସମୟାନୁବର୍ତ୍ତିତା : ପୂର୍ବତଟ ରେଳପଥ

ଭୁବନେଶ୍ୱର,୨୫।୯(ନି.ପ୍ର.): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଯାତ୍ରୀ ଏବଂ ସାଧାରଣ ଲୋକଙ୍କୁ ଯାତ୍ରା ସମୟରେ ଟ୍ରେନରେ ଆଲାର୍ମ ଚେନ୍ ପୁଲିଂ (ଇଉଚ) ସୁବିଧାର ଅପବ୍ୟବହାର ନକରିବାକୁ ଅନୁରୋଧ କରିଛି । ଆଲାର୍ମ ଚେନ୍ ବାରମ୍ବାର ଟାଣିବା ଦ୍ୱାରା ଟ୍ରେନଗୁଡ଼ିକ ଅନାବଶ୍ୟକ ଭାବରେ ଅଟକ ରହେ ଯାହାଦ୍ୱାରା ସମୟାନୁବର୍ତ୍ତିତା ପ୍ରଭାବିତ ହୁଏ ଏବଂ ହଜାର ହଜାର ଯାତ୍ରୀଙ୍କୁ ଅସୁବିଧା ହୁଏ ।

କେବଳ ୨୪ ସେପ୍ଟେମ୍ବର ୨୦୨୫ (ବୁଧବାର) ଦିନ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ଆଲାର୍ମ ଚେନ୍ ପୁଲିଂର ୧୦ ଟି ମାମଲା ରୁଜୁ ହୋଇଥିଲା । ଏଥିମଧ୍ୟରୁ ୫ ଜଣଙ୍କୁ ସେମାନଙ୍କ ବେଆଇନ କାର୍ଯ୍ୟ ପାଇଁ ଗିରଫ କରାଯାଇଥିଲା । ଚେନ୍ ପୁଲିଂ କେବଳ ଚିକିତ୍ସା ସହାୟତା, ଅଗ୍ନି ବିପଦ କିମ୍ବା ସୁରକ୍ଷା ଚିନ୍ତା ଭଳି ପ୍ରକୃତ ଜରୁରୀକାଳୀନ ପରିସ୍ଥିତି ସମୟରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ । ତଥାପି, ଏହି ସୁବିଧାର ଅପବ୍ୟବହାର କେବଳ ସୁଗମ ଟ୍ରେନ ପରିଚାଳନାକୁ ବାଧା ଦିଏ ନାହିଁ ବରଂ ରେଳ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇଥାଏ । ଖୋର୍ଦ୍ଧାରୋଡ୍ ରେଳମଣ୍ଡଳରେ ଆଲାର୍ମ ଚେନ୍ ପୁଲିଂ ମାମଲାଗୁଡ଼ିକର ପରିସଂଖ୍ୟାନ: ୨୦୨୪




କ୍ୟାଲେଣ୍ଡର ବର୍ଷରେ, ଚେନ୍ ପୁଲିଂ ପାଇଁ ୧୭୬୧ ଜଣଙ୍କୁ ଗିରଫ କରାଯାଇଥିଲା ଏବଂ ମୋଟ ? ୮,୧୪,୮୦୦/- ଜରିମାନା ଆଦାୟ କରାଯାଇଥିଲା । ୨୦୨୫ ରେ (୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ), ଚେନ୍ ପୁଲିଂ ମାମଲାରେ ୧୪୮୦ ଜଣଙ୍କୁ ଗିରଫ କରାଯାଇସାରିଛି । କେବଳ ୨୦୨୫ ସେପ୍ଟେମ୍ବରରେ, ୭୮ ଜଣଙ୍କୁ ଇଉଚ ପାଇଁ ଗିରଫ କରାଯାଇଥିଲା ଯାହା ଫଳରେ ଟ୍ରେନଗୁଡ଼ିକ ବାରମ୍ବାର ଅଟକ ରହିଥିଲା ଏବଂ ରେଳମଣ୍ଡଳରେ ଟ୍ରେନ ଚଳାଚଳର ସମୟାନୁବର୍ତ୍ତିତାକୁ ପ୍ରଭାବିତ କରିଥିଲା ।

ପୂର୍ବତଟ ରେଳପଥ ଯାତ୍ରୀମାନଙ୍କୁ ଆଲାର୍ମ ଚେନ୍ ପୁଲିଂର ପରିଣାମ ବିଷୟରେ ସଚେତନ କରିବା ପାଇଁ ନିରନ୍ତର ସଚେତନତା ଅଭିଯାନ ଚଳାଇ ଆସୁଛି । ଏହି ସୁବିଧାର ଅପବ୍ୟବହାର କେବଳ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଆକର୍ଷିତ କରେ ନାହିଁ ବରଂ ସହଯାତ୍ରୀମାନଙ୍କୁ କଷ୍ଟ ମଧ୍ୟ ପହଞ୍ଚାଇଥାଏ ।

ପୂର୍ବ ତଟ ରେଳପଥ ସମସ୍ତ ଯାତ୍ରୀ ଏବଂ ନାଗରିକଙ୍କୁ ଟ୍ରେନରେ ଆଲାର୍ମ ଚେନ୍ ଅପବ୍ୟବହାର କରିବାରୁ ନିବୃତ୍ତ ରହିବାକୁ ଅନୁରୋଧ କରୁଛି । ସମସ୍ତଙ୍କ ହିତ ପାଇଁ ସୁରକ୍ଷିତ, ସମୟାନୁବର୍ତ୍ତୀ ଏବଂ ସୁଗମ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଜନସାଧାରଣଙ୍କ ପ୍ରକୃତ ସହଯୋଗ ଜରୁରୀ ।

## ୫.୨ କେଜି ଗଞ୍ଜେଇ ଜବତ,ଜଣେ ଗିରଫ

ଯୋଡା :କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାରାଣୀ ପଟ୍ଟାୟତ ଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ରେଞ୍ଜ ଅବକାରୀ ନିରୀକ୍ଷକ ଏଚ୍.ଜାଗା.ରାଓ ଙ୍କ ତତ୍ତ୍ୱାବଧାନ ରେ ଯୋଡ଼ା ଅବକାରୀ ଅଧିକାରୀ ପ୍ରଶାନ୍ତ କୁମାର ପରିଡା , ଚମ୍ପୁଆ ଏବଂ ଯୋଡ଼ା ଅବକାରୀ ଟିମ ମିଳିତ ଭାବେ ଯାଞ୍ଚ କରୁଥିବା ବେଳେ ଯୋଡ଼ା ସ୍ଥିତ ହନୁମାନ ହୋଟିଂ ନିକଟରେ ୫.୨କେଜି ଗଞ୍ଜେଇ ଜବତ କରି ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।ଅଭିଯୁକ୍ତ ଜଣକ ଯୋଡ଼ା ସ୍ଥିତ ହନୁମାନ ହୋଟିଂ ଅଞ୍ଚଳର ଯୁଗେନ ପ୍ରଧାନ ବୟସ (୫୯) ବୋଲି ଜଣା ପଡ଼ିଛି ।ତେବେ ଏଚ୍.ଜାଗା.ରାଓ କହିଛନ୍ତି ଯେ ଅଭିଯୁକ୍ତ ଯୁଗେନ ପ୍ରଧାନ ପୂର୍ବରୁ ଚୋରା ଭାବେ ଗଞ୍ଜେଇ ଚାଲାଣ କରିଆସୁଥିଲେ ।କିନ୍ତୁ ବିଶେଷ ସୂତ୍ରରୁ ଖବର ପାଇ ଗଞ୍ଜେଇ ଚାଲାଣ ବେଳେ ତାଙ୍କ ଠୁ ବିପୁଳ ମାତ୍ରା ରେ ଗଞ୍ଜେଇ ଜବତ କରି ଏକ ଏନ. ଡି. ପି.ଏସ କେସ ମାମଲା ରୁଜୁ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଛି ।

# ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ପାଇଁ ଜନସଚେତନତା ରାଲି ଏବଂ 'ଏକ ଦିନ, ଏକ ଘଣ୍ଟା, ଏକ ସାଥ' ପାଳନ ଅଭିଯାନ

ଭୁବନେଶ୍ୱର,୨୫।୯(ନି.ପ୍ର.):'ଏକ ଦିନ, ଏକ ଘଣ୍ଟା, ଏକ ସାଥ' ଦେଶବ୍ୟାପୀ ଅଭିଯାନର ଅଂଶ ସ୍ୱରୂପ ଆଜି ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନରେ ଏକ ଜନସଚେତନତା ରାଲି ଏବଂ ଶ୍ରମଦାନ ଆୟୋଜନ କରାଯାଇଥିଲା । ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଆଲୋକ ତ୍ରିପାଠି ଆଜି ପୂର୍ବାହ୍ନରେ ଖରଡ଼ା ରୋଡ୍ ରେଳ ଷ୍ଟେସନ ଠାରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ପି. କେ. ବେହରା ଏବଂ ଶ୍ରୀ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ସହ ସମସ୍ତ ଶାଖା ଅଧିକାରୀ, ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଉତ୍ସାହଜନକ ଅଂଶଗ୍ରହଣରେ ଏହି ଅଭିଯାନର ନେତୃତ୍ୱ ନେଇଥିଲେ । ଏହି ରାଲିରେ ସ୍ୱଚ୍ଛତା, ପରିମଳ ଏବଂ ରେଳ ପରିସରରେ ପ୍ଲାଷ୍ଟିକ୍ ବ୍ୟବହାରକୁ ନିରୁତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମ ସମୟରେ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ତ୍ରିପାଠି ପରିବେଶଗତ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ପ୍ଲାଷ୍ଟିକ୍ ବ୍ୟବହାର ବିରୁଦ୍ଧରେ ସଚେତନତା ପ୍ରସାର କରିବା ପାଇଁ ଯାତ୍ରୀମାନଙ୍କୁ ପରିବେଶ



ଅନୁକୂଳ ଝୋଟ ବ୍ୟାଗ ବଣ୍ଟନ କରିଥିଲେ ।

ସଚେତନତା ରାଲି ପ୍ଲାଟଫର୍ମ ନମ୍ବର ୧ ର ନୂତନ ପ୍ରବେଶ ପଥରୁ ଆରମ୍ଭ ହୋଇ ପୁରୁଣା ପ୍ରବେଶ ପଥ ଦେଇ ଆଗକୁ ବଢ଼ି ରେଳ କୋଚ୍ କ୍ୟାଣ୍ଟିନ୍ ସମ୍ମୁଖରେ ଶେଷ ହୋଇଥିଲା । ରେଳ କୋଚ୍ କ୍ୟାଣ୍ଟିନ୍ ଅଞ୍ଚଳରେ ଏହାର ଆଖପାଖ ସ୍ଥାନ ଏବଂ ସାଇକେଲ ଷ୍ଟାଣ୍ଡ ମାନଙ୍କରେ ଏକ ବିଶାଳ ଶ୍ରମଦାନ ଅଭିଯାନ କରାଯାଇଥିଲା । ଏହା ସହିତ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମଧ୍ୟ ରେଳ କଲୋନୀଗୁଡ଼ିକରେ ଘର ଘର ବୁଲି ସଚେତନତା ଅଭିଯାନ ଆରମ୍ଭ କରିଥିଲା ଯାହାଦ୍ୱାରା ବାସିନ୍ଦାମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା, ପରିମଳ ଏବଂ ଏକକ ବ୍ୟବହାର ପ୍ଲାଷ୍ଟିକ୍ ବର୍ଜନ ବିଷୟରେ ସଚେତନ କରାଯାଇଥିଲା । ଏହି ପଦକ୍ଷେପରେ ସାମୂହିକ ଅଂଶଗ୍ରହଣ ଦେଖାଯାଇଥିଲା ଏବଂ ଏକ ସ୍ୱଚ୍ଛ ଏବଂ ସବୁଜ ପରିବେଶର ଦୃଷ୍ଟିକୋଣ ପ୍ରତି ପୂର୍ବତଟ ରେଳବାଇର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରାଯାଇଥିଲା ।

# ଶବକୁ ମିଳିଲାନି ସମ୍ମାନ

ନବରଙ୍ଗପୁର,୨୫।୯(ନି.ପ୍ର.): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରୁ ଆସିଛି ଏକ ଅଭାବନୀୟ ଦୃଶ୍ୟ । ବର୍ଷାରେ ଭିଜି ଭିଜି ମଟରସାଇକେଲ ଯୋଗ ନିଅ ଯାଉଛି ଶବ ସଚେତନତା ଅଭାବ ଯୋଗୁଁ ଶବ ବାହକ ଗାଡି କୁ ଖବର ନ ଦେଇ ନିଜ ସାମର୍ଥ୍ୟ ଅନୁଯାୟୀ ଯୋଗାଡ଼ କରି ବାଇକ ପଛରେ ଶବ ବାନ୍ଧି ନେଇଛନ୍ତି । ସୂଚନା ଅନୁଯାଇ ରାଇଘର ବ୍ଲକ କୁନ୍ଦେଇ ପଂଚାୟତ ର ସମ୍ବଲପୁର ଗ୍ରାମର ଭାନୁବାଇ ରାଉତ ବୟସ ୭୦ ବର୍ଷ ନିଜ ଝିଅ ଘର ତାରାଙ୍ଗପୁରୀ ଗ୍ରାମରେ ରହୁଥିଲେ ତେବେ ଆଜି ଭାନୁବାଇ ଙ୍କ ମୃତ୍ୟୁ ଘଟିଥିଲା ପରେ ଭାନୁବାଇଙ୍କ ପୁଅ ମୃତ ଶରୀରକୁ ଏକ ମଟର ସାଇକେଲ ଯୋଗେ ବର୍ଷାରେ ଭିଜି ଭିଜି ପାଞ୍ଚ କିଲୋମିଟର ଦୂର ତାରାଙ୍ଗପୁରୀ ଗ୍ରାମରୁ ସମ୍ବଲପୁର ନିଜ ଗ୍ରାମକୁ ନେଉଥିବାର ଦୃଶ୍ୟ ଦେଖିବାକୁ



ମିଳିଛି । ଗାଁ ସ୍ମଶାନ ରେ ମା ଙ୍କ ଅନ୍ତିମ ସଂସ୍କାର କରିବାକୁ ଏହି ପାରି ପଦକ୍ଷେପ ନେଇଥିଲେ ବୋଲି ଜଣା ପଡିଛି । ଏଠାରେ କହିବା ଗଲେ ଅଂଚଳରେ ସଚେତନତା ର ଅଭାବ ଯୋଗୁଁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି , ଏବଂ ନିଜେ ପରିବାର ଲୋକେ କୌଣସି ସରକାରୀ ଶବ ବୁହା ଗାଡି କୁ ନ କହି ଏମିତି ମଟରସାଇକେଲ ଯୋଗେ ନେଇ ଯିବା ଦୃଶ୍ୟ ଦେଖିବାକୁ ମିଳିଛି । ଯାହା ଫଳରେ ଏହାକୁ ବୁଦ୍ଧିଜିବି ମହଲରେ ନିନ୍ଦା ପ୍ରକାଶ ପାଇଛି ।

## ସ୍ୱାସ୍ଥ୍ୟ ସେବାରେ ଫାର୍ମାସିଷ୍ଟମାନଙ୍କ ଭୂମିକା ଅନେକ ଗୁରୁତ୍ୱପୂର୍ଣ୍ଣ: ସୋଆ ଉପସଭାପତି

ଭୁବନେଶ୍ୱର,୨୫।୯(ନି.ପ୍ର.): ସ୍ୱାସ୍ଥ୍ୟ କଥା ଚିନ୍ତା କଲାବେଳେ ଫାର୍ମାସିଷ୍ଟମାନଙ୍କ କଥା ଚିନ୍ତା କରିବାକୁ ପଡ଼ିବ କାରଣ ସେମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଠିକ୍ ଅନୁପାତର ଔଷଧ ହିଁ ରୋଗ ଉପଶମ କରିବାରେ ସହାୟକ ହୋଇଥାଏ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତି ଦାସ ମତ ବ୍ୟକ୍ତ କରିଛନ୍ତି । ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଫାର୍ମାସୀ ବିଭାଗ ପକ୍ଷରୁ ଗୁରୁବାର ଆୟୋଜିତ ବିଶ୍ୱ ଫାର୍ମାସିଷ୍ଟ ଦିବସ 'ଏଲିକ୍‌ଜିର -୨୦୨୫' ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ କହିଥିଲେ ଯେ ଏହି କାର୍ଯ୍ୟକ୍ରମର ନାମ 'ଏଲିକ୍‌ଜିର' ହିଁ ଫାର୍ମାସିଷ୍ଟମାନଙ୍କର କାର୍ଯ୍ୟକୁ ପ୍ରତିପାଦିତ କରୁଛି ।

ଚିକିତ୍ସା ପଦ୍ଧତିରେ ଡାକ୍ତରମାନଙ୍କ ଦ୍ୱାରା ଲିଖିତ ପ୍ରେସ୍କ୍ରିପ୍‌ସନ୍ ଅନୁସାରେ ଔଷଧ ପ୍ରଦାନ ଓ ସେଗୁଡ଼ିକ ସେବନ କରିବାର ବିଧି ଫାର୍ମାସିଷ୍ଟମାନେ ହିଁ ନିରୂପଣ କରିଥାନ୍ତି । ନିଷ୍ଠାର ସହ ଏହି କାର୍ଯ୍ୟକୁ ସେମାନେ ତୁଲାଇବା ଦ୍ୱାରା ସମାଜର ପ୍ରଭୂତ ଉପକାର ସାଧନ କରୁଛନ୍ତି ବୋଲି ଶ୍ରୀମତି ଦାସ କହିଥିଲେ ।

ଚଳିତ ବର୍ଷର ବିଶ୍ୱ ଫାର୍ମାସିଷ୍ଟ ଦିବସର ପ୍ରସଙ୍ଗ 'ଥିଙ୍କ ହେଲ୍‌ଥ, ଥିଙ୍କ ଫାର୍ମାସିଷ୍ଟ' ସମ୍ପର୍କରେ ମତ ବ୍ୟକ୍ତ କରି ଶ୍ରୀମତି ଦାସ କହିଥିଲେ ଯେ ଫାର୍ମାସିଷ୍ଟମାନଙ୍କର ଭୂମିକାକୁ ଶ୍ରେୟ ଦେବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୫ ତାରିଖକୁ ବିଶ୍ୱ ଫାର୍ମାସିଷ୍ଟ ଦିବସ ରୂପେ ପାଳନ କରାଯାଉଛି । ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଫାର୍ମାସିଷ୍ଟମାନେ ଯେଉଁଭଳି ଭାବେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଆସୁଛନ୍ତି ସେଥି ନିମନ୍ତେ ମୁଁ ସେମାନଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ସୋଆ ଉପସଭାପତି କହିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶାର ଡ୍ରଗ୍ସ କଂଟ୍ରୋଲର ଶ୍ରୀମତି ମାମିନା ପଟ୍ଟନାୟକ ବକ୍ତା ଭାବେ ଯୋଗ ଦେଇ ଫାର୍ମାସିଷ୍ଟମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହ ବର୍ତ୍ତମାନର ଯୁବପିଢ଼ିମାନଙ୍କ ଠାରୁ ଦୂରେଇ ରହିବା ଉପରେ ମତ ରଖିଥିଲେ । ଏଥିରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ସହ ଫାର୍ମାସିଷ୍ଟମାନେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ପ୍ରମୁଖ ଦାୟିତ୍ୱ ବହନ କରିଥାନ୍ତି ବୋଲି କହିଥିଲେ । ସୋଆ ଫାର୍ମାସୀ ବିଭାଗର ମୁଖ୍ୟ ଡକ୍ଟର ଯଜ୍ଞସେନ୍ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିବା ଅବସରରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ ।

# କପିଳଦେବଙ୍କୁ ଭେଟିଲେ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୫।୯(ନି.ପ୍ର.): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନୂଆଦିଲ୍ଲୀ ଠାରେ ଭାରତର ପୂର୍ବତନ କ୍ରିକେଟ୍ ଅଧିନାୟକ ତଥା ମହାନ ଅଲରାଉଣ୍ଡର କପିଲ ଦେବ ଏବଂ ପ୍ରଫେସନାଲ ଗଲ୍ଫ ଟୋର୍ ଅଫ୍ ଇଣ୍ଡିଆ(ପିଜିଟିଆଇ)ର ସିଇଓ ଅମନଦୀପ ସିଂହ ଜୋହଲଙ୍କୁ ସାକ୍ଷାତ୍ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି ।ଏହି ଅବସରରେ କ୍ରୀଡ଼ାଭିତ୍ତିକ ଶିକ୍ଷା, ଶାରୀରିକ ସୁସ୍ଥତା, ଖେଳ ପରମ୍ପରାକୁ ସୁଦୃଢ଼ କରିବା ଉପରେ ଚର୍ଚ୍ଚା ହୋଇଥିଲା । ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ କିପରି ବିଦ୍ୟାଳୟ ପାଠ୍ୟକ୍ରମରେ କ୍ରୀଡ଼ାକୁ ଏକ ଅଂଶ ଭାବରେ ସାମିଲ କରୁଛି, ସେନେଇ ସକରାତ୍ମକ ଆଲୋଚନା କରାଯାଇଥିଲା । ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି, କ୍ରୀଡ଼ା କେବଳ ମନୋରଞ୍ଜନ ନୁହେଁ, ଏହା ଶିକ୍ଷା ଏବଂ



ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଖେଳ ମାଧ୍ୟମରେ ପିଲାମାନେ ଅନୁଶାସନ ଏବଂ ନେତୃତ୍ୱ ନେବା ଭଳି ଗୁଣ ଶିଖିପାରିବେ । ଆଜିର ବୈଠକରେ ଜାତୀୟ ଶିକ୍ଷା ନୀତି କ୍ରୀଡ଼ା-ସମନ୍ୱିତ ଶିକ୍ଷା ମାଧ୍ୟମରେ ସାମଗ୍ରିକ ବିକାଶକୁ କିପରି ପ୍ରୋତ୍ସାହିତ କରୁଛି, ସେ ସମ୍ପର୍କରେ ବିଶେଷ ଭାବେ ଆଲୋଚନା ହୋଇଥିଲା । ଏହି ନୀତି ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରୁଛି ବୋଲି ସେ କହିଥିଲେ ।

# ନିଯୁକ୍ତି, ଥଇଥାନ ନହେବା ପର୍ଯ୍ୟନ୍ତ ନାଲକୋକୁ ନାଣ୍ଡିଛୋଡ଼ ମନା

ଅନୁଗୋଳ : ଛେଣ୍ଡିପଦା ବ୍ଲକ ବରପଦା ପଞ୍ଚାୟତର ନାଣ୍ଡିଛୋଡ଼ ଓରଫ ଗୋପୀବଲ୍ଲଭପୁର ଗ୍ରାମର କ୍ଷତିଗ୍ରସ୍ତ ବିସ୍ଥାପିତଙ୍କୁ ନିଯୁକ୍ତି ଥଇଥାନ ଓ ବନ୍ଦ କରାଯାଇଥିବା ଗାଁ ରାସ୍ତା ଖୋଲିବା ଆଦି ଦାବି ପୂରଣ ନହେବା ପର୍ଯ୍ୟନ୍ତ ଗ୍ରାମବାସୀ ନାଲକୋ କମ୍ପାନିକୁ ଗାଁରେ ପୂରେଇ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଗତ ଜୁଲାଇ ୧୮ ତାରିଖ ଦିନ ଉପଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ତହସିଲଦାର ମାନସ ରାୟ, ନିଶା ଶିଳ୍ପାଞ୍ଚଳ ଥାନା ଆଇଆଇସି ବିବେକାନନ୍ଦ ମହନ୍ତଙ୍କ ଉପସ୍ଥିତିରେ ଗ୍ରାମବାସୀ ଓ କମ୍ପାନି ଅଧିକାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ତିନିଦିନ ମଧ୍ୟରେ ନିଯୁକ୍ତି, ଥଇଥାନ ଦାବି ପୂରଣ ସହିତ ବନ୍ଦ ହୋଇଥିବା ରାସ୍ତାକୁ ପୂର୍ବଭଳି ଖୋଲାଯିବାକୁ କମ୍ପାନି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ବୈଠକରେ ଦୁଇମାସ ବିତିଯାଇଥିଲେ ମଧ୍ୟ ପ୍ରତିଶ୍ରୁତି ପୂରଣ ହୋଇପାରି ନଥିବା ବେଳେ ଆଜି କମ୍ପାନି ଅଧିକାରୀ ।ସି କ୍ଷତିପୂରଣ ଟଙ୍କା ଉଠେଇବାକୁ କହିଥିଲେ । ସମସ୍ତ ପ୍ରତିଶ୍ରୁତି ପାଳନ ପରିବର୍ତ୍ତେ କେବଳ କ୍ଷତିପୂରଣ ଗ୍ରାମକୁ ଟଙ୍କା ଉଠେଇବାକୁ କହିବାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । କମ୍ପାନି ଅଧିକାରୀଙ୍କୁ ବିରୋଧ କରବା ସହିତ ଗ୍ରାମ ସଭାପତି ଟୁଟୁ ଗଡ଼ନାୟକ, କ୍ଷତିଗ୍ରସ୍ତ, ବିସ୍ଥାପିତ ପ୍ରଜାସଙ୍ଘ ସଭାପତି କୈଳାସ ଚନ୍ଦ୍ର ଗଡ଼ନାୟକ, ଉପସଭାପତି ଅଙ୍ଗଦ ଗଡ଼ନାୟକ, ସମ୍ପାଦକ ବାସୁଦେବ ଗଡ଼ନାୟକ, ସହସମ୍ପାଦକ ନରେଶ ଚନ୍ଦ୍ର ଗଡ଼ନାୟକ ଓ ସମସ୍ତ ଗ୍ରାମବାସୀଙ୍କ ଉପସ୍ଥିତିରେ ସମସ୍ତ ପ୍ରତିଶ୍ରୁତି ପାଳନ ନହେବା ପର୍ଯ୍ୟନ୍ତ କମ୍ପାନି ଅଧିକାରୀଙ୍କୁ ଗାଁକୁ ପୁରାଇ ଦେବୁନାହିଁ ।

# ଆବଶ୍ୟକୀୟ ଭିତ୍ତିଭୂମି ନ ଯୋଗାଇ ୟୁ.ଏ.ଏସ୍. ଲାଗୁ କରାଯିବାକୁ ଓଷ୍ଟାର ବିରୋଧ

ଭୁବନେଶ୍ୱର,୨୫।୯(ନି.ପ୍ର.): ଆବଶ୍ୟକୀୟ ଭିତ୍ତିଭୂମି ନ ଯୋଗାଇ ବିଦ୍ୟାଳୟ ସ୍ତରରେ ନୂତନ ଭାବେ ଲାଗୁ କରାଯାଉଥିବା ୟୁଏଏସ୍ ପୋର୍ଟାଲ୍ ବା ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ବ୍ୟବସ୍ଥାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତୀବ୍ର ବିରୋଧ କରୁଛି । ବିଦ୍ୟାଳୟଗୁଡ଼ିକରେ ଉପଯୁକ୍ତ ଭିତ୍ତିଭୂମି ଯଥା- ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି, ମୋବାଇଲ୍, ଇଣ୍ଟରନେଟ୍, କମ୍ପ୍ୟୁଟର ସୁବିଧା ଓ କମ୍ପ୍ୟୁଟର ଶିକ୍ଷକ ଯୋଗାଇ ୟୁଏଏସ୍ ପୋର୍ଟାଲ୍ ବ୍ୟବସ୍ଥା ଲାଗୁ କରିବାକୁ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

ୟୁଏଏସ୍ ବ୍ୟବସ୍ଥା ଶିକ୍ଷକମାନଙ୍କ ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରିବା ସହିତ ଶିକ୍ଷକ ମାନଙ୍କ ମଧ୍ୟରେ ଏକ ପରାଧୀନ ଗୋତିଶ୍ରମିକ ଭଳି ହୀନମନ୍ୟତା ସୃଷ୍ଟି କରିବ । ସମସ୍ତ ବିଭାଗର କର୍ମଚାରୀମାନଙ୍କ ପାଇଁ ଏ ବ୍ୟବସ୍ଥା ଲାଗୁ କରାନଯାଇ କେବଳ ଶିକ୍ଷକମାନଙ୍କ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରିବାଦ୍ୱାରା ଏହା, ଶିକ୍ଷକମାନଙ୍କ ପ୍ରତି ସରକାରଙ୍କର ବୈମାତୃକ ମନୋବୃତ୍ତି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ସୂଚନାଥାଉକି, ରାଜ୍ୟସରକାର ବିଦ୍ୟାଳୟ ସ୍ତରରେ ୟୁନିଫାଏଡ୍ ଅଟୋମେସନ ସିଷ୍ଟମ୍ ଲାଗୁ କରିଛନ୍ତି । ଏହା ମାଧ୍ୟମରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଦୈନିକ ଉପସ୍ଥାନ ଏକ ନିର୍ଦ୍ଦିଷ୍ଟ ସମୟରେ ପକାଇବେ ବୋଲି ଗଣଶିକ୍ଷା ବିଭାଗ ତରଫରୁ ଯେଉଁ ନିର୍ଦ୍ଦେଶନାମା ଜାରି କରାଯାଇଛି ତାହା କେତେ ଯୁକ୍ତିଯୁକ୍ତ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଠାରେ ପ୍ରଶ୍ନ ଉଠେ ଅଧିକାଂଶ ବିଦ୍ୟାଳୟରେ ଏହି ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟକରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ସୁବିଧା ନାହିଁ । ସବୁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ରାଜ୍ୟ ସରକାର ୟୁନିଫାଏଡ୍ ଅଟୋମେସନ ସିଷ୍ଟମ ପାଇଁ ମୋବାଇଲ୍ କିମ୍ବା ଟାବଲେଟ୍ ଯୋଗାଇ ଦେଇନାହାନ୍ତି । ଉପାନ୍ତ ଅଞ୍ଚଳରେ ମୋବାଇଲ୍ ନେଟ୍‌ୱର୍କ ନଥିବାରୁ ଇଣ୍ଟରନେଟ୍ କାର୍ଯ୍ୟକାରୀ କରିବା ଦୁରୁହ ବ୍ୟାପାର । ସେହିପରି ବିଦ୍ୟାଳୟ ମାନଙ୍କରେ ଉପଯୁକ୍ତ ସଂଖ୍ୟାରେ ଶିକ୍ଷକ ନାହାଁନ୍ତି । ବହୁ ଶିକ୍ଷକ ପଦବୀ ଶୂନ୍ୟ ପଡ଼ିଛି । ବିଦ୍ୟାଳୟ ମାନଙ୍କରେ ଉପଯୁକ୍ତ ସାଧନ ବା ଡିଭାଇସ୍ ନାହିଁ କି ଦକ୍ଷ ପରିଚାଳକ ମଧ୍ୟ ନିଯୁକ୍ତ ହୋଇ ନାହାଁନ୍ତି । ଏହା ସହିତ ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ଏମ୍.ଡି.ଏମ୍. ଭଳି ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟରେ ସରକାର ବାରମ୍ବାର ନିୟୋଜନ କରୁଛନ୍ତି । ଏଥିରୁ ସେମାନଙ୍କୁ ନିବୃତ୍ତ କରାଯାଉ । ଇଣ୍ଟରନେଟ୍ ସୁବିଧା ନଯୋଗାଇ କିମ୍ବା ସେଥିନିମନ୍ତେ ଆବଶ୍ୟକ ଆର୍ଥିକ ବ୍ୟବସ୍ଥା ନକରି ଏବଂ ସର୍ବୋପରି ଶିକ୍ଷକ ମାନଙ୍କର ସମସ୍ୟା ସମାଧାନ ନକରି ଏହି ବ୍ୟବସ୍ଥା ଲାଗୁ କରିବାଦ୍ୱାରା ଶିକ୍ଷକମାନେ ମାନସିକ ସ୍ତରରେ ଚାପଗ୍ରସ୍ତ ହେବେ ଓ ଶିକ୍ଷାଦାନ ବାଧାପ୍ରାପ୍ତ ହେବ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ତରଫରୁ କୁହାଯାଇଛି । ସମସ୍ତ ଶିକ୍ଷକ ସଂଗଠନମାନଙ୍କ ସହିତ ବିଚାର ବିମର୍ଷ ଓ ଆଲୋଚନା ନକରି ଏହାକୁ କାର୍ଯ୍ୟକାରୀ କରିବାର ପ୍ରୟାସରୁ ସରକାର କ୍ଷାନ୍ତ ହୁଅନ୍ତୁ । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଯେଉଁ ମସୁଧା ଚଳାଇଛନ୍ତି ସେଥିପାଇଁ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାର ବିଭିନ୍ନ ବିଦ୍ୟାଳୟମାନଙ୍କରେ ଥିବା ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତାରତମ୍ୟ ଦୂର କରନ୍ତୁ ଓ ସମସ୍ତଙ୍କୁ ସମାନ ସୁବିଧା ଯୋଗାଇବା ସହ ସମସ୍ତ ବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରି ଏହାକୁ ଲାଗୁ କରନ୍ତୁ ।

# "ସୁସ୍ଥ ନାରୀ ଏବଂ ସଶକ୍ତ ପରିବାର" ଅଭିଯାନ

ଅନୁଗୋଳ : ସୁସ୍ଥ ନାରୀ ଏବଂ ସଶକ୍ତ ପରିବାର' ଅଭିଯାନ ଅଧିନରେ ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ, ଅନୁଗୋଳର ଆନୁକୁଲ୍ୟରେ ଏକ ରକ୍ତ ଦାନ ଶିବିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅନୁଗୋଳର ଓଡିଶା ରକ୍ତ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ, ବିଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀମତୀ ଇତିଶ୍ରୀ ଗାଗରାଇ, ଜିଲ୍ଲା ଶ୍ରମ ଅଧିକାରିଣୀ (କଲ୍ୟାଣ)



ଲିରିକା ରାୟ, ଜିଲ୍ଲା ଶ୍ରମ ଅଧିକାରିଣୀ (ପ୍ରବର୍ତ୍ତନ) ଶ୍ରୀମତୀ ପ୍ରିୟମ୍ବଦା ସ୍ୱାଇଁ, ସହକାରୀ ଶ୍ରମ ଅଧିକାରୀ ଶ୍ରୀ ଦେବ ପ୍ରସାଦ ମହାନ୍ତିଙ୍କ ସମେତ ଶ୍ରମବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଭିଯାନରେ ୭୫ ଜଣ ମହିଳା ନିର୍ମାଣ ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ ପରିକ୍ଷା କରିବା ସହିତ ୧୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

# ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ଷଷ୍ଠ କାର୍ଯ୍ୟନିର୍ବାହୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୫।୯: ରାଜ୍ୟରେ ଔଷଧୀୟ ଉଦ୍ଭିଦର ସୁରକ୍ଷା, ଚାଷ, ପ୍ରଚାର ଓ ବାଣିଜ୍ୟୀକରଣକୁ ଉନ୍ନତ କରିବାରେ କାର୍ଯ୍ୟରତ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ଷଷ୍ଠ କାର୍ଯ୍ୟନିର୍ବାହୀ ବୈଠକ ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥ ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ଏହି ବୈଠକରେ ଅଧ୍ୟକ୍ଷତା କରି କହିଲେ ଯେ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ ଓଡ଼ିଶାର ସମୃଦ୍ଧ ଔଷଧୀୟ ପାରମ୍ପରିକତାକୁ ସୁରକ୍ଷା କରିବା ସହିତ ଏହାକୁ ଗ୍ରାମୀଣ ଅର୍ଥନୀତି ଏବଂ ସ୍ଥାୟୀ ବିକାଶରେ ସହଭାଗୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି । କୃଷକମାନଙ୍କୁ ପ୍ରଶିକ୍ଷଣ ଦେଇ ଔଷଧୀୟ ଉଦ୍ଭିଦ ଚାଷକୁ ବ୍ୟାପକ କରିବା ଏବଂ ଔଷଧୀୟ ଉଦ୍ଭିଦର ସଂରକ୍ଷଣ କରିବା ସହିତ ପ୍ରାକୃତିକ ବିଭିନ୍ନତାରେ ଔଷଧୀୟ ପ୍ରଜାତିଗୁଡ଼ିକୁ ସୁରକ୍ଷା କରିବା ଉପରେ ଗୁରୁତ୍ୱଆରୋପ କରିଥିଲେ କ୍ଷ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ସୂଚନା ଦେଇଥିଲେ ଯେ ପାଇଲଟ ଭାବେ ପ୍ରଥମ ବର୍ଷର ପାଣ୍ଠି ଓଡ଼ିଶା ବନାଞ୍ଚଳ ଉନ୍ନୟନ ବିକାଶ ସମିତି (ଓଉଝଉଝ) ମାଧ୍ୟମରେ କରାଯିବ । ଦ୍ୱିତୀୟ ବର୍ଷ ଠାରୁ ଏହି କାର୍ଯ୍ୟକ୍ରମକୁ ଆୟୁଷ, ପଞ୍ଚାୟତିରାଜ, ଅନୁସୂଚିତ ଜାତି ଓ ଜନଜାତି ବିକାଶ ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗ ସହିତ ସମନ୍ୱୟ ମାଧ୍ୟମରେ ସମ୍ପ୍ରସାରିତ କରାଯିବ ।

ସେ ଆହୁରି ମଧ୍ୟ ଘୋଷଣା କରିଛନ୍ତି ଯେ ବୈଷୟିକ ସହଯୋଗକୁ ମଜବୁତ କରିବା ପାଇଁ ନଭେମ୍ବର ୨୦୨୫ ପ୍ରଥମ ସପ୍ତାହରେ ଏଫଆରଏଲଏଚ୍‌ଟି (ବେଙ୍ଗାଲୁରୁ), ଆଇଆରଏମଏ (ଆନନ୍ଦ) ଏବଂ ଏମଏସଏସଆରଏଫ (ଚେନ୍ନାଇ) ସହିତ ଏମଓୟୁ ସ୍ୱାକ୍ଷରିତ ହେବ । ଏହି ପଦକ୍ଷେପ



ଅଧୀନରେ ବିକଶିତ ଉତ୍ପାଦଗୁଡ଼ିକ ରାଜ୍ୟର ନୂତନ ହର୍ବାଲ୍ ବ୍ରାଣ୍ଡ 'କଳିଙ୍ଗ ହର୍ବସ୍' ବ୍ରାଣ୍ଡ ନାମରେ ବିପଣନ କରାଯିବ । ସୁଗମତାକୁ ପ୍ରୋତ୍ସାହିତ କରିବା ପାଇଁ, ଆରପିଆରସିର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଆରପିଆରସି, ଭୁବନେଶ୍ୱରରେ ଏସଏମପିବି ଉତ୍ପାଦ ପାଇଁ ଏକ ଉତ୍ସର୍ଗୀକୃତ ବିପଣନ କେନ୍ଦ୍ର ସ୍ଥାପନ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ବୈଠକ ପ୍ରାରମ୍ଭରେ ଏସ୍ ଏମ୍ ପି ବି ର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଭି. କାର୍ତ୍ତିକ ପିପିଟି ମାଧ୍ୟମରେ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ପଞ୍ଚବାର୍ଷିକ ଭିଜନ୍ ପ୍ଲାନ୍ ଉପସ୍ଥାପନ କରିଥିଲେ କ୍ଷ ଓଡ଼ିଶାର କାର୍ଯ୍ୟନିର୍ବାହୀ ସଂସ୍ଥା ସାରା ରାଜ୍ୟରେ ଔଷଧୀୟ ଉଦ୍ଭିଦର ସଂରକ୍ଷଣ, ଚାଷ ଏବଂ ବ୍ୟବସାୟୀକରଣକୁ ମଜବୁତ କରିବା ପାଇଁ ଏହି ପଞ୍ଚବାର୍ଷିକ ଯୋଜନାକୁ ଅନୁମୋଦନ କରାଯାଇଛି । ଏହି ବୈଠକରେ ପ୍ରିନ୍ସିପାଲ୍ ଚିଫ୍ କଞ୍ଜର୍ଭେଟର୍ ଅଫ୍ ଫରେଷ୍ଟ ତଥା ହେଡ୍ ଅଫ୍ ଫରେଷ୍ଟ ଫୋର୍ସ ଶ୍ରୀ ସୁରେଶ ପନ୍ତ, ପ୍ରଧାନ ବନ ସଂରକ୍ଷକ ଶ୍ରୀ ଜି ରାଜେଶ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ଗୋରଖ ଓ୍ୱାମନ କାଲୁଙ୍ଗେ,ନିର୍ଦ୍ଦେଶକ ଆୟୁଷ, ଶ୍ରୀମତୀ ଅଞ୍ଜନା ପଣ୍ଡା ଏବଂ ଆଞ୍ଚଳିକ ଉଦ୍ଭିଦ ସାଧନ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ, ଶ୍ରୀ ସୁଧାଂଶୁ ଶେଖର ଖୋରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ତଥା -ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ଡ. ମୁରୁଗେଶନ, ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ଉପ ବନ ସଂରକ୍ଷକ, ଦେବପ୍ରିୟ କମ୍ପ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଅନୁପ କୁମାର ସାହୁ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ନାୟକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ